R.N.I. REGN. No. 65000/96 POSTAL REGN. No. OR/BN-32/12-14

09 October 2025, Thursday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୫
ତିଥି : ଦ୍ୱିତୀୟା
୦୯ ଅକ୍ଟୋବର ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

## ବିଶୃଙ୍ଖଳାକାରୀଙ୍କ ଉପରେ କଡା ନଜର ରଖ

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହିତ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସଂଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ପରିଚିତ ଓଡିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ଫ୍ୟୁ ଉଠିବା ସହିତ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୋଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ ଜାରି ରଖାଯାଉ।

ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ।

ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ (୯ ପୃଷ୍ଠାରେ)

### ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା

## ରାଜ୍ୟବ୍ୟାପୀ ଆଇନ୍‌ଜୀବୀଙ୍କ କଲମ ଛାଡ ଆନ୍ଦୋଳନ

କଟକ/ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟା ଘଟଣାରେ ରାଜ୍ୟବ୍ୟାପୀ ଆଇନ୍‌ଜୀବୀମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏହି ଘଟଣାର ଦୋଷୀମାନେ ଗିରଫ ନ ହେବା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ ଜାରି ରଖିବା ପାଇଁ ବହୁ ଯୁବ ଆଇନ୍‌ଜୀବୀ ରାଜ୍ୟ ଆଇନ୍‌ଜୀବୀ




**ବ୍ରହ୍ମପୁରରେ କ୍ୟାଣ୍ଡେଲ ଶୋଭାଯାତ୍ରା**

**ଆନ୍ଦୋଳନ ଚାଲୁ ରଖିବାକୁ ବାର୍ କାଉନ୍‌ସିଲ୍‌କୁ ଅନୁରୋଧ**

ପରିଷଦ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଓକିଲଙ୍କ ଆନ୍ଦୋଳନର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି।

ପୀତବାସ ପଣ୍ଡାଙ୍କ ହତ୍ୟାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଏହା କେବଳ ଜଣେ ଆଇନଜୀବୀଙ୍କ ହତ୍ୟା ନୁହେଁ ସମଗ୍ର ଆଇନ ସମାଜକୁ ଏହା ଅପରାଧୀଙ୍କ ଏକ ଖୋଲା ଚାଲେଞ୍ଜ। ନିର୍ଭୟରେ ଆଇନଜୀବୀମାନେ ସେମାନଙ୍କ ଦାୟିତ୍ୱ ଯେପରି ନିର୍ବାହ କରି ନପାରିବେ ସେମାନଙ୍କ କଣ୍ଠରୋଧ କରିବାକୁ ଏହା ଏକ ଉଦ୍ୟମ । ଏଭଳି ଏକ ଘଟଣା ଆଇନଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି ବୋଲି ଯୁବ ଆଇନଜୀବୀମାନେ ଉଲ୍ଲେଖ କରିଛନ୍ତି। ଯେଉଁ କଲମ ଛାଡ୍ ଆନ୍ଦୋଳନର ଡାକରା ଦିଆଯାଇଥିଲା ଏଥିରେ ଯୁବ ଆଇନଜୀବୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। 'ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ଯେଉଁ ଆପ୍ତବାକ୍ୟ ରହିଛି ଏଥିରେ ସେମାନେ ବିଶ୍ୱାସ କରନ୍ତି। ଯଦି ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାରେ ବିଳମ୍ବ ହୁଏ ତାହେଲେ ଏହାକୁ ବିଳମ୍ବିତ ନ୍ୟାୟ ବୋଲି ଧରାଯିବ। (୯ ପୃଷ୍ଠାରେ)

## ରସାୟନ ବିଜ୍ଞାନରେ ୩ ବୈଜ୍ଞାନିକଙ୍କୁ ନୋବେଲ



ନୂଆଦିଲ୍ଲୀ, ୮ ।୧୦ : ରସାୟନ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ୩ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମେଟାଲ ଅର୍ଗାନିକ୍ ଫ୍ରେମ୍ ୱାର୍କ (ଏମ୍‌ଓଏଫ୍) ଉପରେ କାର୍ଯ୍ୟ କରି ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆ ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ, ଆମେରିକା ବରକିଲ୍‌ର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ଏମ୍ ୟାଘିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ରୟାଲ୍ସ ସ୍ୱିଡିସ ଏକାଡେମୀ ଅଫ୍ ସାଇନ୍ସ ଏହି ଘୋଷଣା କରିଛି। ୩ ବୈଜ୍ଞାନିକଙ୍କୁ ୧୧ ନିୟୁତ ସ୍ୱିଡିସ କ୍ରାଉନ୍ ଅର୍ଥ ରାଶି ପ୍ରଦାନ କରାଯିବ।

ଏହି ୩ ବୈଜ୍ଞାନିକ ଏକାଠି ମିଶି ବିଭିନ୍ନ ଅଣୁଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ମିଶ୍ରଣ କରି କିଭଳି ଏକ ସଂରଚନା ସୃଷ୍ଟି କରାଯାଇପାରିବ ତାହା ଉପରେ ଗବେଷଣା କରୁଥିଲେ। ଅଣୁମାନଙ୍କ ମଧ୍ୟରେ ବଡ ସ୍ଥାନ ଓ ଛିଦ୍ର ସ୍ଥାନ ରହିଥାଏ। ଏହି ଛିଦ୍ରଗୁଡ଼ିକ ଗ୍ୟାସ୍ କିମ୍ବା ଅନ୍ୟାନ୍ୟ ରସାୟନ ପଦାର୍ଥଗୁଡ଼ିକୁ ସହଜରେ ଯିବାକୁ ଅନୁମତି ଦିଅନ୍ତି। ଏହି ସଂରଚନାକୁ ପରବର୍ତ୍ତୀ ସମୟରେ ମେଟାଲ ଅର୍ଗାନିକ୍ (୯ ପୃଷ୍ଠାରେ)

## ରାଜଧାନୀରେ ବର୍ଷିଲା, ବୁଡ଼େଇଲା

ଭୁବନେଶ୍ୱର, ୮ ।୧୦ (ସବ୍ୟୁ): ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆଜି ଭୁବନେଶ୍ୱରକୁ ଘାଇଲା କରିଛି ଘଣ୍ଟାଏ କାଳର ବର୍ଷା । ପ୍ରବଳ ବର୍ଷା ପରେ

**ଘଣ୍ଟାଏରେ ୪୦ ମିମି ବର୍ଷା**

**ରାଜ୍ୟରେ ଆଉ ୪ ଦିନ ବର୍ଷା**



ବେହାଲ ହୋଇଛି ରାଜଧାନୀ । ରାସ୍ତାରେ ପାଣି, ଘରେ ପାଣି ପଶି ଜୀବନ ଅସ୍ତବ୍ୟସ୍ତ ହୋଇଛି । ବର୍ଷା ପାଇଁ ଗାଡ଼ି ଫସିଲା, ଟ୍ରାଫିକ ଜାମ ହୋଇଛି । ଏମିତି ନାନା ସମସ୍ୟାରେ ଭୁବନେଶ୍ୱର ଆଜି ଘଣ୍ଟାଏ ବର୍ଷା ପରେ ସମ୍ମୁଖୀନ ହୋଇଥିଲା। ଆଗାମୀ ତିନିଦିନ ଯାଏଁ ଭୁବନେଶ୍ୱରରେ ପୁଣି ବର୍ଷା ହେବା ସହ ସ୍ଥିତି ସାଙ୍ଘାତିକ ହେବା ନେଇ ଆଶଙ୍କା କରାଯାଉଛି ।

ଦ୍ୱିପ୍ରହରରେ ଅନ୍ଧାର ହୋଇଗଲା ରାଜଧାନୀ । ଘଣ୍ଟାଏରେ ୪୦ ମିମି ପ୍ରବଳ ବର୍ଷିଲା, ଭସେଇଲା...ଜାମ୍ ହୋଇଗଲା ସହର । ଯିଏ ଯେଉଁଠି, ସେଇଠି ଅଟକିଲା। ସରକାରୀ କ୍ୱାର୍ଟରରେ ପଶିଲା ପାଣି । ରାଜରାସ୍ତାରେ ସୃଷ୍ଟି ହୋଇଛି ନଦୀର ଭ୍ରମ । ଏହାସହ ପ୍ରଚଣ୍ଡ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷାରେ ଉବୁଟୁବୁ ହୋଇଛି । ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଲା । ସେପଟେ ପୁଣି ଆସୁଛି ବଡ ବର୍ଷା ।

ଆଉ ଏକ ଘୂର୍ଣ୍ଣିବଳୟ ଆସନ୍ତା ୧୦ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ । ଗୋଟିଏ ଲଘୁଚାପ ପ୍ରଭାବ ସରି ଆସୁଥିବା ବେଳେ ପୁଣି ଏକ ଘୂର୍ଣ୍ଣିବଳୟ (୯ ପୃଷ୍ଠାରେ)

## କଫ୍ ସିରପ ନେଲାଣି ୨୦ ଜୀବନ

ନୂଆଦିଲ୍ଲୀ, ୮ ।୧୦ : ବିଷାକ୍ତ କଫ୍ ସିରଫରେ ଶିଶୁ ମୃତ୍ୟୁ ମାମଲା ୨୦ରେ ପହଞ୍ଚିଲାଣି। ତେବେ ଏହି ମାମଲାରେ ଏବେସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇଛି। ଡାକ୍ତରଙ୍କ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ କୋଲଡ୍ରିପ୍ କଫ୍ ସିରଫକୁ ଏବେ କିଲର ସିରଫ ଭାବେ ବର୍ଣ୍ଣନା କରାଯାଇଛି। ଯେଉଁଥିରେ ପ୍ରାୟ ବିଷାକ୍ତ ପଦାର୍ଥ ୪୮.୬% ରହିଛି। ତେଣୁ ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି।

ବିଷାକ୍ତ କଫସିରଫର ସଙ୍କଟ ଏବେ ବୃଦ୍ଧି ପାଇବାରେ ଲାଗିଛି। ମଧ୍ୟପ୍ରଦେଶରୁ ଏହା ଆରମ୍ଭ ହୋଇ ଅନ୍ୟାନ୍ୟ ରାଜ୍ୟରେ ଦେଖିବାକୁ ମିଳିଛି। ସର୍ବଭାରତୀୟ ସ୍ତରୀୟ ଡାକ୍ତରମାନଙ୍କ ସଂଗଠନ ଦାବି କରିଛନ୍ତି ଯେ ଶିଶୁ ମୃତ୍ୟୁ ପାଇଁ କେବଳ ଡାକ୍ତରଙ୍କୁ ଦାୟୀ କରିବା ଠିକ୍ ନୁହେଁ। ଏହା ଦୁର୍ଭାଗ୍ୟଜନକ। ମୃତ୍ୟୁବରଣ କରିଥିବା ଶିଶୁଙ୍କ ପରିବାରବର୍ଗଙ୍କ ପ୍ରତି ଆମେ ସମବେଦନା ଜଣାଉଛି। ଅଧିକାଂଶ ଔଷଧ କମ୍ପାନୀକୁ ନିଷିଦ୍ଧ କରିବାର ଆବଶ୍ୟକତା ରହିଛି। ମଧ୍ୟପ୍ରଦେଶରେ ଏଭଳି (୯ ପୃଷ୍ଠାରେ)

### ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୮ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୧୧୪ ପରୀକ୍ଷାର୍ଥୀ ଓ ୫ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ଏହି ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ବିଭିନ୍ନ ଓକିଲ ପୂର୍ବରୁ ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) ଅଦାଲତରେ ଆବେଦନ କରିଥିଲେ । ଆଜି ସେହି ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସରକାରୀ ଓକିଲ ଜାମିନ ଆବେଦନର ବିରୋଧ କରିଥିଲେ। ସେହିକ୍ରମରେ ଅଦାଲତର ମାଜିଷ୍ଟ୍ରେଟ ସମସ୍ତ ୧୧୯ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ପିପି ବିଶ୍ୱଜିତ ବରାଳଙ୍କ ଠାରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ଏହି ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ୩ଟି ବସରେ ଧରି ବିଜୟନଗରମ ଯାଉଥିବା ୬ ଜଣ ବସ କର୍ମଚାରୀଙ୍କ ବୟାନ ରେକର୍ଡ ହୋଇଥିବା ଜଣାପଡିଛି । ଏହି କର୍ମଚାରୀମାନେ ବସ ଭଡା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ। ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସରେ ଉଠାଇଥିଲେ। ସେହିପରି ପରୀକ୍ଷାର୍ଥୀଙ୍କୁ (୯ ପୃଷ୍ଠାରେ)

## ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିର ଉପସଭାପତି ହୋଇଛନ୍ତି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି। ଶ୍ରୀ ବିଶ୍ୱାଳଙ୍କର ରାଜନୈତିକ କ୍ଷେତ୍ରରେ ଅନେକ ଅଭିଜ୍ଞତା ରହିଛି। ସେ ପ୍ରଥମେ ତିର୍ତ୍ତୋଲ ଓ ପରେ ଜଗତସିଂହପୁରରୁ ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ଏହାଛଡା ଦଳ ପକ୍ଷରୁ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ (୯ ପୃଷ୍ଠାରେ)

## ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ଉଷ୍ମ

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ନୂଆପଡା ଉପନିର୍ବାଚନ ଲାଗି ରାଜନୈତିକ ବାତାବରଣ ବେଶ୍ ଉଷ୍ମ ହେବାରେ ଲାଗିଛି। ଉପନିର୍ବାଚନରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ଲଢ଼େଇ ହେବା ପ୍ରାୟତଃ ସ୍ପଷ୍ଟ ହୋଇଛି। ଏହି ୩ ରାଜନୈତିକ ଦଳ ଏବେ ନିର୍ବାଚନ ଜିତିବା ଲାଗି ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ତେବେ କେବଳ କଂଗ୍ରେସକୁ ଛାଡିଦେଲେ ଏ ପର୍ଯ୍ୟନ୍ତ ବିଜେଡି ଓ ବିଜେପି ସେମାନଙ୍କ ପ୍ରାର୍ଥୀ ବିଧିବଦ୍ଧ ଭାବେ ଘୋଷଣା କରିନାହାନ୍ତି।

ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ ରହିଛି। ୨୦୨୪ ନିର୍ବାଚନରେ ସ୍ୱାଧୀନ ଲଢୁଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରିଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସେ ୫୧ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସର ପ୍ରାର୍ଥୀ ହୋଇଥିବା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ଭୋଟ୍

- ▲ ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ
- ▲ ବିଜେଡି ଗଠନ କଲା କମିଟି
- ▲ ବିଜେପିରେ ଚାଲିଛି ଅଙ୍କକଷା

ପାଇଥିଲେ। ଭୋଟ୍ ସଂଖ୍ୟାକୁ ହିସାବ କରି ଯଦି ରାଜନୈତିକ ଗଣିତକୁ ବିଶ୍ଳେଷଣ କରାଯାଏ ତେବେ କଂଗ୍ରେସ ପ୍ରାର୍ଥୀ ସୁବିଧାଜନକ ସ୍ଥିତିରେ ଅଛି ବୋଲି ଯେ କେହି କହିପାରିବ। ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ଲୋକଙ୍କୁ ଭେଟିବା ସହ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷରେ ବିଜେଡି ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁତ୍ର ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆପାତତଃ ଜଣାପଡୁଛି। ତେବେ ନୂଆପଡା ଉପନିର୍ବାଚନ ପାଇଁ ବିଜେଡି ଆଜି ତିନୋଟି କମିଟି ଗଠନ କରିଛି। ଷ୍ଟିଅରିଂ କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରୀଆ, ଟୁକୁନି ସାହୁ, ନିରଞ୍ଜନ ବିସି ଓ ଆୟୁବ ଖାନ୍ ଥିବାବେଳେ ଜୋନାଲ କମିଟିରେ କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ସୁଦାମ ମାରାଣ୍ଡି, ଦେବଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରାନ୍ଧାରୀ, ରୋହିତ ପୂଜାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂହ, ବିକ୍ରମ ପଣ୍ଡା ଅଛନ୍ତି। ସ୍ଥାନୀୟ କମିଟିରେ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି। ସମ୍ଭବତଃ ଏମାନଙ୍କ କାନ୍ଧରେ ନୂଆପଡା ଉପନିର୍ବାଚନ ଦାୟିତ୍ୱ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନ୍ୟସ୍ତ କରିବାକୁ ଯାଉଛନ୍ତି। ଅପରପକ୍ଷରେ (୯ ପୃଷ୍ଠାରେ)

### ନାବାଳିକାଙ୍କୁ ଅସଦାଚରଣ ନେଇ ତୁମୁଳକାଣ୍ଡ

## ପୋଲିସକୁ ଆକ୍ରମଣ, ପିସିଆର ଭଙ୍ଗାରୁଜା

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ଘରେ କେହି ନଥିବାବେଳେ ଘର ମାଲିକ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ନେଇ ତମାଣ୍ଡୋ ଥାନା ଅଞ୍ଚଳରେ ତୁମୁଳ କାଣ୍ଡ ଘଟିଛି। ଉତ୍ୟକ୍ତ ଲୋକମାନେ ପୋଲିସକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ପୋଲିସ ୩ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଦୁଇଟି ମାମଲାରେ ୪ ଜଣଙ୍କୁ ଗିରଫ କରିଛି।

ଘଟଣାରୁ ପ୍ରକାଶ ଯେ କଳିଙ୍ଗନଗର କେ-୪ରେ ରୁହନ୍ତି ଅରବିନ୍ଦ ମଲ୍ଲିକ (୬୪) । ସେ ଘରର ଉପର ମହଲାରେ ରହୁଥିବା ବେଳେ ତଳ ମହଲାକୁ ଭଡା ଦେଇଛନ୍ତି । ଭଡା ରହୁଥିବା ପରିବାରର ସଦସ୍ୟମାନେ ଲକ୍ଷ୍ମୀପୂଜା ଦେଖିବା ପାଇଁ ଯାଇଥିବା ବେଳେ ଘରେ ଏକୁଟିଆ ନାବାଳିକା ଅଭିଯୋଗକାରିଣୀ ଥିଲେ । ଏହି ସମୟରେ ଘର ମାଲିକ ଅଭିଯୁକ୍ତ ଅରବିନ୍ଦ ତାଙ୍କ ଘରେ ପଶି ନାବାଳିକାଙ୍କୁ ଅସଦାଚରଣ କରିବା ସମୟରେ ସେ ଚିତ୍କାର କରି ବାହାରକୁ ପଳାଇ ଆସିଥିଲେ । ତାଙ୍କ ଚିତ୍କାର ଶୁଣି ସାହି ପଡ଼ିଶା ଲୋକମାନେ ପହଞ୍ଚି ଅରବିନ୍ଦଙ୍କୁ ମାଡ ମାରିବା ସହ ଅଟକାଇ ରଖି ପିସିଆର୍‌କୁ ଫୋନ୍ କରିଥିଲେ। ପିସିଆର୍ ପହଞ୍ଚିବାରେ ବିଳମ୍ବ ହେବାରୁ ପୋଲିସକୁ ଆକ୍ରମଣ କରି ଗାଡିକୁ ଭଙ୍ଗାରୁଜା କରିଥିଲେ । ନାବାଳିକା ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘର ମାଲିକ ଅରବିନ୍ଦ ମଲ୍ଲିକ (୬୪)କୁ ପୋକ୍‌ସୋ ଦଫାରେ ଗିରଫ କରିଛି ।

ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି । ଅଭିଯୋଗକାରୀ ଆଶିଷ କୁମାର ସାହୁଙ୍କ ଅଭିଯୋଗ ଆଧାରରେ ପ୍ରିୟରଞ୍ଜନ ପାତ୍ର (୨୫), ସୁମିତ କୁମାର ସାହୁ (୨୨), ଭାରତ ଭୂଷଣ ସାହୁ (୨୧) କୁ ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି । ବିନୋଦ କୁମାର ପାତ୍ରଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ମଞ୍ଜୁଲତା ପାତ୍ର, ଦୁଇଝିଅ ପ୍ରଜ୍ଞାପାରମିତା ପାତ୍ର ଏବଂ ବର୍ଷା ବିଦୂସ୍ମିତା ପାତ୍ର ଗତ ଦୁଇମାସ ପୂର୍ବରୁ ଅରବିନ୍ଦ ମଲ୍ଲିକଙ୍କ (୯ ପୃଷ୍ଠାରେ)

# ଅନନ୍ୟ ସେବାର ପ୍ରତୀକ : ଉତ୍କଳମଣି ଗୋପବନ୍ଧୁ



ଭଗବାନଙ୍କ ସୃଷ୍ଟିରେ ଯେଉଁ ମହାନ ପୁରୁଷ ମାନେ ଜନ୍ମ ନିଅନ୍ତି ସେମାନଙ୍କ ସମଗ୍ର ଜୀବନ ସମାଜ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ । ସେଥିମଧ୍ୟରୁ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ଜଣେ ଅନନ୍ୟ ନିଃସ୍ୱାର୍ଥପର ଦେଶପ୍ରେମୀ । ସେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଦେଶ ସେବକ, ରାଜନୀତିଜ୍ଞ, ସାମ୍ବାଦିକ, ବିଧାୟକ, ସମାଜ ସଂସ୍କାରକ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ଅମର ହୋଇ ରହିଛନ୍ତି । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ଉତ୍କଳବାସୀଙ୍କ ହୃଦୟରେ ଉତ୍କଳରମଣି ହୋଇ ସେ ରହିଛନ୍ତି । ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ସେ ଅଳ୍ପ ବୟସରେ ତାଙ୍କ ମାତାଙ୍କୁ ହରାଇ ଥିଲେ । ତାଙ୍କ ପିଉସୀ ତାଙ୍କର ଲାଳନ ପାଳନ କରିଥିଲେ । ସେ ପୁରୀରୁ ମାଟ୍ରିକ ପାସ କରି କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ବହୁତ ଅଳ୍ପ ବୟସରେ ବିବାହ ହୋଇଥିଲେ ମଧ୍ୟ ପାଠ ପଢା ଜାରି ରଖିଥିଲେ । ସମାଜ ସେବାକୁ ସେ ତାଙ୍କ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ପୁରୀରେ ହଇଜା ରୋଗରେ ପୀଡ଼ିତ ଲୋକମାନଙ୍କର ସେବା ପାଇଁ ସେ 'ପୁରୀ ସେବା ସମିତି' ପ୍ରତିଷ୍ଠା କରିଥିଲେ । ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା, ପରିବେଶର ପରିଚ୍ଛନ୍ନତା ଓ ଶବସଂସ୍କାର ଇତ୍ୟାଦି କାମ କରୁଥିଲେ । ତାଙ୍କ ନେତୃତ୍ୱରେ ସାକ୍ଷୀଗୋପାଳର ବକୁଳ ବନ ନିକଟରେ ୧୯୦୯ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଶିକ୍ଷା ଆରମ୍ଭ କରାଯାଇଥିଲା । ଗୋପବନ୍ଧୁଙ୍କ ସହ ପଞ୍ଚସଖା ନୀଳକଣ୍ଠ ଦାଶ, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ଗୋଦାବରିଶ ମିଶ୍ର ମଣିଷ ତିଆରି କାରଖାନାର ଭିତ୍ତି ପକାଇଥିଲେ ।

ଗୋପବନ୍ଧୁ ସଦାସର୍ବଦା ମାତୃଭୂମି ପାଇଁ ସମର୍ପିତ ଥିଲେ । ସେ ଲେଖିଥିଲେ–

**'ମିଶୁ ମୋର ଦେହ ଏ ଦେଶ ମାଟିରେ**
**ଦେଶ ବାସୀ ଚାଲିଯାଆନ୍ତୁ ପିଠିରେ,**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୁରୁ ତହିଁ ପଡ଼ି ମୋର ମାଂସ ହାଡ'।**

ସେ ସମଗ୍ର ଦେଶବାସୀଙ୍କୁ ନିଜ ପରିବାର ଭାବୁଥିଲେ । ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରିଥିଲେ । ମାତୃଭୂମି ଏବଂ ମାତୃଭାଷାର ସୁରକ୍ଷା ପାଇଁ ସଦା ସର୍ବଦା ତତ୍ପର ଥିଲେ । ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ କଲେ ଓ ପରେ କଲିକତାରେ ବିଏଲ ପଢ଼ିଲେ । ଓଡ଼ିଆ ଶ୍ରମିକମାନଙ୍କ ସହାୟତା ପାଇଁ 'ଓଡ଼ିଆ ଶ୍ରମିକ ସଂଘ' ଗଠନ କରିଥିଲେ । ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରିଠାରେ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ୧୯୧୯ ମସିହାରେ ସେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ । ୧୯୩୦ରେ ଏହା ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା ।

ଗୋପବନ୍ଧୁ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପିତ କରି ଦେଇଥିଲେ । ଏହି ମହାନ ଜନନାୟକଙ୍କର ୧୯୨୮ ମସିହା ଜୁନ ୧୭ ତାରିଖରେ ଦେହାନ୍ତ ହୋଇଥିଲା । ଆଜି ସେଇ ଯୁଗଜନ୍ମା ବରପୁତ୍ର ସମଗ୍ର ଓଡ଼ିଆ ଜାତି ନିକଟରେ ଅମର ହୋଇ ରହି ଯାଇଛନ୍ତି ।

**ରାଜସ୍ମିତା ବାରିକ୍**
**ନୀଳଗିରି, ବାଲେଶ୍ୱର**



# ସାମ୍ବାଦିକାରୁ ଅଭିନେତ୍ରୀ



ନିକଟରେ ନେଟଫ୍ଲିକ୍ସରେ ରିଲିଜ୍ ହୋଇଛି ସିରିଜ ସାରେ ଜହାଁ ସେ ଅଚ୍ଛା, ଯେଉଁଥିରେ ନଜର ଆସୁଛନ୍ତି ଅଭିନେତ୍ରୀ ଦୀକ୍ଷା ଜୁନେଜା । ଏଥିରେ ସେ ଇଣ୍ଡଷ୍ଟ୍ରୀର ଅନେକ ବରିଷ୍ଠ ଅଭିନେତାଙ୍କ ସହିତ ଅଭିନୟ କରିଛନ୍ତି । ଦୀକ୍ଷାଙ୍କ କ୍ୟାରିୟର ଦିବଙ୍ଗତ ଅଭିନେତା ରିଷି କପୁରଙ୍କ ସହିତ ଆରମ୍ଭ ହୋଇଥିଲା । ତେବେ ଅଭିନୟ ପୂର୍ବରୁ ଏକାଧିକ ସେକ୍ଟରରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ଦୀକ୍ଷା । ଅଭିନୟ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ ସେ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ । ଏହାପରେ ଇଣ୍ଡଷ୍ଟ୍ରୀରେ ପାଦ ଦେଇଥିଲେ କାଷ୍ଟିଂ ଆସିଷ୍ଟାଣ୍ଟ ଭାବେ । ସେହିଭଳି ଦୀକ୍ଷାଙ୍କୁ କମେଡି ଡ୍ରାମାରେ ଅଭିନୟ କରିବାକୁ ଖୁବ ମଜା ଲାଗିଥାଏ । ମଜା ଲାଗିଲେ ମଧ୍ୟ ଏହା କରିବା ଖୁବ କଷ୍ଟକର ବୋଲି ଦୀକ୍ଷା ନିଜ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଫିଲ୍ମ ହେରାଫେରିର ସେ ଖୁବ ବଡ ଫ୍ୟାନ୍ । ଏହି ଫିଲ୍ମରୁ ସେ କମେଡି କରିବା ଶିଖିଥିବା ପ୍ରକାଶ କରିଛନ୍ତି । ଆଗକୁ ଆହୁରି ଭଲଭଲ ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛନ୍ତି ଦୀକ୍ଷା ।

## ସୋସିଆଲ କୋଟ୍ସ



"ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।

ରବିନା ଟଣ୍ଡନ, ଅଭିନେତ୍ରୀ

"ଯେତେବେଳେ ମୁଁ ଶୋ' ଛାଡିଥିଲି, ସେତେବେଳେ ଭାବିଥିଲି ପଇସା ବି ମାଗିବି ନାହିଁ । ମୋର ୩ମାସର ଅର୍ଥ ସେମାନଙ୍କ ଉପରେ ବାକି ରହିଛି । ଏହି ବାକି ଅର୍ଥ ଖୁବ ଅଧିକ ମଧ୍ୟ ।

ଜେନିଫର, ଅଭିନେତ୍ରୀ





"ଗୋଟିଏ ଶୋ'ରେ ଆମିରଙ୍କ ହାତରୁ ଦାଣ୍ଡିଆ କାଠି ଖସି ଯାଇଥିଲା, ଯାହା ଜଣେ ମହିଳାଙ୍କୁ ଆଘାତ ଦେଇଥିଲା । ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଥିଲା । ମୁଁ ଏହାକୁ କେବେ ଭୁଲିବିନି ।

ସଲମାନ ଖାନ, ଅଭିନେତା

# ଚନ୍ଦ୍ରରେ ପ୍ରସ୍ତୁତ ହେବ ଘର

ଆଜିକାଲି ରୋବଟକୁ ବ୍ୟବହାର କରି ଅନେକ କାର୍ଯ୍ୟ କରାଯାଉଛି । ଏହି କ୍ରମରେ ଏକ ନୂଆ ରୋବଟ ବାହାର କରାଯାଇଛି ଯାହା ଚନ୍ଦ୍ରରେ ଘର ନିର୍ମାଣ କରିବ । ଅଷ୍ଟ୍ରେଲିଆ ଏଭଳି ଏକ ରୋବଟ ପ୍ରସ୍ତୁତ କରିଛି ଯାହାକୁ ବ୍ୟବହାର କରି ଚନ୍ଦ୍ରରେ ଖୁବ ସହଜରେ ଘର ନିର୍ମାଣ ହୋଇପାରିବ । ରୋବଟଟିର ନାଁ ବୈଜ୍ଞାନିକମାନେ ରଖିଛନ୍ତି ଚାର୍ଲୋଟ । ଏହାକୁ କ୍ରେଷ୍ଟ ରୋବୋଟିକ୍ସ ଓ ଅର୍ଥ ବିଲ୍ଟ ଟେକ୍ନୋଲୋଜି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇଛି । ଏହି ରୋବଟଟି ଅବିକଳ ଏକ ବୁଢିଆଣୀ ଭଳି ଦେଖିବାକୁ, ଯାହାର ୬ଟି ଗୋଡ ରହିଛି । ଏହାର ଓଜନ ମଧ୍ୟ କମ ରହିଛି ଯାହା ଏହାକୁ ଖୁବ ସହାୟକ ହେଉଛି । ବର୍ତ୍ତମାନ ଏହା ପୃଥିବୀରେ ୨୪ ଘଣ୍ଟାରେ ପାଖାପାଖି ୨୦୦ ବର୍ଗ ମିଟର ଘରର ଥ୍ରୀଡି ପ୍ରିଣ୍ଟ କରିପାରୁଛି । ଏହା ଘର ତିଆରି କରିବାକୁ ବାଲି, ମାଟି ଓ ପଙ୍କ ବ୍ୟବହାର କରୁଛି । ଚନ୍ଦ୍ରରେ ମଧ୍ୟ ଏହା ଥ୍ରୀଡି ପ୍ରିଣ୍ଟ ସହାୟତାରେ ଘର ପ୍ରସ୍ତୁତ କରିବ । ଏହି ଘରେ ମହାକାଶଚାରୀଙ୍କ ରହିବା ପାଇଁ ସମସ୍ତ ସୁବିଧା କରାଯିବ ବୋଲି ସୂଚନା ମିଳିଛି ।



# ବନ୍ଦ ହେଉନି ଗୋଟିଏ ଆଖି

ଦୁନିଆରେ ସାଧାରଣତଃ ସମସ୍ତେ ଚା ପିଇଥାଆନ୍ତି । କାରଣ ଚା ପିଇଲେ ସମସ୍ତଙ୍କୁ ଟିକେ ଫ୍ରେସ ଲାଗିଥାଏ । ହେଲେ ଏଭଳି ଜଣେ ମହିଳା ଅଛନ୍ତି, ଯିଏ ଚା ପିଇବା କଥା କେବେ ଭାବନ୍ତି ବି ନାହିଁ । କାରଣ ଚା ପିଇବା ସହିତ ତାଙ୍କର ଏକ ଭୟଙ୍କର ଅନୁଭୂତି ଯୋଡି ହୋଇଛି । ସୂଚନା ଅନୁସାରେ ସ୍କଟଲାଣ୍ଡର ୩୦ ବର୍ଷୀୟ କରୀନା ହ୍ୱାଇଟ ନାମକ ଜଣେ ମହିଳା ଏକ ବିରଳ ରୋଗରେ ପୀଡିତ ହୋଇଛନ୍ତି । ଏହି ବରିଳ ରୋଗର ନାଁ ହେଉଛି ବେଲ୍ସ ପାଲ୍ସି, ଯେଉଁ କାରଣରୁ ତାଙ୍କର ମୁହଁର ଗୋଟିଏ ଭାଗରେ ଦୁର୍ବଳତା ଆସୁଛି । ଯେଉଁ କାରଣରୁ ସେ କିଛି ଅଙ୍ଗ ପରିଚାଳନା କରିବାରେ ଅସମର୍ଥ ହେଉଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ ସେ ଚା ପିଇବା ସମୟରେ ହିଁ ଜାଣିଥିଲେ ତେଣୁ ଚା ପିଇବାକୁ ସେ ସେବେଠାରୁ ଆଉ ସାହସ କରିପାରୁ ନାହାନ୍ତି । ବର୍ତ୍ତମାନ ଡାକ୍ତର ତାଙ୍କର ଚିକିତ୍ସା ଜାରି ରଖିଛନ୍ତି ।



## ବାଜରା ପଲଉ



**ସାମଗ୍ରୀ–** ବାଜରା, କଟା ପିଆଜ, ରସୁଣ କଟା, ଜିରା, ଧନିଆ ଗୁଣ୍ଡ, ହଳଦୀ, ଲଙ୍କା ଗୁଣ୍ଡ, ଇଚ୍ଛା ଅନୁସାରେ ପରିବା କଟା, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ବାଜରାକୁ ଧୋଇ ଅଳ୍ପ ସମୟ ପାଇଁ ବତୁରାଇ ନିଅନ୍ତୁ । ଏହାପରେ ପ୍ୟାନରେ ତେଲ ଜିରା ଫୁଟାନ୍ତୁ, ଏହାପରେ ଏଥିରା କଟା ପିଆଜ ଏବଂ ରସୁଣ ପକାଇ ଭାଜି ନିଅନ୍ତୁ । ଏଗୁଡିକ ଭାଜି ହେବାପରେ ଏଥିରେ ସମସ୍ତ ପରିବା ପକାଇ ଭାଜନ୍ତୁ । ପରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ଭାଜିଲା ପରେ ଏଥିରେ ଭିଜା ହୋଇ ରହିଥିବା ବାଜରା ପକାଇ ଘାଣ୍ଟନ୍ତୁ । ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ପାଖପାଖି ୧୫ ମିନିଟ ପରେ ପ୍ରସ୍ତୁତ ହୋଇଯିବ ବାଜରା ପଲଉ । ଶେଷରେ ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ ।

## ଇତିହାସ

୧୮୭୬– ପ୍ରଥମକରି ଟେଲିଫୋନ୍‌ରେ ଆଉଟ୍ ୱେୟାର୍ ଜରିଆରେ ଦୁଇତରଫା କଥାବାର୍ତ୍ତା କରାଗଲା ।

୧୮୭୭– ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ, ପତ୍ରକାର, କବି, ସାହିତ୍ୟିକ ତଥା ଓଡ଼ିଶାର ପ୍ରଖ୍ୟାତ୍ ସାମାଜିକ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ଦାସଙ୍କ ଜନ୍ମ ।

୧୯୯୭– ଇଟାଲୀର ଅଭିନେତା ତଥା ଲେଖକ ଡାରିଓ ଫୋ'ଙ୍କୁ ସାହିତ୍ୟରେ ନୋବେଲ ଶାନ୍ତି ପୁରସ୍କାର ।

୨୦୦୨– ଆମେରିକାର ରେମଣ୍ଡ୍ ଡେଭିସ୍ ଏବଂ ଜାପାନର କୋଷିବାଙ୍କୁ ସଂଯୁକ୍ତ ଭାବେ ଭୌତିକ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଁ ଘୋଷଣା ।

୨୦୦୬– ଗୁଗଲ ତରଫରୁ ୟୁଟ୍ୟୁବ୍‌ର ଅଧିଗ୍ରହଣ ସମ୍ବନ୍ଧରେ ଘୋଷଣା ।

୨୦୦୬– ଉତ୍ତର କୋରିଆରେ ଭୂମିଗତ ପରମାଣୁ ପରୀକ୍ଷଣ ।

୨୦୧୨– ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପାକିସ୍ତାନୀ କର୍ମକର୍ତ୍ତା ମଲାଲା ୟୁସୁଫ୍‌ରାୟଙ୍କୁ ସ୍କୁଲ ଯାଉଥିବା ସମୟରେ ତାଲିବାନଙ୍କ ଦ୍ୱାରା ଗୁଳି ।

୨୦୧୫– ଭାରତୀୟ ହିନ୍ଦୀ ସିନେ ଜଗତର ପ୍ରସିଦ୍ଧ ସଂଗୀତକାର ତଥା ଗାୟକ ରବୀନ୍ଦ୍ର ଜୈନଙ୍କ ପରଲୋକ ।



# ଦୀପାବଳିରେ କୁକୁରକୁ ପୂଜା

ଦୀପାବଳିରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାରର ପୂଜା କରାଯାଇଥାଏ । ସେହିଭଳି ଏକ ଅଜବ ପୂଜା ନେପାଳରେ କରାଯାଇଥାଏ । ଯେଉଁଥିରେ କୁକୁରଙ୍କୁ ଦୀପାବଳି ଅବସରରେ ପୂଜା କରାଯିବାର ପରମ୍ପରା ରହିଛି । ଏହିଦିନ କୁକୁରଙ୍କୁ ଫୁଲମାଳ ପିନ୍ଧାଯିବା ସହିତ ଲାଲ ଟିକା ଲଗାଯାଇ ପୂଜା କରାଯାଇଥାଏ । ଏହାପରେ ତାଙ୍କୁ ବନ୍ଦାପନା କରାଯିବା ସହିତ ମାଂସ, କ୍ଷୀର ଓ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ । ଏହି ପୂଜାକୁ ସ୍ଥାନୀୟଭାଷାରେ କୁକୁର ତିହାର କୁହାଯାଇଥାଏ । ଏହି ସମୟରେ ପୋଷା କୁକୁରଙ୍କ ସହିତ ରାସ୍ତାରେ ବୁଲୁଥିବା କୁକୁରଙ୍କର ମଧ୍ୟ ପୂଜା କରାଯାଇଥାଏ । କୁକୁରଙ୍କୁ ଏଠାରେ ମୃତ୍ୟୁ ଦେବତାଙ୍କର ଦୂତ ବୋଲି ସମ୍ବୋଧନ କରାଯାଇଥାଏ । ତେଣୁ କୁକୁରର ପୂଜା କରାଯାଇଥାଏ ।

### ମା' ସମଲେଶ୍ୱରୀ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ବିକାଶ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମାଦ ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମାଦ ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ



ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ । ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ମାଦ ସମଲେଶ୍ୱରୀଙ୍କ ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ । ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି । ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

# ହାଇକୋର୍ଟ ବାର୍ ଆସୋସିଏସନ୍ ମୁଖ୍ୟମନ୍ତ୍ରୀଙ୍କୁ ଦେଲା ଦାବିପତ୍ର

## ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ଅବିଳମ୍ବେ ଧର

କଟକ, (ସବ୍ୟୁ): ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାରେ ସମଗ୍ର ରାଜ୍ୟର ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଆଜି ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ରାଜ୍ୟର ଅଧିକାଂଶ ବାର ଆଇନଜୀବୀମାନେ କଲମଛାଡ଼ ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ଲାଗି ଆଇନଜୀବୀଙ୍କ ପକ୍ଷରୁ ଦାବି ହୋଇଛି । ଆଜି ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ରଙ୍କ ନେତୃତ୍ୱରେ ଏହି ବାରର ଶହଶହ ଆଇନଜୀବୀ, ନିମ୍ନ ଅଦାଲତର ଆଇନଜୀବୀ ହାଇକୋର୍ଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଶୋଭାଯାତ୍ରାରେ ଯାଇଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ମିଶ୍ର ଆଇନଜୀବୀଙ୍କ ସୁରକ୍ଷା ପାଇଁ କେତେକ ଦାବି ଉପସ୍ଥାପନ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଏବଂ ସେମାନଙ୍କ ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଦଣ୍ଡିତ କରାଯାଉ । ଯେଉଁ ଅଧିବକ୍ତାମାନେ



ନିର୍ବାଚିତ ହୋଇଛନ୍ତି ବା ସାଧାରଣ ଜନ ସମ୍ପର୍କରେ ରହୁଥିବା ଅଧିବକ୍ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ । ଓଡ଼ିଶା ଅଧିବକ୍ତା ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ମିଶ୍ର ଦାବି ରଖିଥିଲେ ।ଏହି ଶୋଭାଯାତ୍ରାରେ ବାର୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ଆଇନଜୀବୀ ବିଭୂ ପ୍ରସାଦ ତ୍ରିପାଠୀ, କ୍ରିମିନାଲ କୋର୍ଟସ୍ ବାର୍ ଆସୋସିଏସନ୍ ସଭାପତି ପ୍ରସନ୍ନ ସାହୁ, ଆଇନଜୀବୀ ସଞ୍ଜୟ ଦାସ, ବାରର ଅନ୍ୟାନ୍ୟ ସଦସ୍ୟ, ଆଇନଜୀବୀ ଅରୁଣ କୁମାର ବୁଢ଼ିଆ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ଅକ୍ଷୟ କୁମାର ପତି, ଆଇନଜୀବୀ ମହମ୍ମଦ ଆରିଫ୍ ଉଦ୍ଦିନ୍ ଖାନ୍, ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ନନ୍ଦ, ପ୍ରତାପ କେଶରୀ ଦେଓ, ପଦ୍ମାଳୟା ମହାପାତ୍ର ପ୍ରମୁଖ ସାମିଲ୍ ହୋଇଥିଲେ ।

# ବ୍ୟାଟେରି ଫାଟି ବିସ୍ଫୋରଣ : ଜଳିଗଲା ୩୦ ବିଦ୍ୟୁତ ବାଇକ

## ଅଳ୍ପକେ ବର୍ତ୍ତିଲେ ମାଲିକ ସମେତ ୫ଜଣ, ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି

କୋଣାର୍କ , (ସବ୍ୟୁ): ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ - ଗୋପ ରାସ୍ତାର ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ବ୍ୟାଟେରୀ ସୋ ରୁମରେ ଥିବା ଏକ ନୂଆ ବାଇକର ବ୍ୟାଟେରୀ ବିସ୍ଫୋରଣ ଘଟି ଅଗ୍ନିକାଣ୍ଡ ଘଟି ୨୫ ଗୋଟି ନୂଆ ବ୍ୟାଟେରୀ ବାଇକ ସହ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବାଇକ ଜଳି ଭସ୍ମୀଭୂତ ହୋଇଥିଲା ବେଳେ ପ୍ରାୟ ୫୦ଲକ୍ଷ ଟଙ୍କାରୁ କ୍ଷୟକ୍ଷତି ହୋଇଛି । କାଣାର୍କ ଥାନା ଅଧିନସ୍ଥ ମାଧିପୁର ଛକ ଠାରେ ଥିବା ଏକ ବିଦ୍ୟୁତ ଚାଳିତ ବ୍ୟାଟେରୀ ବାଇକ ସୋ ରୁମରେ ଏଡିଏମଏସ କମ୍ପାନୀର ୨୫ ଗୋଟି ନୂଆ ବାଇକ ଓ ସର୍ଭିସିଂ ପାଇଁ ଆସିଥିବା ୫ଗୋଟି ବ୍ୟାଟେରୀ ବାଇକ ରହିଥିଲା । ବୁଧବାର ସନ୍ଧ୍ୟାରେ ଏକ ବ୍ୟାଟେରୀ ବାଇକର ବ୍ୟାଟେରୀ ଫାଟି ବିସ୍ଫୋରଣ ଘଟିଥିଲା । ଏହି କାରଣରୁ ଜଗନ୍ନାଥ ଇଭି ସୋ ରୁମ ରେ ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ୩୦ ମିନିଟ ବିଳମ୍ବରେ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସୋ



ରୁମର ୨୫ ଗୋଟି ନୂଆ ବାଇକ ସହ ସର୍ଭିସିଂ ପାଇଁ ସୋ ରୁମକୁ ଆସିଥିବା ୫ ଗୋଟି ବାଇକ ସଂପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡ ସମୟରେ ସୋ ରୁମରେ ଥିବା ମାଲିକ ସୌମ୍ୟ ରଞ୍ଜନ ସ୍ୱାଇଁ, ସାନ ଭାଇ ଶିବପ୍ରସାଦ ସ୍ୱାଇଁ ସମେତ ଦୁଇଜଣ ଗ୍ରାହାକ ଜଣେ କର୍ମଚାରୀ ସମେତ ୫ ଜଣ ବ୍ୟାଟେରୀ ବିସ୍ଫୋରଣ ସମୟରେ ପାଣି ଢ଼ାଳି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଅଗ୍ନିର ପ୍ରକୋପ ଉଗ୍ର ରୂପ ଧାରଣ କରିବା ଯୋଗୁଁ ଜୀବନ ବଂଚାଇବା ମାଲିକ ସମେତ ୫ଜଣ ବାହାରକୁ ଆସିଥିଲେ ।ଅଗ୍ନିକାଣ୍ଡରେ ସୋ ରୁମର ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟଭ୍ରଷ୍ଟ ହୋଇଛି । ସୋ ରୁମର ମାଲିକ ସୌମ୍ୟ ରଞ୍ଜନ ସାଇଁଙ୍କ ଅଭିଯୋଗ ଆଧାରରେ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ବିଜେପିର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ଦଶପଲ୍ଲା,(ସବ୍ୟ): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ ଆହ୍ୱାନ କ୍ରମେ ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ଶିବମନ୍ଦିର ପ୍ରାଙ୍ଗଣରେ ଓ ନଛି ପୁର ଗ୍ରାମ ର ପଥୁରିଆ ପଡିଆ ରେ ଭାରତୀୟ ଜନତା ପାର୍ଟୀ ର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ, ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତ୍ୟୋଦୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ,ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଯୋଜନା, ଆଦିବାସୀ ଅଂଚଳର ବିକାଶ ପାଇଁ ପଦକ୍ଷେପ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ ଶିକ୍ଷା ପାଇଁ ପିଲାଙ୍କୁ ମାଗଣା ସୁବିଧା,ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣ ଙ୍କ ସୁଖ ଦୁଃଖ ରେ ଭାଗିଦାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ସୁରକ୍ଷା ଦେବା, ଶହୀଦ ଯବାନ ଙ୍କୁ ସମ୍ମାନ ଦେବା,ସ୍ୱଦେଶୀ ଜିନିଷ ବ୍ୟବହାର କରିବା, ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କରିବା ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇ ଥିଲା । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳ ବେହେରା, ମଣ୍ଡଳ ସଭାପତି ଭାଗ୍ୟ ଲକ୍ଷ୍ମୀ ଦଶ, ଜ୍ଞାନ ରଞ୍ଜନ ସାହୁ, ବିଦେଶ ମଳିକ, ବିଜୟ କେତନ ଶତପଥୀ ପଞ୍ଚାୟତ ପ୍ରମୁଖ, ଅନିରୋଧ ସାହୁ, ଗୌରାଙ୍ଗ ଦେହୁରୀ, ଅଲେଖ ନାୟକ, ବନମ୍ବ ନାୟକ, ଗୋପୀନାଥ ସାହୁ, ବିଜୟ ବାଘ ପ୍ରମୁଖ ନାଛି ପୁର ଗ୍ରାପ, ପଦ୍ମ ପ୍ରଧାନ, ଶରତ ସାହୁ, ଫଗୁଆ ପ୍ରଧାନ, ସଂସାରୀ ସାହୁ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏବଂ ଶିବମନ୍ଦିର ପ୍ରାଙ୍ଗଣରେ ଅଁଳା ଗଛ ରୋପଣ କରିବା ସହିତ ସ୍ୱଚ୍ଛ ଗଛ ସେବା ବିଷୟରେ ଆଲୋଚନା କରି ଶ୍ରୀ ଦଳବେହେରା ଧନ୍ୟବାଦ ଦେଇ ସଭା ସାଙ୍ଗ କରା ଯାଇଥିଲା ।

# ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଦାବି

କଟକ, (ସବ୍ୟୁ) : ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗଳିକରି ହତ୍ୟା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ଭାରତୀୟ ଆଇନଜୀବୀ ପରିଷଦ(ବିସିଆଇ)ର ଅଧ୍ୟକ୍ଷ ମନନ ମିଶ୍ର ଦାବି କରିଛନ୍ତି । ପୀତବାସ ପଣ୍ଡାଙ୍କ ଉପରେ ଆକ୍ରମଣ ପୂରା ଆଇନ ସମାଜ ଉପରେ ଆକ୍ରମଣ ବୋଲି ସେ କହିଛନ୍ତି । ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ କହିଛନ୍ତି । ଅପରପକ୍ଷରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ 'ଆଇନଜୀବୀ ସୁରକ୍ଷା ଆଇନଦ ଆଣିବା ଲାଗି ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ରାଜ୍ୟ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ ଦାବି ରଖିଛନ୍ତି । ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏହି ଆଇନ ଆଣିବା ଲାଗି ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି । କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଫଳରେ ଦିନକୁଦିନ ଆଇନଜୀବୀମାନେ ଅସୁରକ୍ଷିତ ହୋଇପଡୁଛନ୍ତି । ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି ।

# ମାମୁ-ଭଣଜାଙ୍କୁ ହାଣିଲେ ଫାଇନାନ୍ସ କର୍ମଚାରୀ

କଣାସ , (ସବ୍ୟୁ): ମାମୁ-ଭଣଜାଙ୍କୁ ଫାଇନାନ୍ସ କର୍ମଚାରୀଙ୍କ ଛୁରା ମା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗୋଲରା ଅଂଚଳରେ ଏହି ଆକ୍ରମଣ ହୋଇଛି । ଅଜିବ ଜେନା ତାଙ୍କ ଭଣଜାଙ୍କ ସହିତ ଏକ ସ୍କୁଟିରେ ନିଜ ପୁଅକୁ ଡାକ୍ତରଖାନା ନେବା ବେଳେ ହାତିଆ ଛକ ନିକଟରେ ଫାଇନାନ୍ସ କର୍ମଚାରୀ ତାଙ୍କୁ ଅଟକାଇଥିଲେ । ଗାଡି କିସ୍ତି ଖିଲାପ ଥିବା କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ।ଏହାପରେ ସେଠାରୁ ଅଜୀବ ଡାକ୍ତରଖାନା ପଳାଇଯାଇଥିଲେ । କିନ୍ତୁ ଫାଇନାନ୍ସ କର୍ମଚାରୀ ତାଙ୍କ ପିଛା ଛାଡି ନଥିଲେ । କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ ନିକଟରେ ପହଞ୍ଚି ପୁଣି ପାଟିତୁଣ୍ଡ କରିଥିଲେ । ଏହାପରେ ଫାଇନାନ୍ସ କର୍ମଚାରୀ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଅଜୀବ ଜେନା ଗୁରୁତର ଆହତ ହୋଇଛନ୍ତି ।ସେହିପରି ଭଣଜା ପୂର୍ଣ୍ଣ ଜେନାଙ୍କ ପେଟରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ପ୍ରଥମେ କେରାଣ୍ଡିଆ ଡାକ୍ତରଖାନା ଓ ପରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାସ୍ଥରେ ପହଂଚି ସ୍କୁଟି ଏବଂ ଫାଇନାନ୍ସ କର୍ମଚାରୀଙ୍କ ବାଇକକୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରୁ ଫାଇନାନ୍ସ କର୍ମଚାରୀ ଚମ୍ପଟ ମାରିଥିଲେ ।

# ପଲ୍ଲୀରେ ପ୍ରଶାସନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବାଲିଅନ୍ତା , (ସବ୍ୟ) : ବାଲିଅନ୍ତା ଗ୍ରାମ ପଞ୍ଚାୟତ ସ୍ଥିତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ଅଭିଯୋଗ ଶୁଣାଣି ଜନିତ ପଲ୍ଲୀରେ ପ୍ରଶାସନ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଆନ୍ତା ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ,ତହସିଲଦାର ଲୀଲନ ପ୍ରସାଦ ସାହୁ, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ସମିତିସଭ୍ୟା କୁନି ପ୍ରଧାନ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି ଅଭିଯୋଗ ଶୁଣାଣିରେ ସର୍ବମୋଟ ୪୯ ଟା ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥି । ସେଥିମଧ୍ୟରୁ ଗ୍ରାମୀଣ ଗୃହ ଓ ବ୍ୟକ୍ତିଗତ ଶୌଚାଳୟ ସମ୍ବନ୍ଧୀୟ ୮ ଗୋଟି, ଭତ୍ତା ସମ୍ବନ୍ଧୀୟ ୮ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୪ ଗୋଟି ଅଭିଯୋଗ ହୋଇଥିଲା ।

# ପଞ୍ଚୁଦୋଳ ପଡିଆରେ ଗଜଲକ୍ଷ୍ମୀ ପୂଜା

ରଣପୁର,(ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ପଞ୍ଚୁଦୋଳ ପଡିଆ ଠାରେ ଦିଲଦାର କ୍ଲବ ତରଫରୁ ଗଜଲକ୍ଷ୍ମୀ ପାଳିତ ହେଉଛି । ଚଳିତ ବର୍ଷ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ଦିନରେ ମା ଙ୍କ ପୂଜାବିଧି ହେବା ସହିତ ଦ୍ୱିତୀୟ ଦିନରେ ଶତାଧିକ ଭକ୍ତଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗିତା ଚତୁର୍ଥ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଞ୍ଚମ ଦିନରେ ପୌରାଣିକ ବିଷୟବସ୍ତୁ କାଳିଆ ଦଳନ ଅନୁଷ୍ଠିତ ହେବ ।ସେହି ଭଳି ରଣପୁର ଏନ. ଏସି ପୋଷ୍ଟ ଅଫିସ ଛକ ମଧ୍ୟ ଗଜଲକ୍ଷ୍ମୀ ବହୁ ବର୍ଷ ଧରି ଅନୁଷ୍ଠିତ ହେଉଛି ।

# ଦୁଇ ପୋଲିସ ଏସ୍ଆଇଙ୍କୁ ମାଡ଼ ମାରି ଜେଲ ଗଲେ ଦୁଇ ଯୁବକ

## ମଦ୍ୟପ ଯୁବକଙ୍କ ଉପରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗୋପ,(ସବ୍ୟୁ): ମଙ୍ଗଳବାର ଅତ୍ୟଧିକ ମଦ୍ୟପାନ କରି ଥାନା ଭିତରେ ଦୁଇ ଏସ ଆଇଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦୁଇ ଯୁବକଙ୍କୁ ଜେଲ ଯିବାକୁ ପଡିଛି ବୋଲି ପୋଲିସ ପକ୍ଷରୁ ଜଣା ପଡ଼ିଛି । ନିଶାଗ୍ରସ୍ତ ଅବସ୍ଥାରେ ଥାନା ଭିତରେ ବାଇକ ଛାଡ଼ି ଦେବାକୁ ନେଇ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଏହି ଥାନା ଅନ୍ତର୍ଗତ ସୋରିସିଆପଦା ଗ୍ରାମର ପ୍ରଦିପ୍ତ କୁମାର ବେହେରା (୩୪) ଦୁଇ ଏସ ଆଇ ବୁଲୁ ସେଠୀ ଓ ବୃନ୍ଦ ରାୟ ମାଝୀ ମାଡ଼ ମାରିଥିବା ଅଭିଯୋଗରୁ ଜଣା ପଡ଼ିଛି । ପୋଲିସ ପକ୍ଷରୁ ହୋଇଥିବା ଅଭିଯୋଗକୁ ପୋଲିସ ଥାନା ମୋକଦ୍ଦମା ନମ୍ବର ୩୩୯/୨୫ ରେ ରୁଜୁ କରି ବୁଧବାର ଅପରାହ୍ନରେ ଦୁଇ ଅଭିଯୁକ୍ତ ଗଣେଶ୍ୱରପୁର ନାୟକ ସାହି ଗ୍ରାମର ସୁଶାନ୍ତ କୁମାର ନାୟକ (୩୫) ଓ ପ୍ରଦିପ୍ତ କୁମାର ବେହେରା ଙ୍କୁ କୋଣାର୍କ କୋର୍ଟ ଚାଲାଣ କରିଥିବା ବେଳେ ମାନ୍ୟବର କୋର୍ଟ ଅଭିଯୁକ୍ତ ଦ୍ୱୟ ଙ୍କୁ ନିମାପଡ଼ା ଜେଲ ପଠାଇ ଦେଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି କହିଛନ୍ତି । ପ୍ରକାଶ ଯେ ମଙ୍ଗଳବାର ରାତ୍ର ସାଢ଼େ ଦଶଟା ସମୟରେ ଗୋପ ଥାନା



ଅନ୍ତର୍ଗତ ବାୟାକୂଦା ଗ୍ରାମ ନିକଟରେ ଭୋଜିଭାତ ସ୍ଥାନରେ ଗଣ୍ଡଗୋଳ ହୋଇଥିଲା । ଏପରି ଏକ ଗଣ୍ଡଗୋଳ ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହିତ ବୁଝାସୁଝା କରିଥିଲା । ପୋଲିସ ଫେରିବା ବେଳେ ରାସ୍ତା କଡ଼ରେ ଏକ ନମ୍ବର ବିହୀନ ଗାଡି ଦେଖିବା ପରେ ଏ ଗାଡି କାହାର ବୋଲି ପଚାରିବାରେ କେହି କିଛି କହି ନ ଥିଲେ । ପୋଲିସ ଏହି ନମ୍ବର ବିହୀନ ବାଇକକୁ ଥାନାକୁ ଆଣିଥିଲା । ଅଳ୍ପ କିଛି ସମୟପରେ ସଂପୃକ୍ତ ଦୁଇ ଯୁବକ ପ୍ରଦିପ୍ତ ଓ ସୁଶାନ୍ତ ଥାନା ପହଞ୍ଚି ବାଇକ ଆମର ଦିଅ ବୋଲି ଏସ ଆଇ ବୃନ୍ଦ ରାୟ ମାଝୀଙ୍କୁ କହିବା ପରେ ଏସ ଆଇ ମାଝୀ ବାଇକ କାଗଜପତ୍ର ଆଣ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା । ଏହି ପାଟିତୁଣ୍ଡ ଶୁଣି ଥାନା ଏସଆଇ ବୁଲୁ ସେଠୀ ସେଠାରେ ପହଞ୍ଚି ଥିଲେ । ଅତ୍ୟଧିକ ମଦ୍ୟପାନ କରି ଥିବା ଯୁବକ ପ୍ରଦିପ୍ତ କୁମାର ବେହେରା ହଠାତ୍ ଏସ ଆଇ ବୃନ୍ଦ ରାୟ ମାଝୀ ଙ୍କୁ ମାଡ଼ ମାରିବା ସହ ନିକଟରେ ଥିବା ଏସ ଆଇ ବୁଲୁ ସେଠୀ ଙ୍କୁ ମଧ ଆକ୍ରମଣ କରିଥିଲା । ଏହି ଘଟଣାରେ ପୋଲିସ ଦୁଇ ଯୁବକଙ୍କୁ ଅଟକ ରଖି ପରେ ପୋଲିସ ଅଭିଯୋଗକୁ ନେଇ ମୋକଦ୍ଦମା ରୁଜୁ କରି ଗିରଫ କରିଥିଲା । ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରି ଙ୍କୁ ପଚାରିବା ରେ ଗୋପ ଥାନା ଅଂଚଳରେ ବିଭିନ୍ନ ସ୍ଥାନରେ ମଦ୍ୟପାନ କରୁଥିବା ଯୁବକଙ୍କ ଉପରେ ଚଢ଼ାଉ କରାଯିବା ସହ ରାତ୍ର ୧୧ ଟା ସୁଦ୍ଧା ବିଭିନ୍ନ ବଜାର ରେ ଥିବା ଢାବା ସହିତ ଅନ୍ୟାନ୍ୟ ଦୋକାନ ବଜାର ବନ୍ଦ କରାଯିବ ବୋଲି କହିଥିଲେ ।

ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

### ନାଲକୋ ପାରିପାଶ୍ୱିକ ଯୁବପିଢ଼ିଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

# ଶିଳ୍ପ- ଉପଯୋଗୀ ଦକ୍ଷତା ତାଲିମ ଦ୍ୱାରା ଯୁବପିଢ଼ିଙ୍କୁ ସଶକ୍ତ କରିବା

ଭୁବନେଶ୍ୱର , (ସବ୍ୟୁ) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ରମରେ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ବ୍ରିଜେନ୍ଦ୍ର ପ୍ରତାପ ସିଂହ,ସିଏମଡି, ନାଲକୋ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗତ ଅକ୍ଟୋବର ୭ ରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ପଦକ୍ଷେପ ଉପରେ ନିଜ ବକ୍ତବ୍ୟ ରଖି ସିଏମଡ଼ି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ସହିତ ସମନ୍ୱୟ ରଖି ଏହି ତାଲିମ ପ୍ରଦାନ କରାଯିବ। ଏହି ପଦକ୍ଷେପ ନାଲକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରୟାସ ଅଧୀନରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଜୀବିକା ନିର୍ବାହ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶବିଶେଷ।

## ନାଲକୋ ଏବଂ ସିଟିଟିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




### ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍ସାଇଟରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପାଇଁ ଆଉ ଅଳ୍ପ ଦିନ ବାକି ଥିବାରୁ ଶେଷ ସମୟରେ ଭିଡ଼ ଏଡାଇବା ନିମନ୍ତେ ଯଥାଶୀଘ୍ର ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କୁଚିଣ୍ଡା, ରେଢ଼ାଖୋଲ ଗ୍ରୀଡ ସବ୍-ଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ବୁର୍ଲା, (ସବ୍ୟୁ) : ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. କୁଚିଣ୍ଡା ଏବଂ ରେଢାଖୋଲ ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଏନ୍ଏସି, କୁଚିଣ୍ଡା ବ୍ଲକ, ଜମନକିରା ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳ ଏବଂ ରେଢ଼ାଖୋଲ ଏନ୍ଏସି, ରେଢ଼ାଖୋଲ ବ୍ଲକ, ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତାକାଲି ଅର୍ଥାତ ତା. ୦୯.୧୦.୨୦୨୫ ରିଖ୍ (ଗୁରୁବାର) ଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

### ବାଲିଯାତ୍ରା ପାଇଁ ପ୍ରଶାସନର ସୁରକ୍ଷା ପଦକ୍ଷେପ

# ପଡ଼ିଆର ୫ କିଲୋମିଟର ଅବଧିକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଘୋଷଣା

କଟକ, (ସବ୍ୟୁ): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଆୟୋଜନ କରାଯାଉଛି । ଏହି ସମୟ ମଧ୍ୟରେ କଟକରେ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୬୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବାର ଆଶା କରାଯାଉଛି ।ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଏବଂ ଆଖପାଖ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରିବା ସହ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଠାରୁ ୫ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ "ଡ୍ରୋନ୍ ମୁକ୍ତ ଅଞ୍ଚଳ" ଭାବରେ ଘୋଷଣା କରିଛନ୍ତି।୨୦୨୫ ନଭେମ୍ବର ୧ ତାରିଖଠାରୁ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଡ୍ରୋନ୍ ମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇଡର୍, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, କିମ୍ବା ଡ୍ରୋନ୍ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ଆଦେଶର ଉଲ୍ଲଂଘନ କଲେ ଏନଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ଅବଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ କଟକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି।

### ଉନ୍ନତ ଛାତ୍ର ସହାୟତା ସେବା ନିମନ୍ତେ

# କିଟ୍‌କୁ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର ୨୦୨୫

ଭୁବନେଶ୍ୱର, (ସବ୍ୟୁ) : ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷତା' ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍ଆଇସିସିଆଇ (ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ। ସମସ୍ତ ସାମାଜିକ-ଆର୍ଥିକ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ କିଟ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ପ୍ରୟାସ ରହିଆସିଛି। ଫଳରେ କିଟ୍‌ରେ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା ଜୁରି ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସାମୂହିକ ଓ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।



# ଡ. ନମ୍ରିତା ଚହଲ୍‌ଙ୍କ ଲିଖିତ "ୱିସ୍ପର୍ସ ଅଫ୍ ଦି ସୋଲ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ) : ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ "ଓ୍ୱିସ୍ପର୍ସ ଅଫ୍ ଦି ସୋଲ୍'ଭୁବନେଶ୍ୱରର ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି । ୧୦ ତାରିଖରେ ପାଳନ ହେବାକୁ ଯାଉଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସକୁ ପ୍ରାଧାନ୍ୟ ଦେଇ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଭାବପ୍ରବଣ ଏବଂ ମାନସିକ ସୁସ୍ଥତା ବିଷୟରେ ପୁସ୍ତକରେ ଥିବା ଗଭୀର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଛି । ଡ. ନମ୍ରିତା ଚହଲ୍ ମେଟାଫିଜିକ୍ସରେ ଡକ୍ଟରେଟ୍ ହାସଲ କରିଥିବା ସହ ଜଣେ କ୍ୱାଣ୍ଟମ ହିଲର୍, ଲାଇଫ୍ କୋଚ୍, ରେକି ଗ୍ରାଣ୍ଡମାଷ୍ଟର୍ । ସେ ଏପର୍ଯ୍ୟନ୍ତ ୯ହଜାରରୁ ଅଧିକ ଲୋକଙ୍କୁ ସାହାର୍ଯ୍ୟ କରିଛନ୍ତି ଏବଂ ସାମଗ୍ରିକ ଚିକିତ୍ସା ଓ ଆତ୍ମ ବିକାଶ ପ୍ରତି ତାଙ୍କର ଉତ୍ସାହ, ସହାନୁଭୂତି ଓ ନିଷ୍ଠା ପାଇଁ ବେଶ୍ ଜଣାଶୁଣା । ତାଙ୍କର ପୁସ୍ତକ "ୱିସ୍ପର୍ସ ଅଫ୍ ଦି ସୋଲ୍'ସୁସ୍ଥତା ପାଇଁ ଏକ ସରଳ କିନ୍ତୁ ଶକ୍ତିଶାଳୀ ମାଗଦର୍ଶିକା । ପୁସ୍ତକଟି ଡ. ଚହଲ୍‌ଙ୍କ ବ୍ୟକ୍ତିଗତ ଅଭିଜ୍ଞତାକୁ ସହ ଭାବପ୍ରବଣତାରେ ସନ୍ତୁଳନ, ଆତ୍ମ ସଚେତନତା ଏବଂ ବ୍ୟକ୍ତିଗତ ବିକାଶ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି । ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।



# ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ ଆଜି

ଭୁବନେଶ୍ୱର,(ସବ୍ୟୁ) : ଭୋଟ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଆଜି (ଗୁରୁବାର) ପ୍ରତାରଣା ପ୍ରତିବାଦ ସମାବେଶ କରାଯିବ । ଏନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରକାଶ କରିଛନ୍ତି । ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ସମାବେଶ କରାଯିବ । ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ୍‌ରୁ ବାହାରି ଲୋୟର ପିଏଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାର କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ । ଲୋୟର ପିଏମଜି ଠାରେ ମଧ୍ୟ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ କରାଯିବ । ଏହି ସମଗ୍ର କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ଉଦୟଭାନୁ ଚିବ୍, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ । ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି । ପ୍ରଧାନମନ୍ତ୍ରୀ , ଅମିତ ଶାହା ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ମଧୁଚନ୍ଦ୍ରିକାରେ ଏହି ସରକାର ସମ୍ଭବ ହୋଇପାରିଛି । ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଏହି ଭୋଟ ଚୋରିର ପର୍ଦ୍ଦାଫାଶ କରିବା ପରେ ସାରା ଦେଶର ଭୋଟର ମାନେ ଅନୁଭବ କରିଛନ୍ତି ଯେ, ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ନିର୍ବାଚନ କମିଶନ ଏବଂ ପ୍ରଧାନମନ୍ତ୍ରୀ ଛଡାଇ ନେଇଛନ୍ତି । ଓଡ଼ିଶାରେ ଭୋଟ ଚୋରି ମଧ ବ୍ୟାପକ ହୋଇଛି । ସନ୍ଧ୍ୟା ୫ ଟା ଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି । ସେହିଭଳି କର୍ଣ୍ଣାଟକର ମହାଦେବପୁରା ଠାରେ ଭୋଟ ଚୋରିର ଉଦାହରଣ ଦେଇ ରାହୁଲ ଗାନ୍ଧୀ ସାରା ଦେଶର ଭୋଟର ଭାଇ ଓ ଭଉଣୀମାନଙ୍କର ଆଖି ଖୋଲି ଦେଇଛନ୍ତି ।ଗୋଟିଏ ଘରେ ଗୋଟିଏ ନମ୍ବରରେ ୫୦୦ରୁ ଉର୍ଦ୍ଧ୍ୱ ଭୋଟର ଏବଂ ଏହା ପୁଣି ବିଭିନ୍ନ ଧର୍ମର ଲୋକଙ୍କୁ ନେଇ କିପରି ସମ୍ଭବ ହୋଇପାରୁଛି ।ସେହିଭଳି ବହୁ ଭୋଟରଙ୍କ ଘର ନମ୍ବର ଶୂନ୍ୟ ମଧ ରହିଛି । ସେହିଭଳି ଭୁଲ ଠିକଣା, ଫର୍ଜି ଭୋଟ, ଫର୍ଜି ଫଟୋ ଏବଂ ୬ ନମ୍ବର ଫର୍ମର ଦୁର୍ବ୍ୟବହାର କରାଯାଇ ମହାଦେବପୁରାରେ ବ୍ୟାପକ ଭୋଟ ଚୋରିର ପ୍ରମାଣ ରାହୁଲ ଗାନ୍ଧୀ ଦେଇଛନ୍ତି । ସେହଭଳି ମହାରାଷ୍ଟ୍ର ଏବଂ ଦେଶର ବିଭିନ୍ନ ରାଜ୍ୟରେ ଭୋଟ ଚୋରି ହୋଇଛି । ଓଡ଼ିଶାରେ ବ୍ୟାପକ ଭୋଟ ଚୋରି ହୋଇଥିଲେ ମଧ ବିଜେଡ଼ି ଦଳ ଠିକ୍ ଭାବରେ ମୁହଁ ଖୋଲୁନାହିଁ । ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍, କେଦାର ଦଳେଇ, ସ୍ୱାଗତ କର ଓ ମହମ୍ମଦ ପରଭେଜ ପ୍ରମୁଖ ଉପସ୍ଥିତ ଥିଲେ ।



### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଓଡ଼ିଆ ଅସ୍ମିତା ଭବନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କର

ଭୁବନେଶ୍ୱର(ସବ୍ୟୁ): ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧକ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ । ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଏହି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ ଥିମ ପାଭିଲିୟନ ନିର୍ମାଣ କରାଯିବ । ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ । "ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ । ଦକ୍ଷିଣ ଏସିଆର କେତକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ମଧ୍ୟ ଅନୁରୋଧ କରାଯିବ । ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ । କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟି ରାଜ୍ୟ ପ୍ରନିତତ୍ତ୍ୱ ଗ୍ରହଣ କରିବ । ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ ପାଥେର ପୁରୀର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।

**ଢେଙ୍କାନାଳ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ଲାଗି ସହାୟତା**

**ବାଲିଯାତ୍ରାରେ ଅନ୍ୟ ରାଜ୍ୟ ସହିତ ଇଣ୍ଡୋନେସିଆକୁ ଆମନ୍ତ୍ରଣ**

# ବାଳକାଟି ଜିଓ ପେଟ୍ରୋଲ ଟାଙ୍କିରେ ହେଲ୍‌ମେଟ୍ ଉପହାର

ବାଲିଅନ୍ତା, (ସବ୍ୟୁ) : ସରଦେଇପୁର-ନିମାପଡା ରାସ୍ତା ବାଳକାଟିରେ ଜିଓର ନୂଆ ପେଟ୍ରୋଲ ଟାଙ୍କି ଉଦଘାଟନ ହୋଇଯାଇଛି । ଏନେଇ ଟାଙ୍କିର ମାଲିକ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା ।ଏଥିରେ ଅତିଥିଭାବେ ଜିଓ କମ୍ପାନୀର ବରିଷ୍ଠ ଅଧିକାରୀ ସମେତ ସ୍ଥାନୀୟ ଅଞ୍ଚଳର ସମାଜସେବୀ ସୁବ୍ରତ ମହାନ୍ତି, ସଂଳାପକାର ଡ଼. ରଜନୀ ରଞ୍ଜନ ଦାଶ, ବେଣୁଧର ଭୋଇ,ଭାଗ୍ୟଧର ନନ୍ଦୀ, ଚକ୍ରଧର ନାୟକ, ପବିତ୍ର ବେହେରା, ଇଂ. ରୁଦ୍ରପ୍ରସାଦ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ । ସଞ୍ଜୟ ମହାନ୍ତିଙ୍କ ବାପା ପ୍ରହ୍ଲାଦ ମହାନ୍ତି ଓ ମାତା ସୁଧାଂଶୁବାଳା ମହାନ୍ତି ଶୁଭାରମ୍ଭ କରିଥିଲେ । ଉଦଘାଟନ ଦିନରେ ପ୍ରତ୍ୟେକ ବାଇକରେ ୭୦୦ ଟଙ୍କା ଓ ସ୍କୁଟିରେ ୩୫୦ ଟଙ୍କାର ପେଟ୍ରୋଲ ପକାଇଲେ ଗ୍ରାହକ ମାନଙ୍କୁ ହେଲମେଟ ଉପହାର ଦିଆଯାଇଥିଲା । ସେହିପରି କାର ଚାଳକ ପେଟ୍ରୋଲ ପକାଇଲେ ସେମାନଙ୍କୁ ଚାବି ରିଙ୍ଗ, ୱାସ ଲିକ୍ୟୁଡ଼ି ଓ କପଡା ବଣ୍ଟା ଯାଇଥିଲା । ଏଥିସହ ପ୍ରତି ଗ୍ରାହକଙ୍କୁ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା ।

### ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା ଘଟଣା

# ବେତନଟୀ ବାର ଆସୋସିଏସନ ପକ୍ଷରୁ କଲମଛାଡ ଆନ୍ଦୋଳନ

ବେତନଟୀ,(ସବ୍ୟୁ)- ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ଓଡିଶା ରାଜ୍ୟ ଆଇନ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ବାଇକ ଆରୋହୀ ଦୁଇ ଦୁର୍ବୃତ୍ତ ଗୁଳିକରି ଅତ୍ୟନ୍ତ ନିର୍ମମଭାବେ ହତ୍ୟା କରିବା ଘଟଣା ପ୍ରତିବାଦରେ ଦିଆଯାଇଥିବା ରାଜ୍ୟବ୍ୟାପୀ କଲମଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବୁଧବାର କଲମଛାଡ ଆନ୍ଦୋଳନ ସହିତ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ବେତନଟୀ ଜେଏମଏଫସି କୋର୍ଟ ପରିସରସ୍ଥିତ ବାର ଏସୋସିଏସନ କାର୍ଯ୍ୟାଳୟରେ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରବୀର କୁମାର ବାରିକ ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ବ୍ରହ୍ମପୁରରେ ଯେଉଁଭଳି ଭାବରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଗଲା ତାହାକୁ ଦୃଢ଼ ନିନ୍ଦା କରିବା ସହିତ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ଢ଼ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କର୍ଯ୍ୟକ୍ରମରେ ବେତନଟୀ ବାର ଏସୋସିଏସନ ପକ୍ଷରୁ ବାର ଏସୋସିଏସନ ଉପସଭାପତି ରବିନାରାୟଣ ମହାପାତ୍ର, ରଣଜିତ ଗନ୍ତାୟତ, ଦୁଃଖିଆ ମୁର୍ମୁ, କିଶୋର କୁମାର ମହାନ୍ତ, ଅର୍ଣ୍ଣବ କୁମାର ଘୋଷ, ଲମ୍ବୋଦର ନାୟକ, ଲମ୍ବୋଦର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।



# ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ ଆନୁକୂଲ୍ୟରେ ୧୬ତମ କୁଆଁର ପୁନେଇ ଜହ୍ନଲୋ କାର୍ଯ୍ୟକ୍ରମ ଆଇଟିଆଇ ପ୍ରେକ୍ଷାଳୟରେ ମଙ୍ଗଳବାର ଆୟୋଜିତ ହୋଇଥିଲା । ଏଥିରେ ଜୀରାଙ୍ଗ ବୁଦ୍ଧ ମନ୍ଦିରର ମୁଖ୍ୟ ଗୁରୁ ଖେନୋ ପେମା ତେନଫେଲ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନକୁମାର ସ୍ୱାଇଁ ଏବଂ ପ୍ରତିଧ୍ୱନୀର ପ୍ରତିଷ୍ଠାତା ପ୍ରତାପକୁମାର ନାୟକ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରଖ୍ୟାତ ଉଦଘୋଷକ ହୃଷିକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ସଭା ସଂଯୋଜନା କରିଥିଲେ । ଡ. ମିହିରକୁମାର ତ୍ରିପାଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ତାନାକୁସ୍ଥତ ଅମ୍ବିକା ଡ୍ୟାନ୍ସ ଏକାଡେମୀର ନୃତ୍ୟାଙ୍ଗନାଙ୍କ ଚିତାକର୍ଷକ କୁଚିପୁଡ଼ି ନୃତ୍ୟ କାର୍ଯ୍ୟକ୍ରମର ମୁଖ୍ୟଆକର୍ଷଣ ହୋଇଥିଲା । ଏହା ସହିତ ସୁନ୍ଦରଗଡ଼ର ମୟୁରୀ ଲୋକନୃତ୍ୟ ଅନ୍ୟତମ ଆକର୍ଷଣ ପାଲଟିଥିଲା । ପୂର୍ବରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ଦ୍ୱାରା ଠିଆ ପୁଚି ନାରଙ୍ଗ ଏବଂ ପାରମ୍ପରିକ କୁଆଁର ପୁନେଇ ଜହ୍ନଲୋ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସଞ୍ଜିତା ପାଣିଗ୍ରାହୀଙ୍କ ଦ୍ୱାରା ଆବାହନୀ ଦେବୀ ନୃତ୍ୟ ଶରତ ମହାପାତ୍ର ଓ ଟିମ୍ ଦ୍ୱାରା ଶଙ୍ଖ ଧ୍ୱନୀ, ମାନସି ରାଉତରାୟ ଓ ଦଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, କେଇରା କିଶୋର ଓ ମହିଳା ସଂଗୀତ ଟିମ୍ ଦ୍ୱାରା ସଂଗୀତ ମୂର୍ଚ୍ଛନା ପ୍ରଦର୍ଶିତ ହୋଇଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତି ଯାଯାବର ଚଳଚ୍ଚିତ୍ରର ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ୩ଯୁବ ପ୍ରତିଭା ପ୍ରତିଭାବାନ ଲିପିତତ୍ତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ, ଫୋର୍ବସ ଇଣ୍ଡିଆରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଯୁବ ସାମ୍ବାଦିକ ତଥା ଜଙ୍ଗଲ ରାଣୀ ଜୟନ୍ତୀ ବୁରୁଦା ଏବଂ ବଲିଉଡର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ ଏବଂ ମେକ୍ ଅପ ବିଶେଷଜ୍ଞ କେ, ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସଭାନେତ୍ରୀ ସୁଦୀପ୍ତା ପାଣିଗ୍ରାହୀ ଓ ଉପଦେଷ୍ଟା ହୃଷିକେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏ. ତ୍ରିପତି ବାଲାଜି ପାତ୍ର, ହ ମିହିର ତ୍ରିପାଠୀ, ଡ.ଅମ୍ବରିଶ ପାଢୀ, ସୁଜାତା ପାଢୀ, ମଞ୍ଜୁଶ୍ରୀ ବେବର୍ଷା, ଡ. ସୋମେୟାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।।

# ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ: କାର ଓ ଖଣ୍ଡା ଜବତ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଞ୍ଚଳରୁ ଜଣେ ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତକୁ ଆଜି ତାରସିଂ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଖବର ନେବାରେ କୋକଲବା ଗ୍ରାମର ମନୁ ପ୍ରଧାନ ଗତମାସ ୬ ତାରିଖ ଦିନ ଗ୍ରାମ ଛକ ନିକଟରେ ବସିଥିବା ବେଳେ ଗୋଟିଏ କାର୍ରେ କିଛି ଦୁର୍ବୃତ୍ତ ଆସି ତାକୁ ଜୋର ଜବରଦସ୍ତ ଗାଡିରେ ବସାଇ ଏକ ବୁଦା ନିକଟକୁ ନେଇ ଗାଳି ଗୁଲଜ ଦେବା ସହ ମାରପିଟ୍ କରିଥିଲେ । ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ସେମାନେ ଚାଲିଯିବା ପରେ ସେ ସଲପଡଇଲା ଛକକୁ ଆସିବା ପରେ ସ୍ଥାନୀୟ ଲେକଙ୍କ ସହାୟତାରେ ମେଡିକାଲକୁ ଯାଇଥିଲେ । ଘଟଣାକୁ ନେଇ ମନୁ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। । ଅଭିଯୋଗକୁ ଭିତ୍ତି କରି ପୁଲିସ୍ କେସ୍ ନମ୍ବର ୩୩୩/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୋକଲବା ଗ୍ରାମର ରାଜେଶ କୁମାର ପ୍ରଧାନକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ତାଙ୍କ ନିକଟରୁ ବ୍ୟବହୃତ କାର ସହ ଖଣ୍ଡା ଜବତ ହେଇଥିବା ଥାନାଧିକାରୀ ଶ୍ରୀମତୀ ପୂଜାରୀ ସୂଚନା ଦେଇଛନ୍ତି ।

ଶୁଭେଚ୍ଛା ବାର୍ତ୍ତା
ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ । ଏହା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
କନକଲକ୍ଷ୍ମୀ ମହାନ୍ତି
ଅଧ୍ୟକ୍ଷା,
ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୭୭୬୭୨୫୫

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ପରଲୋକ

କଟକ, (ସ୍ୱପ୍ର): ଭାରତୀୟ ପ୍ରଶାସନୀକ ସେବାର ଅବସରପ୍ରାପ୍ତ ଅଧିକାରୀ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳେକୁ ତାଙ୍କୁ ୭୫ବର୍ଷ



ବୟସ ହୋଇଥିଲା । ସ୍ଥାନୀୟ ୫୩ ନମ୍ବର ୱାର୍ଡ ସ୍ଥିତ ଦୁଲ୍ଲାଦେଇ ରୋଡ ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପନି ପୁଷ୍ପମିତ୍ରା ପଟ୍ଟନାୟକ, ଦୁଇ ଝିଅ ପଲ୍ଲବୀ, ଶ୍ୱେତପଦ୍ମା ଏବଂ ଏକମାତ୍ର ପୁତ୍ର ନିବେଦନ ଉପସ୍ଥିତ ଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କ ଚାକିରୀ ଜୀବନ ମଧ୍ୟରେ ପୁରୀ, ଭଦ୍ରକର ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିଥିଲେ । ଜଗତସିଂହପୁର ଜିଲ୍ଲାରେ ସେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ପିଡି ଡିଆରଡିଏ ପଦବୀରେ କାର୍ଯ୍ୟ କରି ବହୁ ସୁନାମର ଅଧିକାରୀ ହୋଇପାରିଥିଲେ । ୧୯୯୯ ମସିହା ମହାବାତ୍ୟାରେ ସେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ ରାଜ୍ୟ ସରକାର ତାଙ୍କୁ ନିଯୁକ୍ତି ଦେଇଥିଲେ । ସ୍ୱତନ୍ତ୍ର ସଚିବ ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସେ ଅବସର ଗ୍ରହଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ନିବେଦନ ମୁଖାଗ୍ନି ଦେଇଥିଲେ ।

# ଗଞ୍ଜେଇ ଭର୍ତ୍ତି ପିକଅପ ଭ୍ୟାନ୍ ଜବତ, ଜଣେ ଗିରଫ


ଭଞ୍ଜନଗର, (ସବ୍ୟୁ): ବ୍ୟବସାୟିକ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାରୁ ଏକ ପିକଅପ୍ ଭ୍ୟାନ୍ ଯୋଗେ ଭୁବନେଶ୍ୱର ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜଣେ ଯୁବକ ସହ ପିକାଅପ ଭ୍ୟାନକୁ ଭଞ୍ଜନଗର ଅବକାରୀ ବିଭାଗ ଜବତ କରିଛି । ମାଜିଷ୍ଟ୍ରେଟ ଫକୀର ଜୀବନ ନାୟକଙ୍କ ଉପସ୍ଥିତରେ ସେମାନଙ୍କ ଠାରୁ ୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି । ଗିରଫ ଯୁବକ ହେଲେ କଟକ ଜିଲ୍ଲାର ମାଣିଆବନ୍ଧ ଥାନା ଅଧିନରେ ଥିବା କଙ୍କଡାଯୋଡି ଗ୍ରାମର ସୁବ୍ରତ ପ୍ରଧାନ । ସେ ଏକ ପିକଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଧରି କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇଁ ଭଞ୍ଜନଗର ବ୍ଲକରେ ଥିବା ଗୋଲାପଡା ଛକରେ ଅବକାରୀ ବିଭାଗ କାବୁ କରିଥିଲା । କେସନଂ ୧୦୨/୨୫-୨୬ ରେ ମାମଲାରେ ରୁଜୁ କରାଯାଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକଟର ଉମ୍ବରୁଧର ହରିଜନ ସୂଚନା ଦେଇଛନ୍ତି ।

ଜୀବନ ଜ୍ୟୋତି ହସ୍ପିଟାଲ
JEEVAN JYOTI HOSPITAL
Regd. No. - 1233/2009
ISO 9001 : 2015 CERTIFY
ଜିଲ୍ଲାପାଳ ଅଫିସ ପାଖ, ଖୋର୍ଦ୍ଧା
ଫୋନ୍-୦୬୭୫୫-୨୯୬୦୦୨, ମୋ.-୯୪୩୭୯୭୩୭୮, ୯୯୩୭୬୯୫୩୮୨
ଏଠାରେ ଆୟୁଷ୍ମାନ କାର୍ଡ଼ ଏବଂ ରାସନ କାର୍ଡ଼ଧାରୀ ବ୍ୟକ୍ତିଙ୍କ ଚିକିତ୍ସା ଓ ଅପରେସନ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ । ରୋଗୀ ସେବା ପାଇଁ ଏଠାରେ ମାଗଣାରେ ସୁଷମ ଖାଦ୍ୟ ଓ ଗାଡ଼ି ଯୋଗାଇ ଦିଆଯାଏ ।
ଜୀବନ ଜ୍ୟୋତି ହସ୍ପିଟାଲ,
୧୬ନଂ. ଜାତୀୟ ରାଜପଥ, ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟ, ଖୋର୍ଦ୍ଧା
ଆପଣଙ୍କ ସ୍ୱାସ୍ଥ୍ୟ ଆମର ଦାୟିତ୍ୱ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
TAILAKHA DEHURY
President
Lions Club Angul
Zone Chairperson
Zone-1, District 322C5
Lions Club International

KANDHAMAL haladi
KASAM
(Kandhamal Apex Spices Association for Marketing)
(ISO 22000:2005 HACCP CERTIFIED)
Pure, Natural & Organic products of the hilly land of Kandhamal are available here.
Netaji Subash Bose Road, Phulbani,
Kandhamal- 762 001, ODISHA
Ph: 06842- 253022
E-mail: orissakasam@rediffmail.com / kasam.organic@gmail.com
Visit us at : www.kasamorganic.co.in

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମଗ୍ର ଓଡ଼ିଶାବାସୀ ତଥା ବିଶେଷକରି ଅନୁଗୋଳ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ରଜନୀକାନ୍ତ ସିଂହ
(ମଣ୍ଟୁଭାଇ)
ପୂର୍ବତନ ଉପବାଚସ୍ପତି, ଓଡ଼ିଶା ବିଧାନସଭା,
ପୂର୍ବତନ ମନ୍ତ୍ରୀ, ଖଣି ଓ ଇସ୍ପାତ,
ପୂର୍ବତନ ବିଧାୟକ,
ଅନୁଗୋଳ ନିର୍ବାଚନମଣ୍ଡଳୀ, ଅନୁଗୋଳ




'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେଚ୍ଛା ବାର୍ତ୍ତା
SHREE LAXMI INDUSTRIAL HOUSE
(A House of Industries Solution)
Ramesh Saha MOB.- 7894432162
Keshav Saha MOB.- 9178160217
adar FONTECH, wilo, HEX, BAJAJ, CHAMPION, MENNEKES, Raychem, HALONIX, POLYCAB, FLEXCO, JK Fenner, KAYCEE, Demech Chemical, Leak-Proof Engineering, MICROTEK

ଶୁଭେଚ୍ଛା ବାର୍ତ୍ତା
ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୯ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା । ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ସୌର୍ଯ୍ୟ ରଞ୍ଜନ ମହାନ୍ତି (ଟିଟନ)
ଉପାଧ୍ୟକ୍ଷ, ପୌରପରିଷଦ, ଖୋର୍ଦ୍ଧା
ମୋ.: ୯୪୩୮୧୭୯୦୪୩

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀମତୀ କଳ୍ପମୟୀ ପ୍ରଧାନ
ଚେୟାରମ୍ୟାନ
ଓମ୍ ବିଦ୍ୟାଭାରତୀ ଆବାସିକ ମହାବିଦ୍ୟାଳୟ ସମୂହ
ଇକୋ ପାର୍କ ନିକଟ, ଶିକ୍ଷକପଡ଼ା, ଅନୁଗୋଳ




ଓଡ଼ିଶାରେ ଘରେଘରେ ପରିଚିତ ସବୁଠୁ ସ୍ୱାଦ ସବୁଠୁ ଟେଷ୍ଟି
ରୋଷେଇଶାଳରେ ମହିଳାମାନଙ୍କର ସବୁଠୁ ନିର୍ଭରଯୋଗ୍ୟ
ମା' ମସଲା MAA MASALA
MAA SPICES
ଖାଇବାରେ ଆଣିଦିଏ ଅସଲି ମଜା
'ସମୟ'ର ୨୯ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶାର ଅଗଣିତ ଜନସାଧାରଣଙ୍କୁ ମା' ମସଲା ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ, ଏତିକି ମା' ମସଲା ପରିବାର ପକ୍ଷରୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଘରକୁ ଥରେ ନିଅନ୍ତୁ ସ୍ୱାଦିଷ୍ଟ ଖାଦ୍ୟର ମଜା ନିଅନ୍ତୁ
The Annupurna Agrow Pvt. Finance Ltd.

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀଯୁକ୍ତ ରୁଦ୍ରନାରାୟଣ ପାଣି
ମାନ୍ୟବର ସାଂସଦ (ଲୋକସଭା)
ଢେଙ୍କାନାଳ

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଅନୁଗୋଳ ଜିଲ୍ଲାର ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ।
ଅଭିନନ୍ଦନ
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନ
Angul District Private School's Federation Under ADPSF Welfare Trust, Angul
– ଶୁଭେଚ୍ଛା ସହ –
ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ସମସ୍ତ ସଦସ୍ୟ ଓ ସଦସ୍ୟା ବୃନ୍ଦ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଲକ୍ଷ୍ମୀ ଜୁଏଲର୍ସ
Laxmi Jwellelers
GOLD, DIAMOND, SILVER
Bazar Chhak, ANGUL

ସମୟ

# ଦୁଇଟି କାର୍ ସହ ଗଞ୍ଜେଇ ଜବତ



କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ ପକ୍ଷରୁ ବୁଧବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ମନମୁଣ୍ଡା ଥାନା ଗବଜୋର ତେଲ ନଦୀ ବ୍ରିଜ ଛକ ନିକଟରୁ ଦୁଇଟି କାର ସହ ୪୧ କେଜି ଗଞ୍ଜେଇ ଜବତ କରିଛି । ଘଟଣାର ଅଭିଯୁକ୍ତମାନେ ଫେରାର ଥିବା ବିଭାଗ ସୂତ୍ରରୁ ପ୍ରକାଶ । ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦୁଇଟି ପୃଥକ୍ ମାମଲାରେ ଦୁଇଟି କାର ଜବତ୍ କରିବା ସହ ଉଭୟ ଗାଡିରୁ ୪୧ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଏକ ହଣ୍ଡାଇ କାର ଓଡି-୦୨/ଭି-୦୨୬୬ ରୁ ୨୧ କେଜି ଓ ସୁଜିକି ଭିଟାରା ବ୍ରିଜଝ କାର ଓଡି ୧୫ କେ-୮୭୯୮ ରୁ ୨୦ କେଜି ଗଞ୍ଜେଇ ଜବତ କରିଥିଲେ । ଉଭୟ ମାମଲାରେ କୌଣସି ଅଭିଯୁକ୍ତକୁ ଗିରଫ କରାଯାଇ ନଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରି ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଥିବା ସବ ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।

## ଅଜ୍ଞାତ ବାସରେ ୧୯ଜଣ କାଉନସିଲର

# ରାୟଗଡ଼ା ପୌର ଉପାଧକ୍ଷ ପଦ ପାଇଁ ନବୀନଙ୍କ ହ୍ୱିପ ଜାରି

ରାୟଗଡା,(ସବ୍ୟୁ): ରାୟଗଡା ପୌର ଉପାଧକ୍ଷ ପଦ ପାଇଁ ଶଙ୍ଖ ଭବନରୁ ନବୀନ ପଟନାୟକଙ୍କୁ ଜାରି କରିବାକୁ ପଡିଲା ହ୍ୱିପ । ଏଥିରୁ ସ୍ପଷ୍ଟ ହେଲା ଯେ ହେବ ଭାସ୍କର- ନବୀନଙ୍କ ପୌର ଲଢ଼େଇ। ରାୟଗଡ଼ା ପୌର ପରିଷଦ ଉପାଧକ୍ଷା ଶୁଭ୍ରା ପଣ୍ଡାଙ୍କ ଅନାସ୍ଥାର ହିସାବ । ୨୫ବର୍ଷର ବିଜେଡ଼ି ରାୟଗଡାରେ ଦଳର ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି। ନିଜ ଦଳିୟ ଚିହ୍ନରେ ଜିତିଥିବା କାଉନସିଲରଙ୍କ ଉପରେ ହ୍ୱିପ ଜାରି କରିବା ଭଳି ସ୍ଥିତି ଆସି ପହଞ୍ଚିଯାଇଛି । ୧୯ଜଣ କାଉସିଲର ଏବେ ଅଜ୍ଞାତ ବାସରେ ରହିଛନ୍ତି। ଜିଲ୍ଲା ବିଜେଡିର ସଭାପତି ଜଗନ୍ନାଥ ସାରକା ତାଙ୍କ ଟେର ପାଉନାହାନ୍ତି । ବିଜେଡି ରାଜ୍ୟ ସଭାପତିଙ୍କ ଦସ୍ତଖତ ଥିବା ହ୍ୱିପ କାଗଜ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ସଭାପତି ଅଭିଯୋଗ ପ୍ରଦାନ କରିଥିବା ଦେଖିବାକୁ ମିଳିଛି । ସେଥିରେ ଉଲ୍ଲେଖ ରହିଛି ମତଦାନ କେନ୍ଦ୍ର ଭିତରେ କେବଳ ଜଣେ ରହିବାକୁ ସଭାପତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଅଜ୍ଞାତବାସରୁ ଫେରିବେ ୧୯ କାଉନସିଲର। ପୌର ପରିଷଦ ଉପାଧକ୍ଷଙ୍କ ବିରୋଧରେ ଆଣିଥିବା ଅନସ୍ଥା ଉପରେ ମତଦାନ କରିବେ। ତେବେ ଦିନକ ପୂର୍ବରୁ ଜିଲ୍ଲାର ରାଜନୀତିକୁ ଭଲ ପାଉଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ନଜର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପରେ। ବିଜେଡି ସଭାପତି ଶ୍ରୀ ସାରକା ଫେରିବା ପରେ ଉପାଧକ୍ଷାଙ୍କ ବିରୋଧରେ ନୁହେଁ ସପକ୍ଷରେ ଭୋଟ ଦେବାକୁ ରାଜ୍ୟ ସଭାପତି ହୁଇପ ଜାରି କରିଥିବା ଗଣମାଧମକୁ କହିଥିଲେ। ଯଦି ୧୯ଜଣ କାଉନସିଲର ନବୀନଙ୍କ ନିର୍ଦ୍ଦେଶକୁ ନ ମାନନ୍ତି ତେବେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତି କରିଛନ୍ତି। ଅପରପକ୍ଷରେ ଶ୍ରୀ ସାରକାଙ୍କ ଏହି ହୁଇପ ନେଇ ମତ ଶୁଣିବା ପରେ ସାରା ଜିଲ୍ଲାରେ ଆଲୋଡନ ସୃଷ୍ଟି ହୋଇଛି। ଯେଉଁ କାଉନସିଲର ମାନେ ନିଜ ହାତରେ ଦସ୍ତଖତ କରି ଅନସ୍ଥା ପ୍ରସ୍ତାବ ଆଣିଛନ୍ତି ସେମାନଙ୍କ ଉପରେ କିଭଳି ହୁଇପ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ତେବେ ପୂର୍ବ ସୂଚନା ପ୍ରକାରେ ବିଜେଡି ୨୦୨୪ ନିର୍ବାଚନରେ ହାରିବା ୧ବର୍ଷ ପରେ ବିଜେଡି ତାର ଜିଲ୍ଲା ସଭାପତି ନାମ ଘୋଷଣା କରିଥିଲା। ସେଥିରେ ଏନ.ଭାସ୍କର ରାଓ ବା ତାଙ୍କ ଶିବୀରରେ କାହାର ନାମ ନଥିଲା। ସିଧା ସଳଖ ଭାସ୍କରଙ୍କ ପ୍ରତିଦ୍ୱନ୍ଦି ସୁଧିର ଦାସୀଙ୍କ ଶିବିରରୁ ଜଗନ୍ନାଥ ସାରକଙ୍କ ନାମ ଘୋଷଣା କରାଯାଇଥିଲା । ଏହାକୁ ନେଇ ଭାସ୍କର ରାଓଙ୍କ ସମେତ ବହୁ କାଉନସିଲର, କର୍ମୀ, ବରିଷ୍ଠ କର୍ମୀ ଏପରିକି ପୂର୍ବତନ ଉପବାଚସ୍ପତି ଏବଂ ମନ୍ତ୍ରୀ ଥିବା ଲାଲବିହାରୀ ହିମିରିକା ମଧ ଦଳ ଛାଡିଥିଲେ। ପୁଅ ନବୀନ ପଟନାୟକଙ୍କ ଫଟୋକୁ ହଟାଇ ବାପା ବିଜୁ ପଟ୍ଟନାୟକଙ୍କ ଫଟୋକୁ ବ୍ୟାନରରେ ଧରି ବିଜୁ ସ୍ୱାଭିମାନ ମଞ୍ଚ ନାମରେ ଏକ ସଙ୍ଗଠନ କରି ଗୋଟି ଚାଳନା ଆରମ୍ଭ କରିଥିଲେ ଭାସ୍କର। ଆଉ ମଞ୍ଚରୁ ପ୍ରଥମ ତୀର ସଦୃଶ୍ୟ ଉପାଧକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ବିଜେଡିର ୨୧ କାଉସିଲରଙ୍କ ଭିତରୁ ୧୯ଜଣଙ୍କୁ ନେଇ ଆସିଥିଲା ଅନସ୍ଥା । ନିର୍ବାଚନର ଅନସ୍ଥା ନିୟମ ପ୍ରକାରେ ଦସ୍ତଖତ ଯାଞ୍ଚ ପରେ ର୍ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅକ୍ଟୋବର ୯ ତାରିଖକୁ ମତଦାନ ଦିନ ରୂପେ ଘୋଷଣା କରିଥିଲେ। ଆଉ ମତଦାନର ପୂର୍ବଦିନ ହ୍ୱିପ ଜାରି କରାଯାଇଛି। ତେବେ ଦଳର ନିୟମ ପ୍ରକାରେ ପଦକ୍ଷେପ ନିଆଯାଇଛି ବୋଲି ବିଜେଡି ସଭାପତି ଜଗନ୍ନାଥ ସାରକା କହିଥିବା ବେଳେ ପୌରପରିଷଦ ର୍ନିର୍ବାଚନ ନିୟମ ପ୍ରକାରେ ଗୁରୁବାର ମତଦାନ କରାଯିବା ପରେ ଫଳାଫଳ ଘୋଷଣା କରାଯିବ ବୋଲି ର୍ନିବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କହିଛନ୍ତି ।

# ଅଯୋଧା-ବାରଣାସୀ ଅଭିମୁଖେ ୭୭୫ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କ ଯାତ୍ରା



ସମ୍ବଲପୁର,(ସବ୍ୟୁ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ୭୭୫ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ସମ୍ବଲପୁର ରେଳ ଷ୍ଟେସନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ରାଜ୍ୟ ସରକାର ଏହି ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବରିଷ୍ଠ ନାଗରିକଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରି ନିଜ ପୁତ୍ରପୁତ୍ରୀର ଦାୟିତ୍ୱ ବହନ କରୁଛନ୍ତି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ କହିଥିଲେ ଯେ, ଓଡିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୮ହଜାର ବରିଷ୍ଠ ନାଗରିକ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବାର ସୁଯୋଗ ପାଇଛନ୍ତି । ଏହି ଅବସରରେ ତୀର୍ଥଯାତ୍ରା ଟ୍ରେନକୁ ଅତିଥି ମାନେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷେତ୍ରୀ ଓ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଅଯୋଧ୍ୟା-ବାରଣାସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାଇଥିବା ତୀର୍ଥଯାତ୍ରୀ ଅଯୋଧ୍ୟାର ରାମ ମନ୍ଦିର, ହନୁମାନ ଗଦି , ବାରଣାସୀର ଗଙ୍ଗା ଆଳତୀ, କାଶୀ ବିଶ୍ୱନାଥ ମନ୍ଦିର ଦର୍ଶନ କରିବେ । ଏଥିପାଇଁ ସମ୍ବଲପୁର ଜିଲ୍ଲାର ୮୯ଜଣ, ସୋନପୁରର ୫୨ଜଣ, ଦେବଗଡର ୨୭ଜଣ, ଅନୁଗୁଳର ୧୦୯ଜଣ, ଝାରସୁଗୁଡାର ୫୦ଜଣ, ସୁନ୍ଦରଗଡର ୧୮୦ଜଣ, ବଲାଙ୍ଗିରର ୧୪୧ଜଣ, ବରଗଡର ୧୨୭ଜଣ ଯାତ୍ରୀ ଯାତ୍ରା କରୁଛନ୍ତି । ଏଥିସହ ସେମାନଙ୍କ ଦାୟିତ୍ୱରେ ୨୫ଜଣ ସରକାରୀ କର୍ମଚାରୀଙ୍କୁ ନିୟୋଜିତ ହୋଇଛନ୍ତି ।

# ବାଣ ବିସ୍ଫୋରଣରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବୌଦ୍ଧ,୮/୧୦ ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଂଚାୟତର ଜିଆକଟା ଗ୍ରାମରେ ଗତ ସେପ୍ଟେମ୍ବର ମାସ ୨୧ ତାରିଖର ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟିଥିଲା । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲେ । ଏବଂ ଏହି ବିସ୍ଫୋରଣରେ ଜିଆକଟା ଓ ଛତ୍ରପୁର ଗ୍ରାମର ୩୨ଟି ପରିବାରର ଘର ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ଏହି କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଆଜି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଜିଆକଟା ଗ୍ରାମର ମାଗିରାମ ବେହେରାଙ୍କ ଘରେ ବେଆଇନ ଭାବରେ ବାଣ କାରଖାନା, ଜିଲୋଟିନ ଆଦି କାରବାର ହେଉଥିଲା । ପ୍ରଶାସନ କିମ୍ବା ପୁଲିସ ବିଭାଗ କେବେବି ତାକୁ ବାରଣ କରିନଥିଲେ । ଯଦି ତାହା କରାଯାଇଥାନ୍ତା ତାହାହେଲେ ଏତେବଡ ବିସ୍ଫୋରଣ ହୋଇନଥାନ୍ତା କି ଧନ ଜୀବନ କ୍ଷତି ହୋଇନଥାନ୍ତା । ଏହି ବିସ୍ଫୋରଣରେ ଛତ୍ରପୁର ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଶାନ୍ତି ବାଘ, ଦଣ୍ଡୁ ବାଘ, ମୋହନ ବେହେରା, ମିଥୁନ ବେହେରା, କୁମ ବେହେରା, ଦେବେନ୍ଦ୍ର ବେହେରା, ଭଗବାନ ବେହେରା, ଚଂଚଳା ବେହେରା, ରାଜେନ୍ଦ୍ର ବେହେରା ଗୁରୁତର ହୋଇଥିଲେ । ଏବଂ ୩୨ଟି ପରିବାରର ଘର ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ସରକାରୀ ଉଦାସୀନତା ଓ ଗୁଇନ୍ଦା ବିଭାଗର ବିଫଳତା ଏବଂ ପୁଲିସର ନିଷ୍କ୍ରିୟତା ଯୋଗୁଁ ବହୁ ଧନଜୀବନ, ଚାଷଜମି ନଷ୍ଟ ହେବା ସହିତ କିଛି ପରିବାର ସର୍ବସ୍ୱ ଉଜୁଡି ଯାଇଛି । ଏଣୁ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସେମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

## ସାଉନ୍ତେଶ୍ୱରୀ ଦେବୀଙ୍କ ପୁସ୍ତକ ଉନ୍ମୋଚିତ

# ପଦ୍ମଶ୍ରୀ ହଳଧର ନାଗ ଲେଖିବେ ସାଉନ୍ତେଶ୍ୱରୀ ଦେବୀଙ୍କ କାବ୍ୟ



ବଲାଙ୍ଗିର,(ସବ୍ୟୁ): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ଗ୍ରାମ ରେ ମାଁ ସାଉନ୍ତେଶ୍ୱରୀ ମନ୍ଦିରରେ ସାଉନ୍ତେଶ୍ୱରୀ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଏକ ସଭା ଆୟୋଜିତ ହୋଇଥିଲା । ସଭାକୁ ସ୍ୱାଗତ କରିଥିଲେ ଜଗବନ୍ଧୁ ପ୍ରଧାନ। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଡା. ରୁଦ୍ର ନାରାୟଣ ପଟେଲ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ମଞ୍ଚାସୀନ ହୋଇଥିବା ବେଳେ ପରିଚାଳନା କରିଥିଲେ ପ୍ରଦୀପ କୁମାର ପ୍ରଧାନ । ଯୁଗେ ଯୁଗେ ସାଉନ୍ତେଶ୍ୱରୀ ଦେବୀ ପୁସ୍ତକ ଉନ୍ମୋଚିତ କରିଥିଲେ ପଦ୍ମଶ୍ରୀ ହଳଧର ନାଗ । ଏହି ପୁସ୍ତକରେ ଦେବୀଙ୍କ କିମ୍ବଦନ୍ତି , ଐତିହ୍ୟ ଓ ତନ୍ତ୍ରମନ୍ତ୍ର ଯନ୍ତ୍ର ଓ ଦେବୀଙ୍କ ମହିମା ପୂଜାର୍ଚ୍ଚନା ଉପରେ ଓ ୧୬ ପୂଜା ଓ ଦେବୀଙ୍କ ଅର୍ବିଭାବ ଏହି ପୁସ୍ତକରେ ସ୍ଥାନ ପାଇଛି । ପଦ୍ମଶ୍ରୀ ହଳଧର ନାଗ ଏହି ସାଉନ୍ତେଶ୍ୱରୀ ଦେବୀଙ୍କ ଉପରେ ଏକ କାବ୍ୟ ଲେଖିବେ ଏବଂ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ, ପଶ୍ଚିମ ଓଡିଶାର ବିଭିନ୍ନ ଦେବାଦେବୀ ପୀଠ ର ସୁରକ୍ଷା ପାଇଁ ପ୍ରଦାନ କରିବେ । ଏହି ପୁସ୍ତକକୁ ଲେଖକ ଉକାଲୁ ସା, ପ୍ରକାଶକ ସୁଦର୍ଶନ ଓ ହୃଷିକେଶ ସ୍ୱାଇଁ କରିଥିବା ବେଳେ ସହଯୋଗ କରିଥିଲେ ଆବାହକ ମନୋଜ ସାହୁ, ସୁବ୍ରତ ପଧାନ, ମୁକେଶ ମାଲବ୍ୟ ସାହୁ, ଲଳିତ ଭୋଇ, ଗରିବ ସାହୁ, ରୋହିତ ପଧାନ, ଦୁର୍ଗା ଭୁଏ ।ଧନ୍ୟବାଦ ଅର୍ପଣ କରିଥିଲେ ରାମ ଗୋପାଳ ଭୁଏ । ଏହି ଅବସରରେ କୁନି କୁନି ପିଲାମାନେ ଲେଡପାଲି ଡ୍ୟାନ୍ସ ଗୃପ ନୃତ୍ୟ ପରିବେଷଣ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାସମାରୋହରେ ଅନୁଷ୍ଠିତ ମାଁ ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ ଉଦଯାପିତ ହୋଇଯାଇଛି। ମୁରିବାହାଲ ଷ୍ଟେସନପଡ଼ା ଓ ବଜାରପଡ଼ା ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାରେ ତରୁଣ ପୋଢ଼ ଓ ତାଙ୍କ ପତ୍ନୀ ତପସ୍ୱିନୀ ପୋଢ଼ କର୍ତ୍ତା ଥିବା ବେଳେ ପୂଜକ ରୂପେ ପ୍ରଣବ କୁମାର ଦାସ ଥିଲେ। ଆୟୋଜକ କମିଟି ସଭାପତି କରନ ଜାଲ,ସମ୍ପାଦକ ଉଦିତ କଟା,କୋଷାଧକ୍ଷ ରିତେଶ ସାହୁ, ସୁଧାଂଶୁ ପୋଢ଼ ଯାଦବ, ଦିବ୍ୟସୁନ୍ଦର ସାହୁଙ୍କ ସହ ଉଭୟ ପଡ଼ାବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ।ଛ ଗାଁରେଇ ଗ୍ରାମରେ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ପୂଜାରେ ଲଚ୍ଛଣ ସାହୁ ଓ ପତ୍ନୀ କର୍ତ୍ତା,ସନୁ କୁମାର ପଣ୍ଡା ପୂଜକ ଦାୟିତ୍ୱରେ ଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ,ସମ୍ପାଦକ ଧନଞ୍ଜୟ ଛୁରା,ଉପସଭାପତି ସୁରେନ୍ଦ୍ର ଛୁରାଙ୍କ ସହ ଉମାକାନ୍ତ ସୁନା,ଡୋଲାମଣି ଛୁରା,ଅନିରୁଦ୍ଧ ପୁଟେଲ,ବେଲାରସେନ ବେହେରା,ଗୁପ୍ତେଶ୍ୱର ସାହୁ,ନେପାଳ ସାହୁ ଓ ସମସ୍ତ ଗ୍ରାମବାସୀ ସହଯୋଗ କରୁଥିଲେ। ବାବେଜୁରୀ ଗ୍ରାମରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାରେ ଦ୍ୱିତିକୃଷ୍ଣ ତ୍ରିପାଠୀ ଓ ସଞ୍ଜୟ ତ୍ରିପାଠୀ ପୂଜକ, ରାଜୁ ଦୀପ ଓ ସୁମିତ୍ରା ଦୀପ, ଉଦ୍ଧବ ନାଗ ଓ ରାମା ନାଗ କର୍ତ୍ତା ଦାୟିତ୍ୱରେ ଥିଲେ। ଆୟୋଜକ ପୂଜା କମିଟିର ସଭାପତି ଡକ୍ଟର ନାଗ, ଉପସଭାପତି ରାଜୁ ଦୀପ, ସମ୍ପାଦକ ନୀଳାମ୍ବର ନାଗ, ସହ ସମ୍ପାଦକ ସହଦେବ ନାଗ, କୋଷାଧକ୍ଷ ନନ୍ଦ ନାଗ,ଅଶୋକ ନାଗ,ମିଟୁ ଦୀପ, ଗିରିଧାରୀ ମହାନନ୍ଦଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଟଟୋପଡ଼ା(ଜାନିପଡ଼ା)ଗ୍ରାମରେ କର୍ତ୍ତା ରୂପେ ରୁଟୁ ସାହୁ ଓ ପତ୍ନୀ କାମନା ସାହୁ, ପୂଜା କମିଟି ସଭାପତି ଧନସିଂ ସାହୁ,ସମ୍ପାଦକ ବିଷ୍ଣୁ ସାହୁ,କୋଷାଧକ୍ଷ ଗିରି ଶବର, ଉପଦେଷ୍ଟା ଜୟନ୍ତ କୁମାର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। ବ୍ଲକର ଗୁଡିଘାଟ,ଜାମୁଟ,ଦେବଙ୍ଗ ସମେତ ଅନ୍ୟାନ୍ୟ ବହୁ ସ୍ଥାନରେ ମଧ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ତାଙ୍କ ବ୍ଲକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣାଙ୍କ ସହ ବହୁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ ଗଜଲକ୍ଷ୍ମୀ ପୂଜାଗୁଡ଼ିକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ଗଜଲକ୍ଷ୍ମୀଙ୍କ ଦର୍ଶନଲାଭ କରିଥିଲେ।ଛରାତ୍ରୀରେ ଅନୁଷ୍ଠିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ଉପଭୋଗ କରିବା ପାଇଁ ବିପୁଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# ବେକରେ ଦଉଡ଼ି ଦେଇ ଯୁବକର ଆତ୍ମହତ୍ୟା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଦାନାମାଳ ଗାଁ ରେ ଜଣେ ଯୁବକ ଆମ୍ବ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକ ତରଫରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଦାନାମାଳ ଗାଁ ର ଶେଷଦେବ ବାରିକ ଙ୍କ ପୁଅ ବସୁଦେବ ବାରିକ (୪୦) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ମୃତ ଯୁବକ ଜଣକ ନିଜ ଚାଷ ଜମିରେ ଥିବା ଆମ୍ବ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ବେଳେ ପରିବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର୍ କରିଥିଲେ । ହେଲେ ମୃତ୍ୟୁ ହୋଇଯାଇଥିବା ଜାଣି ଖପ୍ରାଖୋଲ ପୋଲିସ୍‌କୁ ବୁଧବାର ଖବର ଦେଇଥିଲେ। ଖପ୍ରାଖୋଲ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଶବର ପଞ୍ଚନାମା କରି ଶବ ଜବତ ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୧୧/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନାରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ମୃତ ଯୁବକର ସ୍ତ୍ରୀ ଓ ଏକ ପୁଅ ଥିବା ଜଣାଯାଇଛି।

# ବୌଦ୍ଧ ଜିଲ୍ଲା ଗସ୍ତରେ ଆସିବେ ରାଜ୍ୟପାଳ

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲା ଗସ୍ତରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କୁମ୍ଭମପତି ଖୁବଶିଘ୍ର ଆସିବେ ବୋଲି ଜଣାଯାଇଛି। ଏନେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ପତ୍ର ଯୋଗେ ଅବଗତ କରାଯାଇଛି। ତେବେ ରାଜ୍ୟପାଳଙ୍କ ଗସ୍ତ ନେଇ ତାରିଖ ଚୁଡାନ୍ତ ହୋଇନଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ନେଇ ଅବଗତ କରାଯାଇଛି। ସୂଚନା ମୁତବାକ ନୂତନ ରାଜ୍ୟପାଳ ବୌଦ୍ଧ ଜିଲ୍ଲାକୁ ପ୍ରଥମଥର ପାଇଁ ଗସ୍ତ କରୁଥିବାବେଳେ ଏହି ଗସ୍ତ ସମୟରେ ସେ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିବେ ବୋଲି ଜଣାପଡିଛି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ଗସ୍ତ ନେଇ ବିଭାଗୀୟ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ଗୁଡିକ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନ.ସଫଳ ହିତାଧିକାରୀ ଆଦି ସଂପର୍କରେ ସମସ୍ତ ବିବରଣୀ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଶ୍ରୀନାଏକ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଗୁଡିକ ପକ୍ଷରୁ ତୁରନ୍ତ ତଥ୍ୟ ପ୍ରସ୍ତୁତ କରି ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଯିବା ପରେ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟସୂଚୀ ଚୁଡାନ୍ତ ହେବ ବୋଲି ଜଣାପଡିଛି। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୋଟ ଚୋର, ଗାଦି ଛାଡ ଦସ୍ତଖତ ଅଭିଯାନ ଶୁଭାରମ୍ଭ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୋଟ ଚୋର, ଗାଦି ଛାଡ କାର୍ଯ୍ୟକ୍ରମ ନେଇ ଏକ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ ଗୁରୁ ଅଧ୍ୟକ୍ଷତା କରିଥିଲେ । ଭୋଟର ମାନଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ ଅଟେ । ସମଗ୍ର ଦେଶରେ ଭୋଟ ଚୋରିକୁ ରୋକିବା, ଭୋଟର ଲିଷ୍ଟକୁ ସ୍ୱଚ୍ଛ କରିବା, ଲୋକଙ୍କ ଭୋଟ ସୁରକ୍ଷିତ ରଖିବା ନେଇ ଏହି ଅଭିଯାନ ମାଧ୍ୟମରେ ସମଗ୍ର ଦେଶରୁ ୫କୋଟି ଭୋଟରଙ୍କ ଦସ୍ତଖତ ନେଇ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ । ତେବେ ଏହି ଅବସରରେ ଓଡିଶାରୁ ୨୦ଲକ୍ଷ ଭୋଟରଙ୍କ ଦସ୍ତଖତ କରାଯିବାର ଲକ୍ଷ୍ୟ ରଖାଯାଇଛି । କେବଳ ସମ୍ବଲପୁର ଜିଲ୍ଲାରୁ ୭୫ହଜାର ଭୋଟରଙ୍କ ଦସ୍ତଖତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି । ଏଥିରେ ପର୍ଯ୍ୟବେକ୍ଷକ ଶାନ୍ତନୁ ସାହୁ ଓ ବିରେନ୍ଦ୍ର ପଟ୍ଟନାୟକ, ପୂର୍ବତନ ସଭାପତି ଜୟଶଙ୍କର ମିଶ୍ର , ଦିଲ୍ଲୀପ ଧୁରୁଆ, ରାଜଲକ୍ଷ୍ମୀ ପ୍ରଧାନ, କେଦାର ନାଥ ବରିହା, ମହମ୍ମଦ ମୁକ୍ତାର, ଜିତେନ୍ଦ୍ର ପ୍ରଧାନ, ତାପସ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ ।

# ଆଠଗାଁ ଛକରେ ବଏଲ ଯାତ୍ରା ଉଦ୍‌ଯାପିତ

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ଉପଖଣ୍ଡ ଓ ବ୍ଲକ୍ ଅନ୍ତର୍ଗତ କୁନ୍ତରା ଗ୍ରାମପଞ୍ଚାୟତ ,ଆଠଗାଁ ଛକଠାରେ ବଏଲ ଯାତ୍ରା ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, କେଦାର ବରିହା ପ୍ରମୁଖ ଯୋଗଦେଇ ମା'ଙ୍କ ଆର୍ଶୀବାଦ ନେଇଥିଲେ ।

ବଏଲେ ଯାତ୍ରା ବିଳମ୍ବିତ ରାତ୍ରୀରେ ମା'ଙ୍କ ବରୁଆଙ୍କ ମାଧମରେ ମଣିଷ ଦେହରେ ଆବିର୍ଭାବ ହୋଇଥିଲେ। ପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।ଏହି ଉପଲକ୍ଷେ ଯାତ୍ରା ପଡ଼ିଆରେ ସାଂସ୍ତୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତ୍ରୀରେ ବରୁଆ ଆବିର୍ଭାବ ହୋଇ ଗ୍ରାମର ଘରେ ଘରେ ବୁଲି ଚାଲିଥିବା ଜଣାଯାଇଛି। ସେଥିପାଇଁ ବରୁଆ ଆସିବା ପୁର୍ବରୁ ଘରଦ୍ୱାର ଲିପା ଯାଇଥିଲା ଓ କଳସ ରଖି ମହିଳାମାନେ ଅପେକ୍ଷାରତ ଥିଲେ। ସେହିପରି କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ରାସ୍ତା ସ୍ଥିତ ପାଣି ଛତର ଲଇଡାଗୁଣା ଛକ ଠାରେ ମଧ ମା' ସମଲେଇ ମନ୍ଦିର କମିଟୀ ପକ୍ଷରୁ ବଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଆନ୍ତର୍ଜାତୀୟ ଗବେଷଣା ସମ୍ପ୍ରଦାୟରେ ଭାରତର ବର୍ଦ୍ଧିତ ଉପସ୍ଥିତିକୁ ଜାହିର କଲେ ଓଡିଆ ପୁଅ ଅଭିଜିତ୍






ପାଟଣାଗଡ, (ସବ୍ୟୁ): ରାଜସ୍ଥାନ ଯୋଧପୁରସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନରେ ଗବେଷଣାରତ ଓଡିଆ ଗବେଷକ ଅଭିଜିତ ମିଶ୍ର ଜାପାନର ଫୁକୁଓକାସ୍ଥିତ ଆନ୍ତର୍ଜାତିକ କଂଗ୍ରେସ କେନ୍ଦ୍ରରେ ସେପ୍ଟେମ୍ବର ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ '୯ମ ଏସିଆ-ପ୍ରଶାନ୍ତ ମହାସାଗରୀୟ ପଦାର୍ଥ ବିଜ୍ଞାନ ସମ୍ମିଳନୀ'ରେ ଅଂଶଗ୍ରହଣ କରି ସମ୍ମାନଜନକ 'ଏଲସେଭିୟର ଛାତ୍ର ଏବଂ ପିଏଚ୍‌ଡି ପୋଷ୍ଟର ପୁରସ୍କାର'ରେ ସମ୍ମାନିତ ହୋଇ ସମଗ୍ର ଭାରତବର୍ଷ ପାଇଁ ଗର୍ବ ଓ ଗୌରବ ଆଣିଦେଇଥିବା ଜଣାଯାଇଛି ।

ପ୍ରକାଶ ଯେ, ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି), ଯୋଧପୁରର ପ୍ରତିନିଧିତ୍ୱ କରି ଅଭିଜିତ ପ୍ଲାଜମା ପଦାର୍ଥ ବିଜ୍ଞାନରେ ଉତ୍କୃଷ୍ଟ ଗବେଷଣା ଅବଦାନକୁ ପାଳନ କରି 'ତରଳ ପରିବାହିତା ଦ୍ୱାରା ପ୍ରେରିତ ବାଇପୋଲାର ପଲ୍ସଡ୍ କୋଲ୍ଡ ଆଟମୋସ୍ଫେରିକ ପ୍ଲାଜମା ଜେଟ୍ସର ଡିସ୍ଚାର୍ଜ ଚରିତ୍ରରେ ପରିବର୍ତ୍ତନ' ଶୀର୍ଷକ ପୋଷ୍ଟର ପ୍ରଦର୍ଶନ କରିଥିବା ବେଳେ ଏହାର ମୌଳିକତା, ଗଭୀରତା ଏବଂ ବୈଜ୍ଞାନିକ ଗୁରୁତ୍ୱ ବିଚାରକ ମଣ୍ଡଳୀଙ୍କୁ ସ୍ତମ୍ଭିଭୂତ ଏବଂ ଆକର୍ଷିତ କରିଥିଲା । ଶ୍ରୀ ମିଶ୍ର ତାଙ୍କ ଗବେଷଣାରେ ଶୀତଳ ପ୍ଲାଜମା ଜେଟ୍ ଓ ତାହାର ପ୍ଲାଜମା ଦ୍ରବ୍ୟ ସହିତ ସମ୍ପର୍କ ରଖି କିପରି ବିଭିନ୍ନ ଜୀବୋପଚାର, ଖାଦ୍ୟ ସୁରକ୍ଷା ଓ ପରିବେଶ ସୁରକ୍ଷା ଦିଗରେ ପ୍ରଭାବ ପକାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ ।

ବିଶ୍ୱର ୩୭ଟି ଦେଶରୁ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତଯୋଗୀ ଅଂଶଗ୍ରହଣ କରିଥିବା ଏହି ସମ୍ମିଳନୀରେ ଅଭିଜିତଙ୍କୁ ଉକ୍ତ ସମ୍ମାନ ସହ ପାଞ୍ଚଶତ ୟୁରୋ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଯାହା ତାଙ୍କ ଶିକ୍ଷାଗତ ଯାତ୍ରାରେ ଏକ ମାଇଲଖୁଣ୍ଟ ଭାବରେ ତାଙ୍କର ସଫଳତାକୁ ଆହୁରି ସୁଦୃଢ କରିଥିଲା । ବିଶ୍ୱର ପ୍ରଖ୍ୟାତ୍ ବୈଜ୍ଞାନିକ, ଗବେଷକ ଏବଂ ସାଥି ପ୍ରତିନିଧି ମାନଙ୍କ ଗହଣରେ ମାନପତ୍ର ଗ୍ରହଣ କରିବା ଏକ ଗର୍ବର ମୁହୂର୍ତ୍ତ ଥିଲା ବୋଲି ଶ୍ରୀ ମିଶ୍ର କହିଥିଲେ । ସମାରୋହରେ ନିଜର ବକ୍ତବ୍ୟ ରଖି ଶ୍ରୀ ମିଶ୍ର ନିଜର ମାର୍ଗଦର୍ଶକ ପ୍ରଫେସର ରାମପ୍ରକାଶ, ସହକର୍ମୀ ଏବଂ ପରିବାର ସଦସ୍ୟଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ପୁରସ୍କାରକୁ ସେମାନଙ୍କ ନିରନ୍ତର ଉତ୍ସାହ ଏବଂ ସମର୍ଥନ ପାଇଁ ଉତ୍ସର୍ଗ କରିଥିଲେ । ଏହି ପୁରସ୍କାର ଅଭିଜିତଙ୍କ ଉତ୍ସର୍ଗ, ବିଦ୍ୱାନ ଉତ୍କର୍ଷତା ଏବଂ ବିଶ୍ୱସ୍ତରରେ ଭାରତୀୟ ଗବେଷକଙ୍କ ଅଦମ୍ୟ ମନୋଭାବର ପ୍ରମାଣ ବୋଲି ତାଙ୍କ ମାର୍ଗଦର୍ଶକ ପ୍ରଫେସର ରାମପ୍ରକାଶ ମତ ଦେବା ସହ ତାଙ୍କର ସଫଳତା କେବଳ ଆଇଆଇଟି ଯୋଧପୁର ପାଇଁ ସମ୍ମାନ ଆଣି ନାହିଁ ବରଂ ଆନ୍ତର୍ଜାତୀୟ ଗବେଷଣା ସଂପ୍ରଦାୟରେ ଭାରତର ବର୍ଦ୍ଧିତ ଉପସ୍ଥିତିକୁ ମଧ ଉଲ୍ଲେଖ କରିଛି ବୋଲି କହିଥିଲେ । ଅଭିଜିତ ବଲାଙ୍ଗିର ଜିଲ୍ଲା ପାଟଣାଗଡର ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଅନୁପମା ମିଶ୍ରଙ୍କ ସୁପୁତ୍ର ଅଟନ୍ତି । ତାଙ୍କର ଏହି ବିରଳ କୃତିତ୍ୱ ଖବର ପ୍ରଚାରିତ ହେବା ମାତ୍ରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବହୁଗୁରୁଜନ, ଶୁଭେଚ୍ଛୁଏବଂ ଆତ୍ମୀୟସ୍ୱଜନଙ୍କ ନିକଟରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଜଣାଯାଇଛି ।

# ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ନୂଆପଡା ,(ସବ୍ୟୁ):୍ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ଏହି ସମ୍ବନ୍ଧରେ ଜିଲ୍ଲାର ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ଅବଗତ କରିବା ପାଇଁ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ଏସପି ଅମ୍ରିତ ପାଲ୍ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଏସ୍ ପି ରଞ୍ଜିତ ନାୟକ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ତହସିଲଦାର ପ୍ରଣବ ରଞ୍ଜନ ସାହୁ , ଡି ସି ର୍ନିବାଚନ ଶେଖ୍ ନସିମ୍, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ କହିଲେ ଯେ ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ବିଧାନସଭା ଉପର୍ନିର୍ବାଚନ ପାଇଁ ଗେଜେଟ୍ ନୋଟିଫିକେଶନ ୧୩ ଅକ୍ଟୋବରରେ ହେବ । ଏ ମାସରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ୨୦ , ନାମାଙ୍କନ ସ୍କୃଟିନୀ ୨୨ ତାରିଖ, ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ୨୪ରହିଛି । ର୍ନିର୍ବାଚନ ୧୧ ନଭେମ୍ବର ଏଂ ଗଣତି ୧୪ ନଭେମ୍ବରରେ ହେବ । ନିର୍ବାଚନ ଘୋଷଣା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହାର ବିଭିନ୍ନ ଦିଗ ଉପରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ମତଦାନ ଦିନ ସକାଳ ୭ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଏବଂ ସମ୍ବେଦନଶୀଳ ବୁଥ ମାନଙ୍କରେ ଅପରାହ୍ନ ୪ ଟା ଯାଏଁ ମତଦାନ ହେବ। ଡେପୁଟି କଲେକ୍ଟର ନସିମ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ସମସ୍ତ ଗାଡ଼ି ମଟର , ଟେଣ୍ଟ, ବେନର, ପ୍ରଚାର ସାମଗ୍ରୀ,ଖାଦ୍ୟ ପେୟ ଇତ୍ୟାଦିର ମୁଲ୍ୟ ର୍ନିର୍ଦ୍ଧାରଣ ଉପରେ ସୂଚନା ଦେଇଥିଲେ । ଜିଲ୍ଲାପାଳ କହିଲେ ଯେ ନିର୍ବାଚନ ପ୍ରଚାରରେ ଡି ଜେ ଗାଡ଼ି ଜମାରୁ ବ୍ୟବହାର ହେବ ନାହିଁ । ଅନ୍ୟ ସମସ୍ତ ଡ଼ାକବାଜି ଯନ୍ତ୍ର ଶବ୍ଦ ପ୍ରଦୂଷଣ ସୀମା ମଧ୍ୟରେ ରହିବ। ନୂଆପଡା ଜିଲ୍ଲା ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ହିସାବରେ ଘୋଷିତ ହୋଇଥିବାରୁ ପ୍ରଚାର ସାମଗ୍ରୀ ସବୁ କନାରେ କିମ୍ବା ପଚନଶିଳ ବସ୍ତୁ ରେ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ରାତି ୧୦ ଟାରୁ ସକାଳ ୦୬ ଟା ପର୍ଯ୍ୟନ୍ତ ସମସ୍ତ ପ୍ରଚାର ପ୍ରସାର ସଭା ବନ୍ଦ ରହିବ । ଜିଲ୍ଲା ଏସପି କହିଲେ ଯେ ସମଗ୍ର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ, ସ୍ୱାଧୀନ ଓ ନିରପେକ୍ଷ ଭାବରେ ନିର୍ବାଚନ ହେବା ପାଇଁ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଆଦର୍ଶ ଆଚରଣ ବିଧି ସମଗ୍ର ଜିଲ୍ଲାରେ କଡାକଡି ଭାବରେ ଲଗୁହେବ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ଶତ ପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ସେ ସମସ୍ତ ରାଜନୈତିକ ଦଳ ମାନଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ବିଜେପି ସଭାପତି କମଲେଶ କୁମାର୍ ଦୀକ୍ଷିତ, ଆଇଏନସି ରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରି , ଆପ୍ ରୁ ଲକ୍ଷ୍ମିକାନ୍ତ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ପାଇଁ ଦିନଟିଏ' ସମ୍ପର୍କିତ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,(ସବ୍ୟୁ) : ଶିଶୁ ପାଇଁ ଦିନଟିଏ' ସମ୍ପର୍କରେ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସର ତ୍ରୟମାସିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସ୍ତରରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଯଥା ମିଶନ ବାତ୍ସଲ୍ୟ, ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ଶିଶୁ ଶ୍ରମିକ ଆଇନ,ବାଲ୍ୟ ବିବାହ ନିରୋଧ ଆଇନ, ଯଶୋଦା, ତଥା ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କ କମିଟି କାର୍ଯ୍ୟକାରିତା ଇତ୍ୟାଦି ଉପରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଦ୍ୟାଳୟ ସ୍ତରରେ କିଶୋର କିଶୋରୀମାନଙ୍କ ମୈତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ସଚେତନ କରାଇବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳଙ୍କ ପରାମର୍ଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଆଶିଷ ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଡିଏସପି ବନିତା ମାଝୀ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ମୁଖ୍ୟ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।




# ଅଙ୍କୁର ଅଗ୍ରୱାଲ ଗିରଫ

ବଲାଙ୍ଗିର,(ସବ୍ୟୁ): ଗତ ଦୁଇ ଦିନ ହେଲା ଟିଟିଲାଗଡ଼ ଅଞ୍ଚଳରେ ହାଇଡ୍ରାମା ଦେଖିବାକୁ ମିଳିଛି । ବଲାଙ୍ଗିର ଏସପି ଟିଟିଲାଗଡ଼ ଆସି ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କୁ ଘରୁ ଉଠାଇ ନେଇ ଯାଇଥିବା ଆଲୋଚନାର ବିଷୟ ହୋଇଥିଲା । ବୁଧବାର ବଲାଙ୍ଗିର ଏଓସପିଙ୍କ ନେତୃତ୍ୱରେ ଜଣେ ହାର୍ଡକୋର ଅପରାଧୀ ଭଳି ୬ ଗାଡି ପୁଲିସ ଅଙ୍କୁରଙ୍କୁ ବଲାଙ୍ଗିରରୁ ଟିଟିଲାଗଡ଼ ଥାନାକୁ ଆଣିଥିଲେ । ରାତ୍ରିରେ ଅଙ୍କୁରଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ପରୀକ୍ଷା ପରେ ଟିଟିଲାଗଡ଼ ସିନିୟର ସିଭିଲ ଜଜ ତଥା ସହକାରୀ ସେସନ ବିଚାରପତିଙ୍କ ଠାରେ ହାଜର କରାଯାଇଥିଲା । ତେବେ ଅଙ୍କୁରଙ୍କୁ କାହିଁକି ଗିରଫ କରାଗଲା ସେ ନେଇ ଟିଟିଲାଗଡ଼ ଆଇଆଇସି ଗଣମାଧ୍ୟମଙ୍କୁ କୌଣସି ଉତ୍ତର ଦେଉନଥିବା ଆଲୋଚନାର ବିଷୟ ହୋଇଛି । ତେବେ ଟିଟିଲାଗଡ଼ ଜେଲ ସମ୍ମୁଖରେ ଉପସ୍ଥିତ ଥିବା ଆଇଆଇସି କଲ୍ୟାଣୀ ବେହେରା ବଲାଙ୍ଗିର ଏସପି ଏନେଇ ଉତ୍ତର ଦେଇବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଗତ ମାସ ୨୮ ତାରିଖ ସକାଳ ୯. ୧୬ ମିନିଟରେ ଏକ ନମ୍ବର ବିହୀନ ଧଳା ବୋଲେରୋରେ ଟିଟିଲାଗଡ଼ର ଜଣେ ବ୍ୟବସାୟୀ ଏକ ହୋଟେଲର ମାଲିକ ଶିବଦୟାଲ ଜୈନଙ୍କୁ ଗାଡି ଚପାଇ ମାରିବା ଉଦ୍ୟମ ହୋଇଥିଲା । ଏହାକୁ ନେଇ ସମ୍ପୃକ୍ତ ବ୍ୟବସାୟୀ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ସହରରେ ଭୟ ତଥା ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି । ତେବେ ଏହି ଘଟଣାରେ ଅଙ୍କୁରଙ୍କ ସମ୍ପୃକ୍ତି ଅଛି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଜାମିନ ନାମଞ୍ଜୁର ହେବାରୁ ବିଚାରପତି ଅଙ୍କୁରଙ୍କୁ ଟିଟିଲାଗଡ଼ ଉପକାରାଗାରକୁ ପଠାଇ ଦେଇଛନ୍ତି ।

# ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ



ସମ୍ବଲପୁର,(ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ପ୍ରତିବାଦରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲିଙ୍ଗରାଜ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମୃତ ପୀତବାସ ଓଡିଶା ଷ୍ଟେଟ ବାର କାଉନସିଲର ସଦସ୍ୟ ଥିଲେ । ତାଙ୍କ ମୃତ୍ୟୁ ସମସ୍ତଙ୍କୁ ବିସ୍ମିତ କରିଛି । ଏଭଳିକ୍ଷେତ୍ରରେ ତୁରନ୍ତ ଦୋଷୀଙ୍କୁ ଗିରଫ, ଧାର୍ଯ୍ୟ ସମୟ ମଧ୍ୟରେ ନିରପେକ୍ଷ ତଦନ୍ତ, ଆଇନଜୀବୀଙ୍କୁ ସୁରକ୍ଷା ପ୍ରଦାନ, ମୃତକ ପରିବାରକୁ କ୍ଷତିପୂରଣ ସହ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି କରାଯାଇଛି । ଏଥିରେ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ କୁମାର ବହିଦାର, ଉପସଭାପତି ଅରବିନ୍ଦ ନାଏକ, ସମ୍ପାଦକ ପ୍ରଦ୍ୟୁମ୍ନ୍ କୁମାର ଶର୍ମା, ସହକାରୀ ସମ୍ପାଦକ ପ୍ରଦୀପ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମଗଡ଼ ଓବିସି ମଞ୍ଚର ସାଧାରଣ ବୈଠକ

ଭବାନୀପାଟଣା/ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଓବିସି ମଞ୍ଚ ତରଫରୁ ସମାଜର ସାମ୍ବିଧାନିକ ଅଧିକାର ପାଇଁ ବ୍ରାହ୍ମଣ ଛକିଠାରେ ଓବିସି ମଞ୍ଚ ଜିଲ୍ଲା ସଭାପତି ଡମ୍ବରୁଧର ଲହଡଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଓବିସି ମଞ୍ଚ ସଭାପତି ଦୁର୍ଗା ପ୍ରସାଦ ନାଏକ,ବିଶିଷ୍ଟ ଅତିଥି ଭାବେ ଓବିସି ମଞ୍ଚ ଜିଲ୍ଲା ସଂପାଦକ ହିମାଂଶୁ ବରାଡ଼, ଶିକ୍ଷାବିତ ତଥା ମାଳି ସମାଜ କୁଳପତି ପ୍ରକାଶ ବଣିଆ, ଜିଲ୍ଲା ଓବିସି ମଞ୍ଚ କୋଷାଧ୍ୟକ୍ଷ ଡିଳେନ ସାହୁ ଉପ ସଭାପତି ବେଣୁଧର ନାଏକ,ପ୍ରେମଲାଲ ନାଏକ , ପ୍ରମୋଦ ହଂସ, ଜିଲ୍ଲାପରିଷଦ ପ୍ରଣବ ଭଇଁସାଲ, ଆଇନଜୀବୀ କୁବେର ସାହୁ, ଶିକ୍ଷାବିତ ଗିରିଧାରୀ ସାହୁ, ଯୋଗଦାନ କରିଥିଲେ । ପ୍ରଥମେ ସମାଜର ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟତଃ ଓବିସି ମାନଙ୍କ ସାମ୍ବିଧାନିକ ହକ, ଅଧିକାର ଓ ସମାନୁପତିକ ପ୍ରତିନିଧିତ୍ୱ, ଜନଗଣନା, ଉଚ୍ଚଶିକ୍ଷା,ବୃତ୍ତିଗତ ଶିକ୍ଷା, ନିଯୁକ୍ତିରେ ଓବିସିଙ୍କୁ ୨୭% ସ୍ଥାନ ସଂରକ୍ଷଣ ସହ ଏହି ବର୍ଗର ଯୁବକ,ଯୁବତୀଙ୍କୁ ଉଚ୍ଚ ପଦ ପଦବୀରେ ନିଯୁକ୍ତି ପାଇଁ ଜିଲ୍ଲା ସ୍ତରରେ ମାଗଣାରେ କୋଚିଂ ବ୍ୟବସ୍ଥା,୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିକୁ ଜିଲ୍ଲା ଭିତିକ କରିବା ପାଇଁ ଆଲୋଚନା କରିଥିଲେ । ଅଗାମୀ ଦିନରେ ଓବିସି ସମାଜକୁ ସୁସଂଗଠିତ କରି ଆଗକୁ ବଢ଼େଇବା ପାଇଁ ଧର୍ମଗଡ଼ ଓବିସି ମଞ୍ଚ କମିଟି ଗଠନ ହୋଇଥିଲା । କାର୍ଯ୍ୟକ୍ରମକୁ ଓବିସି ମଞ୍ଚ ସଂଯୋଜକ ଡାକେଶ୍ୱର ଲହଡ଼ଙ୍କ ପରିଚାଳନା କରିଥିଲେ । ଧର୍ମଗଡ଼ ବ୍ଲକ ସଭାପତି ପ୍ରମୋଦ ହଂସ କାର୍ଯ୍ୟକାରୀ ସଭାପତି , ଉଦିତ ନାଏକ ଉପ ସଭାପତି ବସନ୍ତ ସାହୁ , କାଞ୍ଚନ ମାଲା ଗୋପାଳ ସମ୍ପାଦକ , ଏକାଦଶୀ ଗୋପାଳ ସହ ସମ୍ପାଦକ, ସନ୍ତୋଷ କୁମାର ଭୋଇ କୋଷାଧ୍ୟକ୍ଷ, ଘନଭାଟି ଯୁବ ସଭାପତି ପ୍ରଣବ ପ୍ରକାଶ ଭଏସାଲ , କାର୍ଯ୍ୟକାରୀ ସଭାପତି ରତନ ନାଏକ, ସମ୍ପାଦକ ସୁଧୀର ଗୋପାଳ, ସାଂଗଠାନିକ ସମ୍ପାଦକ ଲବଣୀ ଯାଦବ ପ୍ରମୁଖ ମନୋନୀତ ହୋଇଛନ୍ତି ।

# ଭାଲୁଗୁଡିଆ ରାସ୍ତାର ଉନ୍ନତିକରଣ ଦାବି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ ବସନ୍ତପୁର ଅନ୍ତର୍ଗତ ଭାଲୁଗୁଡିଆ ରାସ୍ତା ଦୀର୍ଘ ବର୍ଷ ହେବ ଦୟନୀୟ ଅବସ୍ଥାରେ ରହିଛି । ଖାଲଖମା ପରିପୂର୍ଣ୍ଣ ଏହି ରାସ୍ତାରେ ପ୍ରତ୍ୟହ ଶହଶହ ସଂଖ୍ୟାରେ ଲୋକେ ଯାତାୟତ କରିଥାନ୍ତି । ବିଶେଷ ଭାବେ ଗଡମୁଣ୍ଡା, ଜଇପାଲି ଓ ରୂପାପାଲି ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ମରାମତି ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଜନପ୍ରତିନିଧି ଓ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି । ମାତ୍ର କୌଣସି ସୁଫଳ ମିଳିନଥିବା ବେଳେ ସମାଜସେବୀ କ୍ଷୀରେଶ୍ୱର ପ୍ରଧାନ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରୂପାପାଲି ଛକ ମୁଖ୍ୟରାସ୍ତାରୁ ଭାଲୁଗୁଡିଆ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା କରିବାକୁ ସେ ଅନୁରୋଧ କରିଛନ୍ତି ।

# ରାଜ୍ୟ ଅସି ଚାଳନାରେ ଗୌତମୀଙ୍କୁ ସ୍ୱର୍ଣ୍ଣ ପଦକ

ସମ୍ବଲପୁର,(ସବ୍ୟୁ): କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ୪ର୍ଥ ରାଜ୍ୟ ଅସି ଚାଳନା ପ୍ରତିଯୋଗିତାର ପ୍ରଥମ ଦିନରେ ସମ୍ବଲପୁରକୁ ସ୍ୱର୍ଣ୍ଣ ପଦକ ମିଳିଛି । ସବ୍ ଜୁନିୟର ସେବରରେ ଗୌତମୀ ବାର୍ଲା ପ୍ରଥମ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିଛନ୍ତି । ଏଥିସହ ଜାତୀୟସ୍ତରୀୟ ଅସି ଚାଳନା ପାଇଁ ମନୋନୀତ ହୋଇଛନ୍ତି । ସେ ବର୍ତ୍ତମାନ ସେଣ୍ଟ ଯୋଶେପ କନଭେଣ୍ଟ ସେକେଣ୍ଡାରୀ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ ଅଟନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଖବର ସମ୍ବଲପୁର ଜିଲ୍ଲା କ୍ରୀଡାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଆଣିଛି । ସୂଚନାଯୋଗ୍ୟ, ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ୫୦ଜଣ ଖେଳାଳୀ ଭାଗ ନେଇଛନ୍ତି । ଖେଳାଳୀଙ୍କୁ କୋଚ ରଶ୍ମିତା ପୁରୋହିତ ଓ ସୂର୍ଯ୍ୟକାନ୍ତ ବେହେରା ତାଲିମ ପ୍ରଦାନ କରିଛନ୍ତି ।

# ରୋଗୀଙ୍କୁ ମିଳୁନି ହେଲ୍ପ ଡେସ୍କ ସେବା

ଝାରସୁଗୁଡ଼ା,(ସବ୍ୟୁ) : ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀ ଅନେକ ସମୟରେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଡାକ୍ତରଖାନା ମାନଙ୍କରେ ହେଲ୍ପ ଡେସ୍କର ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର । ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯାଇଛି ତାହା ଅଧିକାଂଶ ସମୟରେ ରୋଗୀଙ୍କ କାମରେ ଆସୁନଥିବା ଅଭିଯୋଗ ହେଉଛି । ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେଏପରି ଅଭିଯୋଗ ହେଉଛି । ଅଭିଯୋଗ ଅନୁସାରେ ଜଣେ ଅସୁସ୍ଥ ବୃଦ୍ଧାଙ୍କୁ ଅଟୋ ରିକ୍ସାରେ ନେଇ ସମ୍ପର୍କୀୟ ଯୁବକ ଜଣକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ । ହେଲେ ବୃଦ୍ଧାଙ୍କୁ ଷ୍ଟ୍ରେଚରରେ ନେବାକୁ ଆବଶ୍ୟକତା ଥିବା ବେଳେ ହେଲ୍ପ ଡେସ୍କ କର୍ମଚାରୀଙ୍କ ସହାୟତା ମିଳନଥିଲା । ବାଧ୍ୟ ହୋଇ ଯୁବକ ଜଣକ ଅଟୋ ଚାଳକଙ୍କ ସହାୟତାରେ ଷ୍ଟ୍ରେଚର ଯୋଗାଡ କରି ଡାକ୍ତରଙ୍କ ପାଖକୁ ନେଇଥିଲେ । ଟିକଟ କାଟିଲା ପରେ କେଉଁ ବିଭାଗକୁ ଯିବେ ଏବଂ ରକ୍ତ ନମୁନା କେଉଁଠି ପରୀକ୍ଷା ପାଇଁ ଦେବେ ତଥା ଏକୁଟିଆ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ସହଯୋଗ କରିବାରେ ହେଲ୍ପ ଡେସ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ରୋଗୀଙ୍କୁ ବିଭିନ୍ନ ୱାର୍ଡକୁ ନେବା ଆଣିବାରେ ସହଯୋଗ କରିବା, ଅଜଣା ରୋଗୀ ଆସିଲେ ସେମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିବା ହେଉଛି ହେଲ୍ପ ଡେସ୍କ କର୍ମଚାରୀଙ୍କ ଦାୟିତ୍ୱ । ହେଲେ ଅଧିକାଂଶ ସମୟରେ ହେଲ୍ପ ଡେସ୍କ କର୍ମଚାରୀମାନେ ରୋଗୀଙ୍କୁ ସହଯୋଗ କରୁନଥିବା ଅଭିଯୋଗ ହେଉଛି । ଏପରି ଘଟଣା ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ତରଭା,(ସବ୍ୟୁ): ବୁଧବାର ତରଭା ବ୍ଲକ ସଭାଗୃହରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ୨୦୨୫ ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନେ ଏକ ସୁସ୍ଥ ସମାଜ ଗଠନର ପଥ ପ୍ରଦର୍ଶକ ବୋଲି ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ତରଭା ବରିଷ୍ଠ ନାଗରିକ ସଂଘ ସଭାପତି ଦେବେନ୍ଦ୍ର ବିଜୟ ସାହୁ , ବରିଷ୍ଠ ନାଗରିକ ସୀତାରାମ ଶର୍ମା, ହରିବନ୍ଧୁ ପାନିଗ୍ରାହୀ, ତରଭା ବ୍ଲକ ସାଂସଦ ପ୍ରତିନିଧି, ବିମଳ ଚନ୍ଦ୍ର ମିଶ୍ର, ସାଂସଦଙ୍କ ତରଭା ଏନଏସି ପ୍ରତିନିଧି ମାନସ ସାହୁ, ବିଧାୟକଙ୍କ ତରଭା ବ୍ଲକ ପ୍ରତିନିଧି ଦଶରଥ ସାହୁ, ବରିଷ୍ଠ ନାଗରିକ ରାମ ନାରାୟଣ ସାହୁ, ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ ଓ ବକ୍ତୃତାର କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରଯାଇଥିଲା । ତରଭା ବ୍ଲକର ୨୧ ଜଣ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ୪ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିଲେ । ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଯୋଗ ଶିବିର ଆୟୋଜିତ ହୋଇଥିଲା । ଯୋଗଗୁରୁ ସୋମନାଥ ପ୍ରଧାନ ଯୋଗାଭ୍ୟାସ କରାଇଥିଲେ । ଗତ ୨୬ ତାରିଖରେ ଦୁବୁଲା ଗ୍ରାମ ଠାରେ ପଞ୍ଚାୟତ ସମିତି ତରଭା ତରଫରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରଯାଇଥିଲା । ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ବିକ୍ରମ ବିଶି, କିଶୋର ଧରୁଆ , ଦୀପକ ଭୋଇ , ମନୋଜ ପାତ୍ର, ଉର୍ମିଳା ସୁନା ପ୍ରମୁଖ ସହଯୋଗ କରିଥିଲେ ।

# କେଚ୍ଛୁପାଣି ଗ୍ରାମରେ ମାଁ ସମଲେଶ୍ୱରୀ ଯାତ୍ରା ଉତ୍ସବ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେଚ୍ଛୁପାଣି ଗ୍ରାମରେ ତିନିଦିନ ଧରି ମାଁ ସମଲେଶ୍ୱରୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୯୭୦ ମସିହାରୁ କ୍ରମାଗତ ଭାବରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ୧୯୯୫ ମସିହାରୁ ମାଁଙ୍କର ମନ୍ଦିର ପ୍ରତିଷ୍ଠା ପରେ ଗ୍ରାମର କାଳୋ ତୁଳାରାମ ପ୍ରଧାନ ପୂଜକ ରହିଛନ୍ତି। ମାଁ ସମଲେଶ୍ୱରୀ କମିଟିର ସ୍ଥାୟୀ ସଭାପତି କ୍ଷୀରୋଦ କୁମାର ସାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ କମିଟିର ସମ୍ପାଦକ ତଥା ଗାଁ ଗୌନ୍ତିଆ ସୁନୀଲ କୁମାର ନାଏକ, ଉପସଭାପତି ଉଦେଶ୍ୱର ମହାନନ୍ଦ, ସହ ସମ୍ପାଦକ ସୁଗ୍ରୀ ବାଘ, କୋଷାଧ୍ୟକ୍ଷ ବିନୋଦ ବାଘ ଓ ଦୁର୍ଯ୍ୟୋଧନ ନାଏକ କାର୍ଯ୍ୟଭାର ତୁଲାଇଥିଲେ। ଗତ ୫ ତାରିଖ ଦିନ ଖଣ୍ଡାଧୁଆ, ବିଲ୍ ବରଣ, କର୍ତ୍ତା ବରଣ, ସହକର୍ତ୍ତା ବରଣ, ଗୌନ୍ତିଆ ବରଣ, ପାଲଧରା ବରଣ, କଳସ ଯାତ୍ରା, ଆରତୀ ଓ ପୁଷ୍ପାଞ୍ଜଳି କରାଯାଇଥିଲା। ୬ ତାରିଖ ସୋମବାର ଦିନ ଚଣ୍ଡୀପାଠ ଓ ହୋମ କରାଯାଇ ଅନ୍ନଭୋଗ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଦର୍ଶନ ନିମନ୍ତେ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ବରୁଆ ବରଣ, ପାଲଧରା ବରଣ କରାଯାଇ ମାଁ ସମଲେଶ୍ୱରୀଙ୍କ ବରୁଆ ବେଶରେ ଛତର ଏବଂ ଖଣ୍ଡା ସାଙ୍ଗରେ ନେଇ ରାତ୍ରରେ ଗ୍ରାମ ପରିକ୍ରମଣ କରି ପ୍ରତ୍ୟେକ ପଡ଼ାର ଛକମାନଙ୍କରେ ପୂଜା ପାଇଥିଲେ। ପୂଜା ପାଇ ସାରିବା ପରେ ୭ ତାରିଖ ସକାଳେ ମାଁ ମନ୍ଦିରକୁ ଫେରିଥିଲେ ଏବଂ ବରୁଆ ପାଟଖଣ୍ଡା ଧରି ଚାରେର ନୃତ୍ୟ କରିଥିଲେ। ମନୋସ୍କାମନା ପୂରଣ ସକାଶେ ବହୁ ମହିଳା, ପୁରୁଷ ମନ୍ଦିର ସାମନାରେ ଅଧିଆ ପଡ଼ିଥିଲେ। ସମସ୍ତଙ୍କର ଦୁଃଖ ଶୁଣିବା ପରେ ମାଁ ସମଲେଇ ମନ୍ଦିରକୁ ପ୍ରବେଶ କରିଥିଲେ।

# ରଣେଶ୍ୱର ରାମଚଣ୍ଡୀଙ୍କ ଝଣ୍ଡା ସ୍ଥାପନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିରରେ ଝଣ୍ଡା ସ୍ଥାପନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ଧ୍ୱଜାରୋପଣ କରାଯାଇଥିଲା । ଶଙ୍ଖଘଣ୍ଟ ହୁଳହୁଳିରେ ମନ୍ଦିର ପରିସର ମୁଖରିତ ହୋଇଥିଲା । ପୂଜକ ଦେବୀପ୍ରସାଦ ଭୋଇ ଝଣ୍ଡାପୂଜା କରିଥିଲେ । ଏଥିରେ କୁଲତା ସମାଜର ଉପସଭାପତି ଦେବଦତ୍ତ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ପ୍ରଦୀପ କୁମାର ସାହୁ, ଆନନ୍ଦ କୁମାର ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା ଓ ଭବାନୀଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହର ବୁଟୁପାଲିର ଧର୍ମେନ୍ଦ୍ର ମେହେରଙ୍କ ବିୟୋଗରେ ଆଜି ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ଧର୍ମେନ୍ଦ୍ର ବିଦ୍ୟାଳୟର ପୁରାତନ ଛାତ୍ର ଥିଲେ । ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ କରିଆସୁଥିଲେ । ତାଙ୍କର ବିୟୋଗରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଅତ୍ୟନ୍ତ ମର୍ମାହତ ହେତ ବୋଲି କହିଥିଲେ ।

# ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

କୋରାପୁଟ,(ସବ୍ୟୁ): କୋରାପୁଟ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ ଗୃହରେ ୭୧ ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କୋରାପୁଟ ଏସିଏଫ ଜଗନ୍ନାଥ ବିଷୋୟୀ,ଜୟପୁର ଏସିଏଫ ଚନ୍ଦ୍ରସେନା ପୂଜାରୀ, ବନ୍ୟପ୍ରାଣୀ ଦ୍ୱାବାଧାରକ ରାମକୃଷ୍ଣ ସାହୁ,ବରିଷ୍ଠ ସାମ୍ବାଦିକ ସି ଏଚ ଶାନ୍ତାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେଛଚଳିତ ବର୍ଷର ମନୁଷ୍ୟବନ୍ୟଜନ୍ତୁ ସହାବସ୍ଥାନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଉତ୍ତମ କାର୍ଯ୍ୟ କରିଥିବା କୋରାପୁଟ ଓ ଜୟପୁର ଉପଖଣ୍ଡର ଦୁଇ ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। କୋରାପୁଟ ଉପଖଣ୍ଡ ପାଇଁ ଏମ ସନ୍ତୋଷ ରାଓ ଏବଂ ଜୟପୁର ଉପଖଣ୍ଡ ପାଇଁ ଚନ୍ଦନ ଭେମିଡିଙ୍କୁ ପ୍ରମାଣପତ୍ର ଓ ୨୫ ହଜାର ଟଙ୍କା ଲେଖାଏଁ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେମିଳିଗୁଡା ଡେପୁଟି ରେଞ୍ଜ ଅଫିସର ତ୍ରିପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କୋରାପୁଟ ରେଞ୍ଜ ଅଫିସର ଏସ.କେ.ପାହାଡ଼ସିଂ ଯୋଗଦେଇ ପରିଚାଳନା କରିଥିଲେ। କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ପରଲୋକରେ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ସାହୁ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ନିକଟସ୍ଥ ମହୁଲପାଲି ଗ୍ରାମ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ସାହୁ (୬୨) ପରଲୋକ ଗମନ କରିଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅସୁସ୍ଥ ରହିଥିଲେ । ସ୍ଥିତି ସଂକଟାପନ୍ନ ହେବାରୁ ଗତ ସୋମବାର ପ୍ରଥମେ ପଦ୍ମପୁର ଡାକ୍ତରଖାନା ଓ ପରେ ବରଗଡ଼ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ବୁଧବାର ସକାଳ ପ୍ରାୟ ୧୧ଘଣ୍ଟା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ପତ୍ନୀ, ପୁଅ, ଝିଅ ଓ ଅନ୍ୟ ପରିଜନ ଉପସ୍ଥିତ ଥିଲେ। ନିଜ ପୈତୃକ ଗାଁ ମହୁଲପାଲିରେ ଅନ୍ତିମ ସଂସ୍କାର କରାଯାଇଥିଲା । ପୁଅ ଦୀନେଶ ମୁଖାଗ୍ନୀ ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ, ଆଦର୍ଶ ଶିକ୍ଷକ ତଥା ସୁନାଗରିକ ଥିଲେ। ତାଙ୍କ ନିଧନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଲକ୍ଷ୍ମୀ ମଣ୍ଡପ ବୁଲି ଆର୍ଶୀବାଦ ଭିକ୍ଷା କଲେ ଦେବେନ୍ଦ୍ର

ରେଢ଼ାଖୋଲ,(ସବ୍ୟୁ): ରେଢ଼ାଖୋଲ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର ନାକଟିଦେଉଳ ବ୍ଲକର ବିଭିନ୍ନ ଲକ୍ଷ୍ମୀ ପୂଜା ମଣ୍ଡପ ବୁଲି ମାଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି । ନାକଟିଦେଉଳ ବ୍ଲକ କିସିଣ୍ଡା ମଣ୍ଡଳ ଅନ୍ତର୍ଗତ ଗିରୀଶଚନ୍ଦ୍ରପୁର ପଞ୍ଚାୟତର କଞ୍ଚନପୁର,ବଳମ ପଞ୍ଚାୟତର,ମଣ୍ଡୁଆମ ଓ ସରାପାଲି ପଞ୍ଚାୟତର ହିକପାଲି ତଥା ଗ୍ରାମରେ ହେଉଥିବା ଗଜଲକ୍ଷ୍ମୀ ପୂଜାରେ ଯୋଗଦେଇ ମା ଙ୍କ ଆଶୀର୍ବାଦ ନେବା ସହିତ ଗ୍ରାମର ସୁଖ,ଶାନ୍ତି,ସମୃଦ୍ଧି ପଇଁ ପ୍ରାର୍ଥନା କରିଥିଲେ । ଏହି ପରିକ୍ରମାରେ ନାକଟିଦେଉଳ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ପ୍ରମୋଦ କୁମାର ସାହୁ, ପୂର୍ବତନ କିଶିଣ୍ଡା ମଣ୍ଡଳ ସଭାପତି – ନେତ୍ରାନନ୍ଦ ରାଉଳ, ନାକଟିଦେଉଳ ମଣ୍ଡଳ ଯୁବା ମୋର୍ଚ୍ଚା ସଭାପତି – ଦେବବ୍ରତ ପଣ୍ଡା ପ୍ରମୁଖ ସାମିଲ ହେବା ସହ ଗ୍ରାମ ଗୁଡ଼ିକର ସ୍ଥାନୀୟ ସମସ୍ୟା ଓ ଏହାର ସମାଧାନ ବିଷୟରେ ଗ୍ରାମବାସୀଙ୍କ ସହିତ ଆଲେଚନା କରିଥିଲେ ।

# ବାଇକ୍ ସହ ୧୦ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ପୁଲିସ ବାଇକ୍ ସହିତ ୧୦ କିଲୋ ଗଂଜେଇ ଜବତ କରି ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ବୌଦ୍ଧ ଥାନା ଅଧିକାରୀ ନଳିନିକାନ୍ତ ଦାଶଙ୍କ ସୂଚନା ମୁତାବକ ବୌଦ୍ଧ ଆଦର୍ଶଥାନା ପକ୍ଷରୁ ଜାତୀୟ ରାଜପଥର ବୌଦ୍ଧ ବାଇପାଶ ରେ ନିୟମିତ ପାଟ୍ରୋଲିଂ ଚାଲିଥିବା ସମୟରେ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଛକ ନିକଟରେ ଦୁଇଜଣ ବ୍ୟକ୍ତିଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖି ଯାଞ୍ଚ କରିଥିଲେ । ସେମାନଙ୍କ ନିକଟରୁ ୧୦ କିଲୋ ଗଂଜେଇ ସହିତ ଏକ ଆପାଚି ବାଇକ୍ ଜବତ କରାଯାଇଥିଲା । ଏହି ମାମଲାରେ ବୌଦ୍ଧଥାନାରେ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତ ନାକଟିଦେଉଳ ଅଞ୍ଚଳର ସୁମନ୍ତ ସାହୁ ଓ ସନ୍ତୋଷ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ରାଜଗାଙ୍ଗପୁରରେ ଧନ ଧାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା



ରାଜଗାଙ୍ଗପୁର,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଧନ ଧାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ନେଇ ରାଜଗାଙ୍ଗପୁର ସହର ଚଳ ଚଞ୍ଚଳ ହୋଇ ଉଠିଛି । ରାଜଗାଙ୍ଗପୁର ସହର ଆଖ ପାଖ ଅଞ୍ଚଳରେ ପ୍ରାୟ ୯ ଟି ସ୍ଥାନରେ ମହାଲକ୍ଷ୍ମୀ ପୂଜା ମେଢ଼ରେ ପୂଜିତ ପାଉଛନ୍ତି । ଏହି ଅବସରରେ ସହରରେ ଚଳ ଚଞ୍ଚଳ ଦେଖିବାକୁ ମିଳୁଛି । ଆଲୋକମୟରେ ସୁସଜିତ ପେଣ୍ଡାଲ ରେ ଝଲସୁଛନ୍ତି ମାଆ। ଏଥି ମଧ୍ୟରୁ କମ୍ୟୁନିଟି ସେଣ୍ଟରର ସାଜସଜ୍ଜା ବେଶ ଆକର୍ଷଣୀୟ ହେବାର ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଗଜଲକ୍ଷ୍ମୀଙ୍କ ପ୍ରତିମା ଗୁଡିକ ସନ୍ଧ୍ୟାରେ ଭକ୍ତଙ୍କ ସମାଗାମ ରେ ରାସ୍ତା ରେ ପ୍ରବଳ ଭିଡ଼ ଲାଗି ରହିଛି । ବିଭିନ୍ନ ପେଣ୍ଡାଲ ରେ ବହୁ ପ୍ରକାରର ପ୍ରସାଦ ସେବନର ବ୍ୟବସ୍ଥା ଦେଖିବାକୁ ମିଳୁଛି । ସହର ମଧ୍ୟରେ କମ୍ୟୁନିଟି ସେଣ୍ଟର,ଲିପଲୋଇ ପୂଜା ପେଣ୍ଡାଲ,ଓସିଏଲ ବଜାର, ଲିପଲୋଇ, ତାଲକି ପଡା,ବଗିଚାପଡା, କ୍ଷେତ୍ରସନ ପଡା, ବାଣ୍ଟୁ ପଡା ଓ ସବୁଠାରୁ ପୁରୁଣା ଆଇଟି କଲୋନୀ ରେ ପୂଜିତ ପାଉଛନ୍ତି ମାଆ ଗଜ ଲକ୍ଷ୍ମୀ । ବିଭିନ୍ନ ସାଜ ସଜାରେ ସଜିତ ହୋଇଛି ପ୍ୟାଣ୍ଡେଲ ଗୁଡିକ ଓ ସନ୍ଧ୍ୟାରେ ମାଆ ଶୋଢ଼ଷ ଉପଚାରରେ ପୂଜିତ ହେବା ପରେ ଶଙ୍ଖ ଧ୍ୱନି ଓ ଘଣ୍ଟ ନାଦରେ ଆଳତିର ଅତି ମନୋହର ଦୃଶ୍ୟ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହୁଛି । ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ପ୍ୟାଣ୍ଡେଲରେ ପୋଲିସ ମୃତୟନ କରାଯାଇ ପାଟ୍ରୋଲିଂ ଗ୍ରସ୍ତର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳୁଛି । ବିସର୍ଜନ କରାଯିବା ପାଇଁ ପ୍ରଶାସନ ଏବଂ ରାଜଗାଙ୍ଗପୁର ଆଇଟି କଲୋନୀ ପୂଜା କମିଟି ସଭାପତି ସୁରେଶ ଚନ୍ଦ୍ର ବାରିକ , ସମରେନ୍ଦ୍ର କୁମାର ମହାପାତ୍ର, ସୁଧାଂଶୁ କୁମାର ଦାସ, ମଦନ କୁମାର ଯାଦବ, ହିମାଂଶୁ ବାରିକ, ବିପିନ ଚନ୍ଦ୍ର ସାହୁ, ଅରୁଣ କୁମାର ସାମଲ, ସୌମ୍ୟଜିତ ମହାରଣା ପ୍ରମୁଖ ଉପସ୍ଥିତରେ ବିସର୍ଜନ ପାଇଁ ଏକ ଶାନ୍ତି କମିଟି ଆୟୋଜନ କରାଯାଇ ଥିବା ଜଣାଯାଇଛି ।

# ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଶ୍ୱ ଡିସ୍ଲେସିଆ ଦିବସ

ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ବୁଢ଼ାପଡା ବୁରୋମାଲ ସ୍ଥିତ ଝାଡ଼େଶ୍ୱରୀ ସମନ୍ୱିତ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଡିସ୍ଲେସିଆ ଦିବସ ଅବସରରେ ଡିସ୍ଲେସିଆ ଶିକ୍ଷଣ ଦିବ୍ୟାଙ୍ଗତାର ଏକ ଅଂଶ ଯାହାକି ଶିଶୁ ମାନଙ୍କର କହିବା, ଲେଖିବା,ପଢ଼ିବା, ଉଚ୍ଚାରଣ କରିବାରେ ଅସୁବିଧା ଥିବା ବାରମ୍ବାର ଅଭ୍ୟାସ ବଳରେ ଦିବ୍ୟାଙ୍ଗରୁ ପୂର୍ଣ୍ଣାଙ୍ଗ ହୋଇ ପାରନ୍ତି ବୋଲି ମୁଖ୍ୟ ଅତିଥି ଡାକ୍ତର ପ୍ରକାଶ ରଣା ତାଙ୍କ ବକ୍ତବ୍ୟ ରେ କହିଥିଲେ । ସମ୍ମାନିତ ଅତିଥି ଭାବେ ବରଗଡର ସମ୍ବଳ ଶିକ୍ଷକ ଦୁର୍ବାଦଳ ମେହେର, ପ୍ରତିଷ୍ଠାତା ବିବେକା ନନ୍ଦ ମିଶ୍ର, ସ୍କୁଲ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ଥିବା ବେଳେ ପୁଷ୍ପିତା ମହାକୁର ଲିପିସ୍ମିତା ପ୍ରଧାନ ଓ ସୁଲୋଚନା ସାହୁ ଭାଗନେଇ ଡିସ୍ଲେସିଆ ଶିଶୁଙ୍କ ପାଠ ପଢା ଉପରେ ଆଲୋଚନା କରିଥିଲେ । ଏଥିରେ ଦିବ୍ୟାଙ୍ଗ ଶିଶୁଙ୍କ ପିତା ମାତା, ସ୍ଥାନୀୟ ଜନ ସାଧାରଣ,ସ୍କୁଲର ଦିବ୍ୟାଙ୍ଗ ଶିଶୁ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଥିବା ବେଳେ ନିହାରିକା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଓ ସମ୍ମାନ ସମାରୋହ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ମୋତିଝରଣ ସ୍ଥିତ ସମ୍ବଲପୁର ଚିଡ଼ିଆଖାନା ଠାରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି, ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥି, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷେତ୍ରୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

କନିଷ୍ଠ ବର୍ଗରେ ହାତୀ ସହିତ ରହିବା ଶୀର୍ଷକ ଚିତ୍ରାଙ୍କନରେ ଧନକଉଡ଼ା ବୀର ସୁରେନ୍ଦ୍ର ସାଏ ଇଂରାଜୀ ବିଦ୍ୟାଳୟର କ୍ରିତିକା ପ୍ରଧାନ, ମନୀଷ ବେହେରା ଏବଂ ଆଦ୍ୟାଶା ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବରିଷ୍ଠ ବର୍ଗରେ ଓଡ଼ିଶାର ଜଳଚର ପ୍ରାଣୀ ଶୀର୍ଷକ ଚିତ୍ରାଙ୍କନରେ ଧନକଉଡ଼ା ହାଇସ୍କୁଲର ବିଦ୍ୟାଳୟ ଓରାମ୍, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ସୌମ୍ୟଶ୍ରୀ ପ୍ରଧାନ ଓ ଇଣ୍ଡିଏନ୍ ପବ୍ଲିକ୍ ସ୍କୁଲର ଶୁଭଙ୍କର ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ସେହିପରି ସମାରୋହରେ ବନ୍ୟପ୍ରାଣୀ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପବିଭାଗର ସାତକମା ନିବାସୀ ସୁବାଷଚନ୍ଦ୍ର ନାୟକ ଏବଂ ରେଢ଼ାଖୋଲ ଉପବିଭାଗ ସ୍ତରର ସଂଗ୍ରାମପୁର ନିବାସୀ ଦିଲ୍ଲୀପ ମହାକୁଡ଼ଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର-୨୦୨୫ ସ୍ୱରୂପ ମାନପତ୍ର ଓ ୨୫ ହଜାର ଲେଖାଏଁ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

# ବୌଦ୍ଧ ଜିଲ୍ଲାର ବୋମକେଇ ପାଟ୍ଟଶାଢୀର ରହିଛି ସ୍ୱତନ୍ତ୍ରତା

ବୌଦ୍ଧ,(ସବ୍ୟୁ): ଭାରତୀୟ ଅର୍ଥନୀତିରେ ବୁଣାକାର ମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ବୟନ ଶିଳ୍ପ ସମଗ୍ର ସଂସାରରେ ଏକ ଅତି ପ୍ରାଚୀନ ତମ କୁଟୀର ଶିଳ୍ପ ଭାବେ ପରିଗଣିତ ହୋଇଛି । କେଉଁ ଆବାହନ କାଳରୁ ସଭ୍ୟତାର ବିକାଶ ହେବା ଦିନଠୁଁ ବୟନ ଶିଳ୍ପ ସମାଜରେ ତଥା ସାମାଜିକ ଅର୍ଥନିତିରେ ଏକ ବିଶେଷ ପ୍ରଭାବ ରଖି ଆସିଛି । ବୟନ ଶିଳ୍ପ ଉତ୍ପାଦନ ସମାଜରେ ସଂସ୍କୃତିର ଏକ ପରିଚୟ ମାନଙ୍କ ଭାବରେ ଆଜି ମଧ୍ୟ ପରିଗଣିତ ହୋଇଛି । ବୌଦ୍ଧ ଅଂଚଳର ବୟନ ଶିଳ୍ପ ଏକ ବିଶେଷ ଖାସ ମହତ୍ତ୍ୱ ରଖେ । ଅତି ପ୍ରାଚୀନ କାଳରୁ ଏ ଅଂଚଳରେ ବୟନ ଶିଳ୍ପର ପ୍ରସାର ରହି ଆସିଛି । ବିଶେଷ କରି ବୌଦ୍ଧ ଅଂଚଳର ବମକେଇ ମଠା, ପାଟ୍ଟ ଶାଢୀ ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ପ୍ରତିଦିନ ନୂଆଁ ନୂଆଁ ଡିଜାଇନର ଅତି ଆକର୍ଷଣ ବମକେଇ ପାଟ୍ଟ ଓ ଶାଢି ବୌଦ୍ଧଜିଲ୍ଲାରେ ବୁଣାକାର ମାନେ ପ୍ରସ୍ତୁତ କରୁଛନ୍ତି ଓ ଏହା ବିଶେଷ ଲୋକ ପ୍ରିୟ ମଧ୍ୟ ହୋଇ ପାରିଛି । ବିଶେଷ କରି ବୌଦ୍ଧଜିଲ୍ଲାରେ ମେହେର ସମାଜର ଲୋକମାନେ ବୁଣାକାର କାର୍ଯ୍ୟକରିଥାନ୍ତି । ସେମାନେ ଜିଲ୍ଲାର ବୋମକେଇ ପାଟ୍ଟ ଶାଢୀ ତିଆରି କରିଥାନ୍ତି । ସେମାନେ ବୌଦ୍ଧ ପାଇଁ ଅନେକ ସମ୍ମାନ ଆଣିଦେଇଛି । ବୌଦ୍ଧର ବୋମକେଇ ପାଟ୍ଟ ଶାଢୀ ଏକ ମର୍ଯ୍ୟାଦାର ପ୍ରତିକ ହୋଇ ପାରିଛି । ବୌଦ୍ଧ ଅଂଚଳର ବୟନ ଶିଳ୍ପ ର ବିକାଶ ତଥା ବୋମକେଇ ପାଟ୍ଟଶାଢୀର ବଜାରର ବିକାଶ ପାଇଁ ବୌଦ୍ଧରେ ଇତି ମଧ୍ୟରେ ଏକ ବୁଣାକାର ହାଟ ପ୍ରତି ରବିବାର ବସୁଛି । ଏହା ଏବେ ବେଶ ଜନାଦୃତ ହୋଇପାରିଛି । ବୌଦ୍ଧ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ଖରିଦାର ପ୍ରତି ରବିବାର ଏହି ବୁଣାକାର ହାଟକୁ ଆସୁଛନ୍ତି । ବୌଦ୍ଧଜିଲ୍ଲାର ବୋମକେଇ ପାଟ୍ଟଶାଢୀର ଲୋକପ୍ରିୟତା କୁ ଦେଖିଲେ ଯେକେହିବି ବିଶ୍ୱାସ କରିବ ଓ ପାଟ୍ଟାଶାଢୀର ସୌନ୍ଦର୍ଯ୍ୟ ଓ ଆକର୍ଷଣ କେତେ ଚମତ୍କାର । ବୌଦ୍ଧ ଅଂଚଳର କୁଟୀର ଶିଳ୍ପ ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ଉପାଦାନ ବୌଦ୍ଧର ବୟନ ଶିଳ୍ପ । ବୌଦ୍ଧର ବୟନ ଶିଳ୍ପର ବିକାଶ ପାଇଁ ଆଜି ଜିଲ୍ଲାରେ ଅନେକ ଯୋଜନା ଚାଲିଛି । ଏକ୍ଷେତ୍ରରେ ଉଭୟ ସରକାରୀ ଓ ଘରୋଇ ଅନୁଷ୍ଠାନ କାମ କରୁଛନ୍ତି । ଜିଲ୍ଲାରେ ପ୍ରାୟ ଆଠ ହଜାରରରୁ ଦଶ ହଜାର ବୁଣାକାର ପରିବାର ରହିଥିବା ଅନୁମାନ କରାଯାଏ । ବୌଦ୍ଧ ସହରର ବୁଟୁପାଲି, ମର୍ଜାକୁଦ, ବାଘପାଲି,ମଥୁରା,ରାଧାନଗର, ଚମ୍ପାପୁର, ନାରାୟଣ ନଗର,ଲକ୍ଷ୍ମୀ ପ୍ରସାଦ,ଅଁଳାପାଲି, ବାଉଁଶୁଣୀ, ମନମୁଣ୍ଡା, ଗୋବଯୋର, ଜୁନାନୀ ଆଦି ଅଂଚଳରେ ବୁଣାକାରମାନେ ଅଛନ୍ତି । ସେମାନେ ବିଭିନ୍ନ ଡିଜାଇନର ଶାଢୀ, ପାଟ୍ଟ,ଗାମୁଛା, ବିଭିନ୍ନ ବସ୍ତ୍ର ତିଆରି କରିଥାନ୍ତି । ଜିଲ୍ଲାରେ ତିଆରି ହେଉଥିବା ଏହି ବୋମକେଇ ପାଟ୍ଟଶାଢୀ ବଜାର ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯାଆନ୍ତା । ତାହାହେଲେ ବୁଣାକାରମାନଙ୍କ ସହିତ ଗ୍ରାହକମାନେ ମଧ୍ୟ ଉପକୃତ ହୋଇପାରନ୍ତେ । ଏଥି ପ୍ରତି ଜିଲ୍ଲା ପ୍ରଶାସନର ଉଦ୍ୟମର ଆବଶ୍ୟକତା ରହିଛି । ବୌଦ୍ଧର ବୟନ ଶିଳ୍ପ ଆଜି ବୌଦ୍ଧ ଜିଲ୍ଲାର ସାଂସ୍କୃତିକ ପରିଚୟ ପାଇଯାଇଛି ଓ ଆଗାମୀ ଦିନରେ ନିଶ୍ଚିତ ଭାବରେ ଅଧିକ ଲୋକପ୍ରିୟ ହେବାର ଅନେକ ସମ୍ଭାବନା ରହିଛି ।

(ଶ୍ରୀମଭଗବଦ୍ ଗୀତା ୧୮/୫୮)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ ପ୍ରସାଦାତ୍ ତରିଷ୍ୟସି ।**
**ଅଥ ଚେତ୍ ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ॥ ୫୮ ॥**

(ତତୋ ଯତ୍ ଭବିଷ୍ୟତି ତତ୍ ଶୃଣୁ)- ତ୍ୱଂ ମଚ୍ଚିତ୍ତଃ (ମଦେକଚିତ୍ତଃ) (ସନ୍) ମତ୍ ପ୍ରସାଦାତ୍ (ମଦନୁଗ୍ରହାତ୍) ସର୍ବଦୁର୍ଗାଣି (ସର୍ବାଣି ଅପି ଦୁସ୍ତରାଣି ସାଂସାରିକାଣି ଦୁଃଖାନି) ତରିଷ୍ୟସି, ଅଥ ଚେତ୍ (ଯଦି ପୁନଃ) ଅହଙ୍କାରାତ୍ (ଜ୍ଞାତଞ୍ଜତ୍ୱାଭିମାନାତ୍) (ମଦୁକ୍ତିଂ) ନ ଶ୍ରୋଷ୍ୟସି, (ତର୍ହି) ବିନଙ୍କ୍ଷ୍ୟସି (ପୁରୁଷାର୍ଥାତ୍ ଭ୍ରଷ୍ଟୋ ଭବିଷ୍ୟସି) ॥ ୫୮॥

# ସାମ୍ବିଧାନିକ ପଦବୀରେ ମୋଦିଙ୍କର ପଚିଶ ବର୍ଷ

ଭାରତର ସାମ୍ବିଧାନିକ ପଦବୀରେ ନିରବଚ୍ଛିନ୍ନ ଭାବେ ପଚିଶ ବର୍ଷ ପୂରଣ କରିବାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଭାରତର ଜଣେ ଅଦ୍ୱିତୀୟ ଓ ସଫଳ ରାଜନେତା ହୋଇ ପାରିଛନ୍ତି । ପଚିଶ ବର୍ଷ ଯାକ ସାମ୍ବିଧାନିକ ପଦବୀରେ ରହି ଓ ବହୁ ବାଧାବିଘ୍ନର ମୁକାବିଲା କରିବା ପରେ ସେ ସବୁକୁ ଅତିକ୍ରମ କରି ମୋଦିଜୀ ଅନାୟାସରେ ଭାରତରେ କ୍ଷମତାର ଶୀର୍ଷବିନ୍ଦୁ ସ୍ପର୍ଶ କରିବା ସହିତ ସଫଳତା ହାସଲ କରିବା ପ୍ରକୃତରେ ଗର୍ବ ଓ ଗୌରବର ବିଷୟ । ମୋଦିଜୀଙ୍କ ବ୍ୟକ୍ତିତ୍ୱ ସୀମିତ ହୋଇ ରହି ନାହିଁ, ସମଗ୍ର ବିଶ୍ୱରେ ତାଙ୍କର ନିରପେକ୍ଷ ନୀତି, ଆଦର୍ଶ, ଶାନ୍ତି ଓ ସମୃଦ୍ଧି ମଧ୍ୟ ସକଳଙ୍କୁ ପ୍ରଭାବିତ କରି ପାରିଛି । ସ୍ୱାଧୀନତାର ଉତ୍ତର କାଳରେ ଭାରତରେ ଭୂମିଷ୍ଠ ହୋଇଥିବା ଅନେକ ସନ୍ତାନ ହୁଏତ ଜାଣି ନଥିବେ ଯେ କିନ୍ତୁ ସେହି ପବିତ୍ର ଦିବସଟି ଥିଲା ୭ ଅକ୍ଟୋବର, ୨୦୦୧ । ଆଜି ବି ମନେ ପଡୁଛି । ପଚିଶ ବର୍ଷ ତଳେ ଗୁଜୁରାତର ମୁଖ୍ୟମନ୍ତ୍ରୀ ଭାବେ ସେ ଦିନ ଶପଥ ଗ୍ରହଣ କରିଥିଲେ ଶ୍ରୀ ନରେନ୍ଦ୍ର ମୋଦି । ଭାରତୀୟ ରାଜନୀତିରେ କେବଳ ପୁରୁଖା ନେତା ନୁହଁନ୍ତି, ଅନେକ ନୂତନ ନେତାଙ୍କର ଆବିର୍ଭାବ ଘଟିଛି । ନୂତନ ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି । କିନ୍ତୁ ସମସ୍ତଙ୍କୁ ଅତିକ୍ରମ କରିଗଲେ ସାଧାରଣ ପରିବାରରୁ ଆସି ଜଣେ ରାଷ୍ଟ୍ରଭକ୍ତ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ହୋଇଥିବା ନରେନ୍ଦ୍ର ମୋଦି ।

ରେଳ ଷ୍ଟେସନରେ ଚା' ବିକାଳୀ ଭାବେ ବାଲ୍ୟ ଜୀବନ ବିତାଇଥିବା ସେହି ନରେନ୍ଦ୍ର ମୋଦି, ଅନ୍ୟ ଜଣେ ନରେନ୍ଦ୍ର ( ସ୍ୱାମୀ ବିବେକାନନ୍ଦ)ଙ୍କ ନୀତିର ଅନୁସରଣ କରି କଲିକତାର ବେଲୁଡ ମଠରେ ପହଞ୍ଚିଥିଲେ ଦିନେ ସନ୍ନ୍ୟାସୀ ମାର୍ଗରେ ଯିବା ପାଇଁ । ବେଲୁଡ଼ ମଠର ସ୍ୱାମିଜୀ ତାଙ୍କୁ ବାଧା ଦେଇ ଫେରି ଯିବା ଲାଗି କୁଆଡ଼େ ପ୍ରବର୍ତ୍ତାଇଥିଲେ । ତାଙ୍କ ମଧ୍ୟରେ ସେ ବୋଧହୁଏ ସମ୍ଭାବନାମୟ ଅନ୍ୟ କିଛି ଲକ୍ଷଣ ଆବିଷ୍କାର କରି ସାରିଥିଲେ । ସେଠାରୁ ଭଗ୍ନ ମନୋରଥରେ ଫେରିଆସି ମୋଦିଜୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ସାମିଲ ହୋଇ ପୂର୍ଣ୍ଣକାଳୀନ କର୍ମୀ ଭାବରେ ଦେଶର ସେବା କରିବାକୁ ସୁଯୋଗ ପାଇଥିଲେ । ସେ ଥିଲେ ନିଜ ଭାଗ୍ୟର ନିଜେ ସମ୍ରାଟ । ଦେଶର ସେବା କ୍ଷେତ୍ରରେ ନିଜର ଭୂମି ଓ ଭୂମିକାଟିକୁ ବାଛି ନେଇ ସାର୍ଥକତା ଲାଭ କରିବାକୁ ସେ କର୍ତ୍ତବ୍ୟ ପଥରେ ଅଗ୍ରଗମନ କରିଥିଲେ । ଏପରିକି ସେ ତାଙ୍କ ଆତ୍ମୀୟସ୍ୱଜନ ଓ ପରିବାରକୁ ମଧ୍ୟ ପଛରେ ପକାଇ ଦେଶର ବିକାଶ କଥା ଚିନ୍ତା କରୁ କରୁ ଗୁଜରାତର ମୁଖ୍ୟମନ୍ତ୍ରୀ ପଦବୀରେ ସର୍ବପ୍ରଥମେ ସାମ୍ବିଧାନିକ ମୁଖ୍ୟ ଭାବେ କାର୍ଯ୍ୟ କରିବାର ସୁଯୋଗ ଲାଭ କଲେ । ପଦ୍ମପତ୍ରକୁ ଯେପରି ଜଳ ସ୍ପର୍ଶ କରି ପାରେ ନାହିଁ, ତାଙ୍କୁ ମଧ୍ୟ କ୍ଷମତାର ମୋହ ସେହିପରି ସ୍ପର୍ଶ କରି ପାରିନାହିଁ । ସେ ଗୁଜୁରାତର ଗାନ୍ଧି ନଗରଠାରେ ରାଜଭବନରେ ଚତୁର୍ଦ୍ଦଶତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ତାଙ୍କ ପୂର୍ବରୁ ବିଜେପିର କେଶୁଭାଇ ପଟେଲ ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ଥିଲେ । ମାତ୍ର ଏକ ଭିନ୍ନ ଢଙ୍ଗରେ ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ମୁଖ୍ୟମନ୍ତ୍ରୀ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ।


୭ ଅକ୍ଟୋବର ୨୦୦୧ରୁ ୨୨ ମେ ୨୦୧୪ ପର୍ଯ୍ୟନ୍ତ ସେ ଦୀର୍ଘ ପ୍ରାୟ ତେର ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହି ଗୁଜୁରାତକୁ ଆଦର୍ଶସ୍ଥାନୀୟ ଓ ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ କରି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ବେଶ୍ ଲୋକପ୍ରିୟତା ଅର୍ଜନ କରି ପାରିଥିଲେ । ଭାରତରେ ସେତେବେଳକୁ କଂଗ୍ରେସ ଶାସନ କାଳରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇ ନେତୃତ୍ୱର ସଙ୍କଟ ଦେଖା ଯାଇଥିଲା । ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯଥେଷ୍ଟ ହ୍ରାସ ପାଇଥିଲା । ସେହି ସମୟରେ ବିଜେପିର ଲାଲକୃଷ୍ଣ ଆଡଭାନୀ ଓ କଂଗ୍ରେସ ଦଳର ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହେବା ବିଷୟରେ ଚର୍ଚ୍ଚା ଚାଲିଥାଏ । ମାତ୍ର ସାଧାରଣ ନିର୍ବାଚନ ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇ ମୋଦିଜୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ୨୦୧୪ ମେ ୨୬ ତାରିଖରେ ଶପଥ ଗ୍ରହଣ କରିଥିଲେ । ସଂସଦର ସେଣ୍ଟ୍ରାଲ ହଲ୍‌ରେ ଯେଉଁଠି ଭାରତର ସଂବିଧାନ ପ୍ରସ୍ତୁତ ହୋଇଥିଲା, ସେହି ଐତିହାସିକ ସେଣ୍ଟ୍ରାଲ ହଲରେ ଶ୍ରୀ ଆଡଭାନୀଜୀ ଲୋକସଭାର ନେତା ତଥା ପ୍ରଧାନମନ୍ତ୍ରୀ ହେବା ଲାଗି ମୋଦିଜୀଙ୍କ ନାମକୁ ପ୍ରସ୍ତାବ ଦେବା ପରେ ତାହା ବିଜେପି ସଂସଦୀୟ ଦଳର ସମର୍ଥନ ଲାଭ କରିଥିଲା ଓ ମୋଦିଜୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ସ୍ୱାଧୀନ ଭାରତର ନାଗରିକ ଭାବେ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ଏଗାର ବର୍ଷ କାଳ ପ୍ରଧାନମନ୍ତ୍ରୀ ଭାବେ କୃତିତ୍ୱ ଅର୍ଜନ କରି ଏବେ ବି ସ୍ୱାଧୀନତାର ଶତବାର୍ଷିକ ଉପଲକ୍ଷେ 'ବିକଶିତ ଭାରତ' ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିଛନ୍ତି । ତାଙ୍କୁ ଆମେ ସ୍ୱାଗତ ଜଣାଉଛୁଁ ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଚିଲିକା ହ୍ରଦର ବିକାଶ କରାଯାଉ



ବିଦ୍ୟାଧର ମହାରଣା

କବିବର ରାଧାନାଥ ରାୟ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲେ: 'ଉତ୍କଳ- କମଳା ବିଳାସ-ଦୀର୍ଘିକା, ମରାଳ ମାଳିନୀ ନିଳାମ୍ବୁ ଚିଲିକା/ ଉତ୍କଳର ତୁହି ଚାରୁ ଅଳଙ୍କାର, ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।' ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ବୃହତମ ଅର୍ଦ୍ଧଲୁଣି ହ୍ରଦ । ଏଥିରେ ରହିଛି କାଳିଜାଇ ମନ୍ଦିର ଓ ଚଢେଇହଗା ପାହାଡ । ଚିଲିକା ତା'ର ଜୈବବିବିଧତା ହେତୁ ବିଶେଷ ପ୍ରାଧାନ୍ୟ ଲାଭ କରିଛି ।

'ଚିଲିକା ଲାଗୁନ' ଭାରତର ସର୍ବବୃହତ୍ ଓ ପୃଥିବୀର ଦ୍ୱିତୀୟ ସର୍ବବୃହତ୍ ଲୁଣିଆ ହ୍ରଦ, ଯାହାର ଜଳ ପରିବ୍ୟାପ୍ତ ଅଞ୍ଚଳ ବର୍ଷାଦିନେ ୧୧୬୫ ବର୍ଗ କିଲୋମିଟର ଓ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟର । ଚିଲିକା ହ୍ରଦ ବିଦେଶାଗତ ଓ ସ୍ଥାନୀୟ ପକ୍ଷୀମାନଙ୍କର, ଶୀତଋତୁରେ ଏକ ସମାରୋହସ୍ଥଳୀ । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ଚିଲିକା ହ୍ରଦରେ ୧୪୪ଟି ଏରାୱାଡି ଡଲଫିନ୍ ଅଛନ୍ତି । ଚିଲିକାରେ ନୌବିହାର ବହୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ବିଭିନ୍ନ ଜାତିର ମାଛ, କଙ୍କଡା ଓ ଚିଙ୍ଗୁଡି ବ୍ୟବସାୟ ଚିଲିକା କୂଳରେ ଥିବା ଧୀବର ସମ୍ପ୍ରଦାୟର ଜୀବିକାର୍ଜନ ପାଇଁ ଏକ ମୁଖ୍ୟ ମାଧ୍ୟମ । ନିକଟରେ ଖବର ପ୍ରକାଶ ପାଇଛି ଚିଲିକା ହ୍ରଦରେ ମାଛ ଧରି ଜୀବିକାର୍ଜନ ଆଉ ସମ୍ଭବ ନହେବାରୁ ଶତାଧିକ ପରିବାର ଦାଦନ ଖଟିବାକୁ ବାହାର ରାଜ୍ୟକୁ ଗଲେ । ଏପରି ପରିସ୍ଥିତି ପାଇଁ ଦାୟୀ କାରଣଗୁଡ଼ିକ କଣ ହୋଇପାରେ ତାହା ଏଠାରେ ଆଲୋଚନା କରିବା ।

**ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ ।**

ଚିଲିକାର ଜଳରାଶି ମଧୁର ଜଳ ଓ ବଙ୍ଗୋପସାଗର ଲୁଣି ଜଳର ଏକ ମିଶ୍ରଣ । ଏହି ହ୍ରଦରେ ବିଭିନ୍ନ କିସମର ଫ୍ଲୋରା ଓ ଫଉନା (ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି) ସହିତ ୧୬୦ ପ୍ରଜାତିର ପକ୍ଷୀ, ମାଛ ଓ ଡଲଫିନ ଦେଖିବାକୁ ମିଳେ । ଏହାକୁ ୧୯୮୧ ମସିହାରେ ରାମସର ହିସାବରେ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀଗଣଙ୍କ ଆକର୍ଷଣ ଯୋଗୁଁ ବହୁ ପର୍ଯ୍ୟଟକ ଚିଲିକାରେ ନୌବିହାର ପାଇଁ ପାନ୍ଥନିବାସରେ ବହୁଦିନ ଧରି ଡେରା ପକାନ୍ତି । ଚିଲିକା ନିକଟରେ ଏକ ନୌତାଲିମ କେନ୍ଦ୍ର ଭାରତ ସରକାର ସ୍ଥାପନ କରିଛନ୍ତି ଓ ରାଜ୍ୟ ସରକାର ଚିଲିକା ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଛନ୍ତି । ସବୁଠାରୁ ବଡକଥା ହେଲା ଚିଲିକା ଆଖପାଖରେ ହଜାର ହଜାର ଧୀବର ସମ୍ପ୍ରଦାୟର ଲୋକେ ଜୀବିକାର୍ଜନର ଏକ ଉତ୍ସ ହିସାବରେ ପରିଗଣିତ । ତେବେ ଆଜି କାହିଁକି ମରାଳ ମାଳିନୀ ଏତେ କ୍ଳାନ୍ତ ଓ ଅସୁରକ୍ଷିତ?

ଚିଲିକା ହ୍ରଦ ଦ୍ୱାରା ଚାରିପାଖରେ ଥିବା ୨୭୩ ଗ୍ରାମ ଓ ୧୩୨ ଧୀବର ଗ୍ରାମ ଉପକୃତ ହୁଅନ୍ତି ଯାହାର ଲୋକସଂଖ୍ୟା ୧.୫ ଲକ୍ଷ । ଚିଲିକାରେ ୪୦୦ ପ୍ରଜାତିର ମେରୁଦଣ୍ଡୀ ପ୍ରାଣୀ ଅଛନ୍ତି ଓ ଏଥିରୁ ୨୨୫ ପ୍ରଜାତିର ମାଛ ଅଛନ୍ତି । ଚିଲିକାରେ ୨୦୦୦-୦୧ ମସିହାରେ ବର୍ଷକୁ ୩୮୧୭.୮୧ ନିୟୁତ ଟନ୍ ମାଛ, ୧୦୭୧.୩୮ ଟନ୍ ଚିଙ୍ଗୁଡି ଓ ୨୧.୫୦ ଟନ୍ କଙ୍କଡା ଅମଳ କରା ଯାଇଥିବା ବେଳେ ୨୦୨୦-୨୧ ରେ ଏହା ୯୪୦୬ ନିୟୁତ ଟନ୍ ମାଛ ,୩୩୦୦ ଟନ୍ ଚିଙ୍ଗୁଡି ଓ ୨୫.୮୦ ଟନ୍ କଙ୍କଡା ବୃଦ୍ଧି ପାଇଛି । ଚିଲିକା ମାଛ ଓ ଚିଙ୍ଗୁଡି କୋଲକାତା ଓ ସ୍ଥାନୀୟ ବଜାରରେ ବିକ୍ରି ହେବା ସ୍ଥଳେ ଆମେରିକା, ଚୀନ, ଜାପାନ ଓ ଇଉରୋପିଆନ ଦେଶମାନଙ୍କୁ ରପ୍ତାନୀ କରାଯାଏ । ସବୁଠାରୁ ବେଶି ରପ୍ତାନୀ ହୁଏ ଫ୍ରୋଜନ୍ ଚିଙ୍ଗୁଡି ।୨୦୧୯-୨୦ରେ ଚିଲିକାରୁ ରପ୍ତାନୀ କରାଯାଇଥିବା ଚିଙ୍ଗୁଡିର ମୂଲ୍ୟ ଥିଲା ୪୬ ୫୮୯.୩୭ ନିୟୁତ ଟଙ୍କା ବା ୬୭୨୮.୫୦ ଡଲାର । କିଲୋଗ୍ରାମ ପ୍ରତି ମୂଲ୍ୟ ଥିଲା ୪.୮୩ ଡଲାର । କିନ୍ତୁ କ୍ରମଶଃ ଚିଲିକାରେ ମାଛ ସଂଖ୍ୟା ହ୍ରାସ ପାଉଛି । ଏବେତ ଅଧିକ ରପ୍ତାନୀ ଶୁଳ୍କ ଯୋଗୁଁ ଚିଲିକା ଚିଙ୍ଗୁଡି ଆମେରିକା ଯାଇ ପାରୁନି ଫଳରେ ବହୁ ବ୍ୟବସାୟୀ ହାତ ବାନ୍ଧି ବସିଛନ୍ତି ।

ଚିଲିକାରେ ମତ୍ସ୍ୟ ସମ୍ପଦ ହ୍ରାସର ଏକାଧିକ କାରଣ ରହିଛି । ପ୍ରଥମରେ ଅଧିକ ଲାଭ ଆଶାରେ ମତ୍ସ୍ୟଜୀବୀମାନେ ଅତ୍ୟଧିକ ମାଛ ଧରିବା ଫଳରେ ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଏ । ଦ୍ୱିତୀୟରେ ଚିଲିକା ଜଳ ଶିଳ୍ପସଂସ୍ଥା ଓ କୃଷି କ୍ଷେତ୍ରରୁ ଅଧିକ ମାତ୍ରାରେ ବର୍ଜ୍ୟବସ୍ତୁ ନିର୍ଗତ ହେବା ଯୋଗୁଁ ପ୍ରଦୂଷିତ ହୋଇ ମାଛ ବଢିବାରେ ପ୍ରତିବନ୍ଧକ ସୃଷ୍ଟି କରେ । ବିଶେଷ କ୍ଷତି କରୁଛି ଭାରି ଧାତୁ, ପ୍ଲାଷ୍ଟିକ ଓ କୀଟନାଶକ । ମାଛମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଜନନ କ୍ଷମତା ଏହାଦ୍ୱାରା ପ୍ରଭାବିତ ହୁଏ । ତୃତୀୟରେ ଚିଲିକା ଗର୍ଭକୁ ଅବସାଦନ (sediment) ପଦାର୍ଥ ଓ ପଟୁ ମାଟି ପ୍ରବେଶ କରିବା ଫଳରେ ହ୍ରଦର ଗଭୀରତା ହ୍ରାସପାଏ । ଏଥିଯୋଗୁଁ ମତ୍ସ୍ୟମାନଙ୍କ ଆଶ୍ରୟସ୍ଥଳୀ କମିଯାଏ । ସମୁଦ୍ରରୁ ଓ ନଦୀମାନଙ୍କରୁ କେତେକ ଆକ୍ରମକ ପ୍ରଜାତିର ମାଛ ଚିଲିକା ମଧ୍ୟକୁ ପ୍ରବେଶ କରିବା ଫଳରେ ସ୍ଥାନୀୟ ପ୍ରଜାତିର ମାଛ କ୍ଷତିଗ୍ରସ୍ତ ହୁଅନ୍ତି । ନଦୀମାନଙ୍କ ମଧୁର ଜଳ ଓ ସମୁଦ୍ରର ଲୁଣିପାଣି ଚିଲିକା ହ୍ରଦରେ ପ୍ରବେଶ କରିବା ଯୋଗୁଁ ମାଛମାନେ ପ୍ରବାସିତ ହୁଅନ୍ତି ଏବଂ ପ୍ରଜନନ ସ୍ଥଳ ପରିବର୍ତ୍ତନ କରନ୍ତି । ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମୁଦ୍ର ଜଳ ଉତ୍ତାପ ବୃଦ୍ଧି ଓ ଜଳପତ୍ତନ ବୃଦ୍ଧି ଯୋଗୁଁ ମଧ୍ୟ ଚିଲିକାର ମତ୍ସ୍ୟ ସମ୍ପଦ ପ୍ରଭାବିତ ହେବାରେ ଲାଗିଛି । ଚିଲିକା ଚତୁଃପାର୍ଶ୍ୱରେ ପ୍ରକଳ୍ପ ନିର୍ମାଣ ଓ ଡିନାମାଇଟ ଇତ୍ୟାଦି ପ୍ରୟୋଗ କରି ଅନୁଚିତ ଭାବରେ ମତ୍ସ୍ୟ ଅମଳ ଚିଲିକା ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କଲାଣି ।



ଆଗରୁ ଚିଙ୍ଗୁଡି ଚାଷ ପାଇଁ ଘେରି ନିର୍ମାଣ କରାଯାଉଥିଲା । ଏହି ଘେରିଗୁଡିକ ପ୍ରାକୃତିକ ଜଳ ପ୍ରବାହରେ ବାଧାସୃଷ୍ଟି କରେ । ଏହା ଫଳରେ ପଙ୍କମାଟି ଅଧିକ ହୁଏ ଓ ଲୁଣି ଅଂଶ ବୃଦ୍ଧି ପାଇବା ସହିତ ଗଭୀରତା ହ୍ରାସ ପାଏ । ଏହି କାରଣରୁ ପାରମ୍ପରିକ ମତ୍ସ୍ୟଜୀବୀ ନିଜର ଜୀବିକା ହରାଉଛନ୍ତି । ଜଳପତ୍ତନ ଓ ଜଳର ଗୁଣାତ୍ମକ ମାନ ହ୍ରାସଯୋଗୁଁ ମାଛ, କଙ୍କଡା ଓ ଚିଙ୍ଗୁଡିଗୁଡିକ ଆଶାନୁରୂପ ଖାଦ୍ୟ ପାଇଲେନି ଓ ସେମାନଙ୍କର ପ୍ରଜନନ ବାଧାପ୍ରାପ୍ତ ହେଲା । ଘେରି ଚାଷ ଓ ଏହାର କେତେକ କାର୍ଯ୍ୟବିଧି ବିଭିନ୍ନ ପ୍ରଜାତିର ବଂଶ ହ୍ରାସର କାରଣ ସାଜିଲା । ବାଗଦା ଚିଙ୍ଗୁଡି ଛୁଆଗୁଡିକୁ ଧରିବା ବେଳେ ଅନ୍ୟ ପ୍ରଜାତିର ଛୁଆଗୁଡିକ ମଧ୍ୟ ଧରାଯାଏ । ଆଗରୁ ମତ୍ସଜୀବୀମାନେ ଡଙ୍ଗା ଓ ଜାଲ ବ୍ୟବହାର କରି ମାଛ ଧରୁଥିଲେ । କିନ୍ତୁ ମାଛ ଧରା ଅଞ୍ଚଳ କମିଯିବାରୁ ଓ ମାଛ ସଂଖ୍ୟା କମିବାରୁ ସେମାନଙ୍କ ଜୀବିକା ପ୍ରଭାବିତ ହେଲା । ବେଆଇନ୍ ଭାବରେ ଚିଙ୍ଗୁଡି ବ୍ୟବସାୟ ଓ ମାଫିଆମାନଙ୍କ ଦୌରାତ୍ମ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଅବନତି ପାଇଁ ଦାୟୀ । ସ୍ଥାନୀୟ ମତ୍ସ୍ୟଜୀବୀ ଓ ଏହି ବ୍ୟବସାୟୀଙ୍କ ମଧ୍ୟରେ ସର୍ବଦା କଳହ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କଲା । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପ୍ରାୟ ୧୫୧ ବର୍ଗ କିଲୋମିଟର ଅନୁଚିତ ଭାବରେ ଚିଙ୍ଗୁଡି ମାଫିଆ କବଳରୁ ମୁକ୍ତ କଲେଣି । ଚିଙ୍ଗୁଡି ଚାଷରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ଓ ସାର ବ୍ୟବହାର ଯୋଗୁଁ ଚିଲିକା ଜଳ କ୍ରମଶଃ ପ୍ରଦୂଷିତ ହେବା ସହିତ ସୁପୋଷଣ ଯୋଗୁଁ ଅଧିକ ଦଳ ବୃଦ୍ଧି କରି ଜଳଜ ପ୍ରାଣୀଙ୍କ ପାଇଁ ଅସୁବିଧା ସୃଷ୍ଟି କଲା । ବହୁ ପ୍ରଭାବଶାଳୀ ଚିଙ୍ଗୁଡି ବ୍ୟବସାୟୀମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳତା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟିକରିଥାଏ ।

ଏପରି ସମସ୍ୟା ସମାଧାନ ପାଇଁ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ । ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତିଙ୍କ ୫୦ ପ୍ରତିଶତ ଟାରିଫ ଯୋଗୁଁ ଚିଙ୍ଗୁଡି ରପ୍ତାନୀ ହ୍ରାସ ପାଇଛି । ଚିଲିକାର ଖଙ୍ଗା, ଡାଙ୍ଗଳା, ବାଗଦା ଚିଙ୍ଗୁଡି, ଖୁରାଣ୍ଟ ଇତ୍ୟାଦି ମାଛର ଆନ୍ତର୍ଜାତୀୟ ବଜାର ସୁଯୋଗ ଅଛି । ଏପରିକି ଏହି ମାଛ ଶୁଖୁଆର ଚାହିଦା ମଧ୍ୟ ରହିଛି । ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ପ୍ରସ୍ତୁତ ହେଉଥିବାରୁ ଏହାର ମୂଲ୍ୟ ହ୍ରାସ ପାଉଛି । ସୋଲାର ଡ୍ରାଏର ବ୍ୟବହାର କରି ଉନ୍ନତ ମାନର ଶୁଖୁଆ ପ୍ରସ୍ତୁତ କଲେ ଏହାର ମୂଲ୍ୟ ବୃଦ୍ଧି କରାଯାଇପାରିବ । ସମୟ ଆସିଛି ଚିଲିକାର ସୁରକ୍ଷା ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କ ମଙ୍ଗଳ ପାଇଁ କେତେକ ଦୀର୍ଘ ମିଆଦି ଯୋଜନା କାର୍ଯ୍ୟକାରୀ କରିବାକୁ ହେବ । ଏଥିପାଇଁ ଏକ ସମନ୍ୱିତ ଯୋଜନାର ଆବଶ୍ୟକତା ଅଛି । ପ୍ରଥମରେ ପ୍ରଦୂଷଣ ନିୟନ୍ତ୍ରଣ । ବିଭିନ୍ନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଯେପରି ଚିଲିକା ମଧ୍ୟକୁ ପ୍ରବେଶ ନକରେ ସେଥିପାଇଁ ଠୋସ କଦମ୍ ଉଠାଇବାକୁ ପଡିବ । ମାଛଧରା କୌଶଳ ପରିବର୍ତ୍ତନ କରି ନିୟନ୍ତ୍ରିତ ଅମଳ କରିବା ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ଦେବାର ଆବଶ୍ୟକତା ଅଛି । ନାଇଲନ ଜାଲ ଓ ମୋଟର ଡଙ୍ଗା ଉପରେ କଟକଣା ରହିବା କଥା । ଚିଲିକାର ଜୈବ ବିବିଧତା ଯେପରି କ୍ଷତିଗ୍ରସ୍ତ ନହୁଏ ସେଥିପ୍ରତି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ । ଏଥିପାଇଁ ପରିବେଶ ବିଶେଷଜ୍ଞ ସହ ପରାମର୍ଶ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଚିଲିକା ହ୍ରଦର ଚାରିପାଖରେ ଭିତ୍ତିଭୂମି ବିକାଶ ମଧ୍ୟ ତ୍ୱରାନ୍ୱିତ କରିବା ଆବଶ୍ୟକ । ଯେହେତୁ ୨୦ ପ୍ରତିଶତ ମାଛ ଧରାଳି ଅଧିକ ଧନୀ , ଧୀବର ସମ୍ପ୍ରଦାୟ ମଧ୍ୟରେ ଅର୍ଥନୈତିକ ସମତା ପାଇଁ ବିକାଶ ମୂଳକ ଯୋଜନା ହାତକୁ ନିଆଗଲେ ଅଭାବୀ ପ୍ରବାସନ ଆଶଙ୍କାର ଅବସାନ ଘଟିବ ।

**କଳିଙ୍ଗନଗର ୭/୪୫୨,**
**ଭୁବନେଶ୍ୱର, ୭୫୧୦୨୯**
**ମୋ-୯୪୩୭୦୭୧୧୯୦**
email-bidyadhar.mgmail.com

# ମାନବବାଦର ବାର୍ତ୍ତାବହ ଗୋପବନ୍ଧୁ



ହିମାଂଶୁ ଶେଖର ଆଚାର୍ଯ୍ୟ

ଦେଶର ଜାତୀୟ ଜୀବନରେ ଯେତେବେଳେ ଦୁର୍ଭାଗ୍ୟର କାଳରାତ୍ରୀ ନଇଁ ଆସେ, ସେତେବେଳେ ଦେଶକୁ ଉଦ୍ଧାର କରିବାପାଇଁ ଜାତିର ଆତ୍ମା ନିଭୃତରେ ତପସ୍ୟା କରିଥାଏ । ସେହି ତପସ୍ୟାର ଫଳସ୍ୱରୂପ ଆବିର୍ଭୁତ ହୁଅନ୍ତି କେତେକ ଉତ୍ସର୍ଗୀକୃତ ଜୀବନ, ଯେଉଁମାନେ କି କାଳରାତ୍ରୀର ଅବସାନ ପାଇଁ ସଳିତା ଭଳି ତିଳ ତିଳ ଜଳି ନିଜ ଆଦର୍ଶର ଆଲୋକରେ ଅନ୍ୟମାନଙ୍କୁ ପଥପ୍ରଦର୍ଶନ କରନ୍ତି । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ଆଜି ବି ସେବା ତ୍ୟାଗ ଓ ମଣିଷପଣିଆ କଥା ପଡିଲେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କଥାହିଁ ମାନସ ପଟରେ ଉଙ୍କିମାରେ ।

ଏହି ମହାମନା ସାଧକ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇ ପିତା ଦୈତାରୀ ଦାଶ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ବାଲ୍ୟକାଳରୁ ମାତୃ ଛେଉଣ୍ଡ ଗୋପବନ୍ଧୁ ପିଉସୀ କମଳା ଦେବୀଙ୍କ ସ୍ନେହର ପଣତ ତଳେ ବଢିଥିଲେ । ଶୈଶବରେ ମାତୃ-ପିତୃ ବିୟୋଗଜନିତ ଦୁଃଖ,ଯୌବନରେ ପତ୍ନୀଙ୍କ ବିଚ୍ଛେଦ ଓ ପରିବାରର ଆର୍ଥିକ ଦୁରବସ୍ଥା ତାଙ୍କୁ ତାଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରି ନଥିଲା । ମାନବସେବା ମାଧବସେବା ବ୍ରତକୁ ଏକାନ୍ତ ନିଷ୍ଠାର ସହିତ ସେ ନିଜ ଜୀବନରେ ଗ୍ରହଣ କରିଥିଲେ ପରମ ଆଦର୍ଶ ରୂପେ । କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ହିଁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ି ପାରିଥିଲେ । ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇ ଯାଉଥିଲେ । ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ । ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବ ଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା ।



ପୂର୍ଣ୍ଣାଙ୍ଗ ଜୀବନ ଗଠନ ଶିକ୍ଷାର ମୂଳମନ୍ତ୍ର ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ । ଓଡିଶା ମାଟିରେଗୁଡିଏ ମଣିଷ ତିଆରି ହୋଇଯାଆନ୍ତୁ ଏହାହିଁ ଥିଲା ତାଙ୍କ ଜୀବନର ଅନ୍ୟ ଏକ ଲକ୍ଷ୍ୟ । ଏହାକୁ ସାକାର କରିବା ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜତଳେ ଆରମ୍ଭ କଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଗୁରୁକୁଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନ ବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ଆଦର୍ଶରେ । ଏହାର ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା।

ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହଯୋଗ କରିଥିଲେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁ ଓ ଲିଙ୍ଗରାଜଙ୍କ ଭଳି ବିଦ୍ୱାନ ବ୍ୟକ୍ତିଗଣ । ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଏବଂ ଆର୍ଯ୍ୟ ସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ସେତେବେଳେ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି ।

ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ରହିଥିଲା । ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ । ମହାତ୍ମା ଗାନ୍ଧିଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ ।

ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼ିକ ଅଗ୍ରାଧିକାର ଦିଆଯାଉଥିଲା । ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଓ ଚେତନାରୁ ସୃଷ୍ଟି ହୋଇଥିଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ' । ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ ସତ୍ୟବାଦୀ ପ୍ରେସ୍ ଓ ସମାଜର ସମସ୍ତ ସଂପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ ।

ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନ କ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ନଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା । ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଉଥିଲେ । ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା । ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ, କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ। କବି ହିସାବରେ ସେ ଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ ।

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ- ଏହାହିଁ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱକାଳର ଜୀବନଯାତ୍ରା । ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ ଆଉ ଯାତ୍ରାର ସମାପ୍ତି ଘଟିଥିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ । ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ । ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି । ଜୀବନ ସିନା ହଜିଗଲା, ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ ।

ବନ୍ୟା-ବାତ୍ୟା ଓ ମରୁଡି ପ୍ରପୀଡିତ ମଣିଷ ଏବଂ ଦୁଃଖୀ-ରଙ୍କିଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଏବେବି ସମୟ ଅଛି । ଏହି ମହାନ୍ ଜନନାୟକ ତଥା ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶକୁ ଉତ୍ତର ପିଢିଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ଆମ ସମସ୍ତଙ୍କର ।

**ସଭାପତି, ସାରସ୍ୱତ ପରିଷଦ,**
**ଗଡସିଂହପୁର,**
**ମା-୯୩୩୭୨୨୧୯୨୪**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶୃଙ୍ଖଳାକାରୀଙ୍କ...

ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜ୍ୟବ୍ୟାପୀ...

ତେଣୁ ଯେ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତ ଗିରଫ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏହି କଲମ ଛାଡ଼ ଆନ୍ଦୋଳନ ଚାଲୁ ରଖିବାକୁ ସେମାନେ ପରିଷଦ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି।

ପୀତବାସ ପଣ୍ଡାଙ୍କ ହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଚିଠି ଲେଖୁଥିବା ଏହି ଯୁବ ଆଇନଜୀବୀମାନେ ହେଲେ ସନ୍ଦୀପ ରାଜ୍ ପଣ୍ଡା, ସତ୍ୟ ମହାପାତ୍ର, ବାସୁ ଦେବ ସେଠୀ, ଦେବଜ୍ୟୋତି ପଣ୍ଡା, ପ୍ରିୟଦର୍ଶନ ମହାନ୍ତି, ସୁସମ୍ପଦ ହୋତା, ସତ୍ୟଜିତ୍ ସାହୁ, ପୁଷ୍ପକ ସାହୁ, ବିଶ୍ୱଜିତ୍ ସିଂ ପ୍ରମୁଖ।

ସେହିପରି ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ଦୃଢ଼ ଭାବରେ ନିନ୍ଦା କରିବା ସହିତ ବିରୋଧ କରାଯାଇଛି । ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଥିବା ବେଳେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ସମ୍ପାଦକ ଭେଙ୍କଟ ରାଓ, ସହ ସମ୍ପାଦକ ଅଶିତ ସାବତ ପ୍ରମୁଖ ନେତୃତ୍ୱରେ ଅନୁଷ୍ଠିତ ହେବା ସହିତ ଆତ୍ମାର ସଦଗତି କାମନା କରାଯାଇଥିଲା ।

ଗଞ୍ଜାମ ଓକିଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଜର୍ଜ କୋର୍ଟ ପରିସରରେ ଏକ ବୈଠକ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବରିଷ୍ଠ ଆଇନଜୀବୀ କିଶୋର ବିଶୋଇ ପ୍ରମୁଖ ମଞ୍ଚାସୀନ ରହି ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ଏହି ଘଟଣାରେ କିଙ୍ଗପିନ କିଏ ତାକୁ ଗିରଫ କରିବା ସହିତ ଆଇନଜୀବୀ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ନିମନ୍ତେ ଦାବି କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ ବେହେରାଲାଲ ବାହାଦୁର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସଭାପତି କପିଳ ପଟ୍ଟନାୟକ, ଅଶୋକ କୁମାର ଶୁକ୍ଳ, ରଘୁନନ୍ଦନ ପାଣିଗ୍ରାହୀ, ଲୋକ ନାଥ ବ୍ରହ୍ମାଙ୍କ ସମେତ ବହୁ ଆଇନଜୀବୀ ମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆଜି ଅପରାହ୍ନରେ ପ୍ରାୟ ଦୁଇ ଶହ ଉର୍ଦ୍ଧ୍ୱ ଆଇନଜୀବୀ ଗଞ୍ଜାମ ଜିଲ୍ଲା ଜର୍ଜ କୋର୍ଟ ଠାରୁ ଏକ ଶୋଭାଯାତ୍ରା ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଘଟଣାରେ ତଦନ୍ତ ପାଇଁ ଏସପି ଡ ଶ୍ରବଣ ବିବେକ ଏମଙ୍କ ନେତୃତ୍ୱରେ ୮ଟି ଟିମ ଗଠନ କରାଯାଇଛି ।

### ରାଜଧାନୀରେ...

ଆସୁଥିବାରୁ ଏବେ ବର୍ଷାରୁ ମିଳିବନି ନିସ୍ତାର । ବର୍ତ୍ତମାନ ସାରା ରାଜ୍ୟରେ ଲାଗି ରହିଛି ବର୍ଷା ।

ସେପଟେ ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ୯ ତାରିଖ ଯାଏଁ ଏହା ସକ୍ରିୟ ରହିବା ସହ ରାଜ୍ୟରେ ଜାରି ରହିବ ବଜ୍ରପାତ ଜନିତ ବର୍ଷା । ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ । ତେବେ ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ବର୍ଷା । କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିବ । ଓଡ଼ିଶାରୁ ମୌସୁମୀ ବିଦାୟ ନେବାର ସମୟ ୧୫ ତାରିଖ ହୋଇଥିବା ବେଳେ ଆଗାମୀ ୫ ଦିନରେ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ନଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ଆକଳନ ୧୭ ଅକ୍ଟୋବର (୩ ଦିନ ଆଗ କିମ୍ବା ପଛ) ପରେ ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ।

### ରସାୟନ...

ଫେମ୍ ୱାର୍କ ବୋଲି ଦର୍ଶାଯାଇଥିଲା । ଏହାଦ୍ୱାରା ମରୁଭୂମି ବାୟୁରୁ ପାଣି ବାହାର କରିବା, କାର୍ବନ ଡାଇଅକ୍ସାଇଡ ଧରିବା ଏବଂ ବିଷାକ୍ତ ଗ୍ୟାସ୍ ସଂରକ୍ଷଣ କରିବା ଅନ୍ତର୍ଭୁକ୍ତ । ଏହି ପ୍ରଯୁକ୍ତି ବିଦ୍ୟା ଜଳ ଅଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପ ପ୍ରଦୂଷଣର ମୁକାବିଲାରେ ବଡ ପରିବର୍ତ୍ତନକାରୀ ବୋଲି ପ୍ରମାଣିତ ହୋଇପାରେ ।

### ଚିରଞ୍ଜୀବ...

ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଏହାଛଡା ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ, ମନୋଜ ମିଶ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ, ରାଜୁ ଘିଭେଲାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି ।

### ପୋଲିସକୁ...

ଘରେ ଭଡାରେ ରହିଆସୁଛନ୍ତି । କିନ୍ତୁ କିଛି ଅନୈତିକ ଘଟଣା ଏବଂ ଅଧିକ ଲୋକଙ୍କ ରହିବା ସହ ଘରଭଡା ନଦେବା କାରଣରୁ ଘର ମାଲିକ ଅରବିନ୍ଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇଙ୍କ ସହ ୫ଦିନ ପୂର୍ବେ ବିନୋଦ କୁମାର ପାତ୍ରଙ୍କୁ ଘର ଛାଡିବାକୁ କହିଥିଲେ ।

ଯାହାର ପ୍ରତିଶୋଧ ନେବା ପାଇଁ ଭଡା ରହୁଥିବା ଘରର ସଦସ୍ୟ ବିନୋଦ ବିହାରୀ ପାତ୍ର ତାଙ୍କ ପୁଅ ପ୍ରିୟରଞ୍ଜନ ପାତ୍ର, ସ୍ତ୍ରୀ ରଞ୍ଜୁଲତା ପାତ୍ର, ଝିଅ ପ୍ରଜ୍ଞାପାରମିତା ପାତ୍ର, ସୁମିତ କୁମାର ସାହୁ, ଭାରତ ଭୂଷଣ ସାହୁ ଓ ସେମାନଙ୍କ ଅନ୍ୟ ସହଯୋଗୀମାନଙ୍କ ସହିତ ଘର ମାଲିକ ଅରବିନ୍ଦ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ । ଏହି ସମୟରେ ଅରବିନ୍ଦ ମଲ୍ଲିକ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଅଭିଯୋଗକାରୀ ଏବଂ ତାଙ୍କ ବାପା ହରେକୃଷ୍ଣ ସାହୁ ଘଟଣାରେ ହସ୍ତକ୍ଷେପ କରିଥିଲେ । ଏହି ସମୟରେ ଗିରଫ ୩ ଅଭିଯୁକ୍ତ ଏବଂ ଅନ୍ୟ ସହଯୋଗୀମାନେ ପିସିଆର୍‌କୁ ଖବର ଦେଇଥିଲେ । ଅଭିଯୋଗକାରିଣୀ ବାପାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ହଠାତ୍ ଏକ ପଥର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ତାଙ୍କ ବାପା ଅଳ୍ପକେ ରକ୍ଷା ପାଇଥିଲେ ।

କିଛି ସମୟ ବ୍ୟବଧାନରେ ପିସିଆର୍ ଗାଡି ଘଟଣାସ୍ଥଳରେ ପହଞ୍ଚି ଅରବିନ୍ଦ ମଲ୍ଲିକଙ୍କୁ ଗାଡି ଭିତରକୁ ନେବା ସମୟରେ ବିନୋଦ ବିହାରୀ ପାତ୍ରଙ୍କ ସଦସ୍ୟମାନେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ପୁଣି ଥରେ ପିସିଆର୍‌ରୁ ଅରବିନ୍ଦ ମଲ୍ଲିକଙ୍କୁ ଟାଣିଆଣି ନିର୍ମମ ଭାବରେ ଆକ୍ରମଣ କରିବା ସହିତ ପୋଲିସ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଅଭିଯୋଗ ହେବା ପରେ ପୋଲିସ ପ୍ରିୟରଞ୍ଜନ, ସୁମିତ ଓ ଭାରତ ଭୂଷଣଙ୍କୁ ଗିରଫ କରିଛି । କେସ୍ ନଂ ୨୯୬ ଓ ୨୯୮ରେ ୪ଜଣ ଗିରଫ ହୋଇଥିବା ବେଳେ ୨୯୭ ନଂ ମାମଲାର ତଦନ୍ତ ଜାରି ରହିଛି । ପୋଲିସ କହିବାନୁଯାୟୀ କେବଳ ୨୯୭ ନୁହେଁ ତିନୋଟିଯାକ ମାମଲାର ତଦନ୍ତ ଜାରି ରହିଛି । ୨୯୮ ନମ୍ବର କେସ୍‌ରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ତମାଣ୍ଡୋ ଥାନାରେ ପୂର୍ବରୁ ଦୁଇଟି ଲେଖାଏଁ ମାମଲା ରହିଥିବା ସୂଚନା ମିଳିଛି ।

### କଫ୍...

ପ୍ରକ୍ରିୟାରେ ନିର୍ମିତ ଔଷଧକୁ ନିଷିଦ୍ଧ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସର୍ବଭାରତୀୟ ମେଡିକାଲ ସଂଘର ମୁଖ୍ୟ ଡ. ରୋହନ କ୍ରିଷ୍ଣନ କହିଛନ୍ତି । ଯେଉଁ ବ୍ୟକ୍ତିବିଶେଷମାନେ ଏହି ଔଷଧକୁ ଅନୁମତି ଦେଇଥିଲେ ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଔଷଧଗୁଡ଼ିକୁ ସାର୍ଟିଫିକେଟ ଦେବାର ଯେଉଁ ବ୍ୟବସ୍ଥା ଅଛି ତାହା ଏବେ ଚିନ୍ତା ବଢ଼ାଇଛି । କିଛିଦିନ ମଧ୍ୟରେ କଫସିରଫ ପିଇ ମଧ୍ୟପ୍ରଦେଶର ଗ୍ରାମାଞ୍ଚଳରେ ୧୯ ଶିଶୁ ମୃତ୍ୟୁବରଣ କରିଥିବାବେଳେ କିଡ୍‌ନୀ ଫେଲ୍ ଯୋଗୁ ୫ ଜଣ ଗୁରୁତର ହୋଇଥିଲେ । କୋଲ୍‌ଡ୍ରିଫ୍ କଫ୍ ସିରଫରେ ବିପଦଜନକ ଡାଇଇଥାଲାଇନ ଗ୍ଲାଇକୋନ ରହିଛି । ଯାହା ଏକ ବିଷାକ୍ତ ପଦାର୍ଥ । ଏହାଦ୍ୱାରା ପରିଶ୍ରା କଳା ହେବାସହ ଲୋକଙ୍କୁ ଅଳସୁଆ କରିଦିଏ ଓ କିଡ୍‌ନୀ ଫେଲ୍ । କେନ୍ଦ୍ର ପକ୍ଷରୁ ମଧ୍ୟ ଏହି କଫ୍‌ସିରଫର ବ୍ୟବହାର ନେଇ ମାର୍ଗଦର୍ଶିକା ଜାରି କରାଯାଇଛି । ଅଧିକାଂଶ ନମୁନାରେ ଏଭଳି ଅନେକ ବ୍ରାଣ୍ଡ ଦେଖିବାକୁ ମିଳୁଛି । ଡାଇ ଇଥାଲାଇନ୍ ଗ୍ଲାଇକୋଲ ମୁଖ୍ୟତଃ ଛପାଯାଉଥିବା କାଳୀ, ବ୍ରେକ୍ ଫ୍ଲୁଇଡ୍ ଓ ଲୁବ୍ରିକାଣ୍ଟରେ ବ୍ୟବହାର ହୋଇଥାଏ । ଏହାକୁ ସେବନ କଲେ କିଡ୍‌ନୀ, ଲିଭର ଓ ସ୍ନାୟୁ ବ୍ୟବସ୍ଥା ଧୀରେ ଧୀରେ କ୍ଷତି ହୋଇଥାଏ । ଖୁବ୍‌ଶୀଘ୍ର କିଡ୍‌ନୀ ଫେଲ ହୋଇଥାଏ ଓ ମୃତ୍ୟୁ ଘଟିଥାଏ ।

### ନୂଆପଡା...

ବିଜେପି ମଧ୍ୟ ଏହି ଆସନ ଜିତିବା ପାଇଁ ଯତ୍ ପର ନାସ୍ତି ଉଦ୍ୟମ କରିବ ବୋଲି ଜଣାପଡ଼ିଛି । ନିର୍ବାଚନ ଘୋଷଣା ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତ କରି ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ସହ କୋମନାକୁ ଏନ୍‌ଏସି ଓ ଖରିଆର ରୋଡ୍ ଏନ୍‌ଏସିକୁ ମୁନିସିପାଲଟି ଭାବେ ଘୋଷଣା କରିଥିଲେ । ୨୦୨୪ ନିର୍ବାଚନରେ ଅଭିନନ୍ଦନ ପଣ୍ଡା ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ସେ ତୃତୀୟ ସ୍ଥାନରେ ଥିଲେ । ଏଥର ଦଳ ତାଙ୍କୁ ପୁନର୍ବାର ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି । ଏହାଛଡା ବିଜେପିରୁ ପ୍ରାର୍ଥୀ ହେବାପାଇଁ ପ୍ରସନ୍ନ ପାଢ଼ୀ ଓ ଯଦୁମଣୀ ପଣ୍ଡାଙ୍କ ସମେତ ଅନେକ ଆଶାୟୀ ଅଛନ୍ତି । ତେବେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ନିଷ୍ପତ୍ତି ହୋଇନାହିଁ । ନିକଟରେ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନୂଆଦିଲ୍ଲୀ ଯାଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହ ନୂଆପଡା ଉପନିର୍ବାଚନ ନେଇ ଆଲୋଚନା କରିଥିଲେ । ତେବେ ଖୁବ୍‌ଶୀଘ୍ର ଦଳ ପ୍ରାର୍ଥୀ ଘୋଷଣା କରିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି ।

### ୧୧୯...

କେଉଁ ସ୍ଥାନକୁ ନେଉଥିଲେ ସେ ବିଷୟରେ କର୍ମଚାରୀଙ୍କୁ ପଚରାଯିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି, ଚଳିତମାସ ୫ ଓ ୬ ତାରିଖରେ ଏସ୍‌ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ହେଲେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲ ୨୯ ତାରିଖରେ ୩ଟି ବସରେ ବସି ଆନ୍ଧ୍ରପ୍ରଦେଶର ବିଜୟନଗର ଅଭିମୁଖେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରି ନେଇଥିଲା । ବସ କର୍ମଚାରୀ ସମେତ ୧୧୭ ଜଣ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା । ଏହାପରେ ପୁଲିସ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ପାଇଁ ଶୁଭଖୁଣ୍ଟିକୁ ପୂଜାର୍ଚ୍ଚନା କରି ସ୍ଥାପନ କରାଯାଇଥିଲା ।

# ଟିପି ଓଡ଼ିଶା ଡିସକମ୍‌ଗୁଡିକର ଏକ ନୂତନ ଅଧ୍ୟାୟ




**ସେଫଟି ଭର୍ଟିକାଲ୍ ଅଧିନରେ ଟ୍ରେନିଂ ଅନ୍ ହ୍ୱିଲ୍ସ ପ୍ରକଳ୍ପର ଶୁଭାରମ୍ଭ**

ଭୁବନେଶ୍ୱର (ସବ୍ୟୁ) : ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଭୁବନେଶ୍ୱରର ବିଦ୍ୟୁତ ବନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ "ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର,ଆକାଶ ଦାସ ନାୟକ ଅଭିନେତ୍ରୀ ସୁଶ୍ରୀ ଅନୁ ଚୌଧୁରୀ,ଟିପିଏନ୍‌ଓଡିଏଲ୍ ସିଇଓ ଗଜାନନ କଲେ ଏବଂସିଇଓ, ଟିପିସିଓଡିଏଲ୍ ଅରଭିନ୍ଦ ସିଂହ , ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ୨.୦ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପକୁ ନେଇ ତିଆରି ହୋଇଛି, ଯେଉଁଥିରେ ରହିଛି ଟ୍ରେନିଂ ଅନ୍ ହ୍ୱିଲ୍ସ, ଅତ୍ୟାଧୁନିକ ଅଫିସ୍ ଭିତ୍ତିଭୂମି, କର୍ମଚାରୀ ସଂଯୋଗ, ବ୍ୟବସାୟ ସହଯୋଗୀଙ୍କ ଜୀବନକୁ ଛୁଇଁବା ଭଳି କିଛି ପଦକ୍ଷେପ, ହାତ ପାହାନ୍ତରେ ଚିକିତ୍ସା ସୁବିଧା ଏବଂ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଯୋଗୀତା । ଏହି ପ୍ରତ୍ୟେକ ପ୍ରକଳ୍ପକୁ ଏଭଳି ଭାବେ ଯନିର ସହ ଡିଜାଇନ୍ କରାଯାଇଛି ଯାହା ଓଡିଶା ରେ ସୁରକ୍ଷିତ, ସୁସ୍ଥ ଏବଂ ଅଧିକ ନିବିଡ ସମ୍ପ୍ରଦାୟ ଗଠନ ପାଇଁ ଡିସକମ୍ ଗୁଡିକର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ, ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟରରେ ଟିପିଏସ୍‌ଡିଆଇ ସହଯୋଗରେ ଓଡ଼ିଶା ଡିସକମ୍ ଗୁଡିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି । ଆଶା କରାଯାଉଛି ଯେ ଏହି ପ୍ରକଳ୍ପ ଅଧିନରେ ତାଲିମ ଭିତ୍ତିଭୂମିକୁ ଓଡ଼ିଶାର ୧.୫୪ ଲକ୍ଷ ବର୍ଗ କିଲୋମିଟର ସେବା କ୍ଷେତ୍ରରେ ଥିବା ଫ୍ୟୁଜ୍ କଲ୍ ସେଣ୍ଟର ଏବଂ ପିଏସ୍ଏସ୍ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ପାଖକୁ ପହଞ୍ଚାଯିବ, ଯାହା ୭୪୩ ଟି ସେକ୍ସନ କୁ କଭର କରିବ, ଯାହା ଦ୍ୱାରା ରାଜ୍ୟର ଦୂରଦୁରାନ୍ତ ପର୍ଯ୍ୟନ୍ତ ମଧ୍ୟ ଗୁଣାତ୍ମକ ତାଲିମ ପହଞ୍ଚିପାରିବ । ଏହି ପ୍ରକଳ୍ପ ବୈଦ୍ୟୁତିକ ସୁରକ୍ଷା, ଆଚରଣଗତ ସୁରକ୍ଷା, ଅତ୍ୟାବଶ୍ୟକ ସୁରକ୍ଷା ଅଭ୍ୟାସ, ବୈଷୟିକ ତାଲିମ, ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିଚାଳନା ଉପରେ ତାଲିମ ପ୍ରଦାନ କରିବ । ଏହି ପଦକ୍ଷେପ ମାଧ୍ୟମରେ, ଓଡ଼ିଶା ଡିସକମ୍ ଗୁଡିକ ସୁରକ୍ଷା ସଚେତନତା ଏବଂ ସୁରକ୍ଷା ନିୟମ ଅନୁପାଳନରେ ଉଲ୍ଲେଖନୀୟ ଉନ୍ନତି ଆଣିବା, ସୁରକ୍ଷା ଏବଂ ବୈଷୟିକ ମାନଦଣ୍ଡକୁ ଭଲ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ଏବଂ ଦୂରବର୍ତ୍ତୀ ଭୌଗୋଳିକ ଅଞ୍ଚଳରେ ତାଲିମର ସୁଗମତା ବୃଦ୍ଧି କରିବାକୁ ଆଶା ରଖିଛନ୍ତି ।

# ଭଦ୍ରକ ମୁସଲିମ ଜମାତରେ ମିର୍ଜା ଫୈଜଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ): ଭଦ୍ରକ ମୁସଲିମ ଜମାତ ଆନୁକୂଲ୍ୟରୁ ପୁରୁଣାବଜାର ସ୍ଥିତ ମଦିନା ମଇଦାନଠାରେ ଏକ ସମ୍ବର୍ଦ୍ଧନା ସଭା ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦଙ୍କ ସହଯୋଗରେ ଏବଂ ବିଶିଷ୍ଟ କବି ତଥା ମାଷ୍ଟର ମୁସ୍ତାକ ଗୌହରଙ୍କ ସଂଚାଳନରୁ ଆରମ୍ଭ ହୋଇଥିଲା । ଏହି ସଭାରେ ମୂଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ,ଏସପି ମନୋଜ କୁମାର ରାଉତ ଯୋଗଦାନ ଦେଇ ମୁସଲିମ ଜାମତର ସଂପାଦକ ହାଜୀ ଅବଦୁଲ ମୁକିତ ଖାନ,ଜମିଲ ଅଖତର ଖାନ,ଇଂ.ରେଜାଏ ରସୁଲ,ଇଂ.ହବିବୁଲ୍ଲା ଖାନ,ଅସରଫ ଅଲ୍ଲି ଖାନ,ମିର୍ଜା ଏକ୍ରାମ ବେଗ,ଶେଖ ଅବୁକଲାମଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ତ୍ୟାଗଭୂମି ମହୋସିବର ସଭାପତି ଅଜୟ ନାୟକ,ପ୍ରଧାପକ ନାସିର ବକ୍ସ,ସମାଜସେବୀ ସୁଧାକର ରାଉତ,ଅବସରପ୍ରାପ୍ତ ବିଚାରପତି ନୌସାଦ ଅଲି ଖାନ,ବାଳାଶ୍ରମ ସଂପାଦକ ଅଶୋକ ଦାସଙ୍କ ପ୍ରମୁଖ ଯୋଗଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

**AFFIDAVIT**

I, Rajender Singh, S/o: Late Gurmukh Singh, resident of 5036, Jayadev Nagar, Old Town, Bhubaneswar, Bhubaneswar Urban, PIN-751002, Odisha declare by this affidavit No. 942, dtd. 08.10.2025 that now onwards I shall be known as RAJINDER SINGH for all future purposes.

**LOST DOCUMENTS**

I, Sasmita Patra alias Choudhury, aged 45 years, W/o- Ramakrishna Choudhary, Nimakhandipentha, Digapahandi, Ganjam, do hereby declare that, on 30.09.2025 at 9.00 PM, while returning to my house after worship of the Goddess Budhi Thakurani at Bazar Chowk, Digapahandi, I lost the original document somewhere else which I am unable to trace it out inspite all of my best efforts. Document Detail: Original ROR Khata No. 1119/2113, Plot No. 7600/11929, Mouza: Digapahandi.
Sasmita Patra alias Choudhury

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ସିକେପି-ଇଷ୍ଟ-୨୫-୨୬-୩୫, ତାରିଖ ୦୬.୧୦.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଓପନ ଟେଣ୍ଡର ବିପକ୍ଷରେ ଡିଭିଜନାଲ ରେଲୱେ ମ୍ୟାନେଜର/ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ : (୧) ନିମପୁରା-ଟାଟାନଗର-ଡିଆରଥାର (ପି) - ୧.୫୩ କିଲୋମିଟର, ଟାଟାନଗର - ଗମ୍ହରିଆ-ଡିଆରଥାର (ପି) ୨.୪୬୮ କିଲୋମିଟର, ଗମ୍ହରିଆ-ସିନି-ଡିଆରଥାର (ପି)-୧୦.୭୩୯ କିଲୋମିଟର, ରାଜଖରସାଁ-ଡିଆରଥାର (ପି) ୫.୫୭୫ କିଲୋମିଟର, କାଣ୍ଡ୍ରା-ସିନି-ଡିଆରଥାର (ପି) ୦.୩୨୦ କିଲୋମିଟର । ମୋଟ- ୨୦.୬୩୨ କିଲୋମିଟର । (୨) ନିମପୁରା-ଟାଟାନଗର-ଡିଆରଥାର (ଏସ)- ୪.୬୧୬ କିଲୋମିଟର ସେକ୍ସନ ମଧ୍ୟରେ ଥ୍ରୋ ରେଲ୍ ରିନ୍ୟୁଆଲ (ଏସ) - ୮.୫୫୨ କିଲୋମିଟର, ଅର୍ଜିଲେଗୋରି ଜଙ୍କସନ୍-ଗୋବିନ୍ଦପୁରଶିଆଣି-ଡିଆରଥାର (ଏସ)- ୦.୮୧୯ କିଲୋମିଟର, ଟାଟାନଗର-ବାଦାମପାହାଡ-ଡିଆରଥାର (ଏସ)- ୩.୧୧୭ କିଲୋମିଟର । (୩) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ଏସ) - ନିମପୁରା-ଟାଟାନଗର ଜଙ୍କସନ୍ ଓ ଟାଟାନଗର- ବାଦାମପାହାଡ ମଧ୍ୟରେ ୩.୮୬୧ କିଲୋମିଟର । (୪) ସିନିୟର ଡିଭିଜନାଲ ଇଞ୍ଜିନିୟର (ଇଷ୍ଟ) / ଚକ୍ରଧରପୁର (୩ୟ କଲ୍)ଙ୍କ କ୍ଷମତା ଅଧୀନସ୍ଥ ଚକ୍ରଧରପୁର ଡିଭିଜନରେ ବ୍ରିଜ୍ ଆପ୍ରୋଚ ସ୍ଲିପରଗୁଡିକର ନବୀକରଣ । ଟେଣ୍ଡର ମୂଲ୍ୟ : ଟ. ୩,୩୩,୧୯,୮୬୯.୩୮ । ଇଏମଡି : ଟ. ୩,୧୬,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ୦.୦୦ । ଖୋଲା ତାରିଖ : ୨୯.୧୦.୨୦୨୫ । ୱେବସାଇଟ https://www.ireps.gov.in ରେ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ମାଗଣାରେ ଇ-ଟେଣ୍ଡର ଫର୍ମ ଉପଲବ୍ଧ କରାଯିବ । (କର୍ତ୍ତୃପକ୍ଷ-ରେଳବାଇ ପତ୍ରାଙ୍କ ନଂ ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦ । (PR-697)

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
Email : dfo.khariar@odisha.gov.in
MM-216
**Government of Odisha "e" Procurement Notice**
**Bid Identification No.DFO-KHR-04/2025-26**

1. Name of works : 1. Construction of Forester Quarter at Junapani (Tenko Chowk) in Khariar Range
   2. Construction of Forester Quarter at Komna in Komna Range
   3. Construction of Forest Guard Quarter at Duajhar in Khariar Range
2. Approximate estimated cost:-1. Construction of Forester Quarter at Junapani =21.71 lakh
   2. Construction of Forester Quarter at Komna =21.71 lakh
   3. Construction of Forest Guard Quarter at Duajhar =17.17 lakh
3. Period of Completion : 4 (Four) Calendar month.
4. Date & Time of availability of bid documents in the portal : Dt.09.10.2025 to 18.10.2025
5. Last date /Time of receipt of bid in the portal : Dt.09.10.2025 to 18.10.2025 up to 05.00 PM.
6. Date of Opening of bid : Dt.20.10.2025 at 11.00 AM.
7. Name & Address of the office inviting bid:-O/o the Divisional Forest Officer, Khariar Forest Division, Khariar. Further details can be from e-procurement portal http://www.tendersodisha.gov.in

Sd/- Divisional Forest Officer, Khariar Division, Khariar
OIPR : 08153/11/0014/2526

**AFFIDAVIT**

By virtue of an affidavit sworn before Executive Magistrate/ Notary, Titilagarh, Dt- 03/09/2025, I, Tejabanti Gahir, W/o- Hemaraj Nag, At/PO- Haldi, Ps- Muribahal, Dist- Balangir, Pin-767037, declare that I have changed my name from Tejaswini Gahir(Old Name) to Tejabanti Gahir( New Name). Henceforth, I shall be known as Tejabanti Gahir for all purposes.
Tejabanti Gahir

**AFFIDAVIT**

I, Khusboo Agarwal, W/o- Arvind Kumar Agarwal Karagali, Rajgangpur, Sundergarh - 770017, Odisha declare by this affidavit No-79, dt. 05.06.2025 that now onwards I shall be known as KHUSHBOO AGARWAL for all future purposes.

O-849
E-mail: rwdmohana@gmail.com
**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 05/MOHANA/2025/26**

1. Name of the work : Building works
2. Total No. Work : 08 (Eight) Nos.
3. Estimated Cost : 4.20 Lakhs to 5.04 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender/05 MOHANA/ 2025-26 | 08 (Eight) Nos. | 10.10.2025 from 11.00 AM | 20.10.2025 upto 5.00 PM | 17.10.2025 upto 5.00 PM | 22.10.2025 at 11.00 AM |

Further details can be seen from the Website www.tenderodisha.gov.in
OIPR : 25148/11/0047/2526
Sd/- Executive Engineer R.W. Division, Mohana

A-696
**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-38/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-38/2025-26
5. Estimated Cost : Rs. 14,34,264/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid in the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR : 32405/11/0093/2526
Addl. Chief Engineer, Mechanical Circle Bhubaneswar

**GOVERNMENT OF ODISHA, OFFICE OF THE EXECUTIVE ENGINEER, RURAL WORKS DIVISION : RAYAGADA**
e-mail: rw_rayagada@yahoo.co.in
O-892
**GEPNIC e-Procurement Notice**
**Bid Identification No. EERWRGD - Online - 05/2025-2526**
Letter No- 3075
Date. 24.09.2025

1. Name of the work : Maintenance of Road works
2. Total No. Works : 42 Nos. (Percentage rate tender)
3. Estimated Cost : Varies from 5.98 lakhs to 49.85 lakhs
4. Class of Contractor : "D", "C" & "B" Class
5. Time of Completion : Specified in DTCN
6. Mode of submission of tender : Tender should be submitted only in online https://www.tendersodisha.gov.in.
7. Other details : Detailed tender condition specified in DTCN

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online - 05 / 2025-26 | 42 (Fourty Two) Nos. | 10.10.2025 from 11.00 AM | 23.10.2025 upto 5.00 PM | 22.10.2025 upto 5.00 PM | 24.10.2025 at 11.00 AM |

Further details can be seen from the Website www.tenderodisha.gov.in
OIPR : 25072/11/0029/2526
Sd/- Executive Engineer, Rural Works Division, Rayagada

A-700
**GOVERNMENT OF ODISHA**
**DEPARTMENTOF WATER RESOURCES**
Office of the Addl. Chief Engineer. Mechanical Circle. Bhubaneswar
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-42/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-42/2025-26
5. Estimated Cost : Rs. 14,47,170/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/ time for receipt of bid in the Portal : dt.22.10.2025 (up to 5.30 PM)
9. Date and Place of opening of Bid : dt.23.10.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR : 32405/11/0097/2526
Addl. Chief Engineer, Mechanical Circle Bhubaneswar

**THE ANGUL UNITED CENTRAL CO-OP. BANK LTD., ANGUL**
Regd. No.9D Dt.08.10.1956, Email: auccbank.ho@auccbank.com
Reserve Bank License No.RPCD, Bhubaneswar/14/2011-12 Dt.02.05.2012
At/P.O/Dist. - Angul, In front of Collector's Office, Near NH-55,Telephone No. (06764) 233116, 230950


OUR OFFICE

Sri Pradeep Kumar Parida, Chief Executive Officer, A.U.C.C. Bank Ltd., Angul.
Sri Santosh Kumar Pradhan, President, A.U.C.C. Bank Ltd., Angul.

**FACILITIES PROVIDED**
- Provides Higher Rate of Interest in Deposits.
- Covered under Deposit Insurance Credit Gurantee Scheme.
- Issue of Bank Draft all over India.
- Safe Deposit Locker facilities available.
- Kissan Credit Card Loan @0% interest upto Rs.1,00,000/-
- Financing of ST SHG @0% interest upto Rs.10,00,000/-
- Advancing Farm Mechanization / Agril. Term Loan.
- Issue of Rupay Kissan Credit Card.
- Fully computerized - Core Banking Solution (CBS).
- Direct RTGS / NEFT / IMPS.
- ATM facilities available.
- PACS as One Stop Shop / Multi Service Center.
- Provides input facilities to the farmer members through PACS.
- Micro ATM facilities are available at PACS level for Deposit & Drawal.
- We are provided FASTag in our all Branches.

Website : www.auccbank.com

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସଖୀ

# ୪,୬୦୦ରୁ ଅଧିକ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି

ଭୁବନେଶ୍ୱର, (ସବ୍ୟୁ) : ମହିଳାଙ୍କୁ ସଶକ୍ତ କରିବା କେବଳ ବ୍ୟକ୍ତିତ୍ୱର ବିକାଶ ନୁହେଁ, ବରଂ ସମଗ୍ର ସମାଜକୁ ପରିବର୍ତ୍ତନ କରିବାକୁ ବୁଝାଏ। ଭାରତରେ, ଯେଉଁଠାରେ ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣ, ଅଭିବୃଦ୍ଧିର ସବୁଠାରୁ ଶକ୍ତିଶାଳୀ ଲିଭର ମଧ୍ୟରୁ ଗୋଟିଏ, ସେଠାରେ ସାମାଜିକ-ଅର୍ଥନୈତିକ ପରମ୍ପରା ପ୍ରତିବନ୍ଧକ ସାଜି ଠିଆ ହୁଏ। ଓଡ଼ିଶାର କଳାହାଣ୍ଡିର ଦୁର୍ଗମ ଜିଲ୍ଲାରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କୁ



ତୃଣମୂଳ ସ୍ତରର ଉଦ୍ୟୋଗ ଆରମ୍ଭ ଏବଂ ବୃଦ୍ଧି କରିବାରେ ସକ୍ଷମ କରିଛି। ଯେଉଁ ମହିଳାମାନେ ଥରେ ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିଲେ - ଆର୍ଥିକ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ରଖିବା ତ ଦୂରର କଥା - ସେମାନେ ଏବେ ଜଣେ ଜଣେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ସମ୍ପ୍ରଦାୟର ନେତା। ପ୍ରୋଜେକ୍ଟ ସଖୀ ଏକ ଆନ୍ଦୋଳନ ପାଲଟିଛି ଯାହା ମହିଳାମାନଙ୍କୁ ସେମାନଙ୍କର ଭୂମିକା ପୁନଃକଳ୍ପନା କରିବାରେ ସାହାଯ୍ୟ କରେ, କେବଳ ପରିବାରର ଆୟରେ ଯୋଗଦାନକାରୀ ଭାବରେ ନୁହେଁ, ବରଂ ସେମାନଙ୍କ ନିଜ ଜୀବନର ସିଇଓ ଭାବରେ। ଜୀବିକାଠାରୁ ନେତୃତ୍ୱ ପର୍ଯ୍ୟନ୍ତ ପ୍ରୋଜେକ୍ଟର ମୂଳରେ ଏକ ମୌଳିକ ଧାରଣା ରହିଛି। ପ୍ରୋଜେକ୍ଟ ସଖୀ ଆର୍ଥିକ ସାକ୍ଷରତା, ଋଣର ସୁବିଧା, ବୃତ୍ତିଗତ ତାଲିମ ଏବଂ ସାମୂହିକ ନେତୃତ୍ୱକୁ ଏକତ୍ରିତ କରେ। ମହିଳାମାନଙ୍କୁ କୃଷି-ଭିତ୍ତିକ ଏବଂ ଅଣ-କୃଷି-ଭିତ୍ତିକ ଆୟ ସୁଯୋଗ ଅନୁସନ୍ଧାନ କରିବାକୁ ଉତ୍ସାହିତ କରାଯାଏ, ଛତୁ ଚାଷ ଏବଂ ଛେଳି ପାଳନଠାରୁ ଆରମ୍ଭ କରି କିରାଣା ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟିଂଗ ଦୋକାନ ଭଳି ଛୋଟ ଉଦ୍ୟୋଗ ପର୍ଯ୍ୟନ୍ତ। ଆର୍ଥିକ ସହାୟତା ସହିତ ଦକ୍ଷତା ବିକାଶକୁ ଯୋଡ଼ି, ଏହି ପ୍ରକଳ୍ପ ନିଶ୍ଚିତ କରେ ଯେ ମହିଳାମାନେ କେବଳ ବ୍ୟବସାୟ ଆରମ୍ଭ କରିବେ ନାହିଁ ବରଂ ସେମାନଙ୍କୁ ବଜାୟ ରଖିବେ। ଏହି ପ୍ରୟାସର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇଛି। କେବଳ ଗତ ବର୍ଷ, ଏହି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବ୍ୟାଙ୍କ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଏହି ପ୍ରୋଜେକ୍ଟର ସଫଳତା କେବଳ ସଂଖ୍ୟାରେ ନାହିଁନ୍ତ ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।"

## ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ମୃତ୍ୟୁ ମାମଲା

# ସାମ୍ନାକୁ ଆସିଲା ଚାକିରି ନାଁରେ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା

ଭୁବନେଶ୍ୱର, (ସବ୍ୟୁ) : ଟ୍ୟାକ୍ସ ଡ୍ରାଇଭର ବିଦ୍ୟାଧର ସାହୁ ମୃତ୍ୟୁ ମାମଲାରେ ପୋଲିସ ଖୋଳତାଡ କରୁଥିବା ବେଳେ ସାମ୍ନାକୁ ଆସିଛି ଠକେଇ ରାଣୀ ଜ୍ୟୋତ୍ସ୍ନା ପରିଡା । କମିଶନରେଟ୍ ପୋଲିସ ପାଇଁ ଜ୍ୟୋତ୍ସ୍ନା ଖୁଣ୍ଟିଆ ମୋଷ୍ଟ ଓ୍ୱାଣ୍ଟେଡ୍ ଥିବାବେଳେ ତା'ର ପତ୍ତା ମିଳୁନଥିଲା । ତା'ର ଛବି ସାମ୍ନାକୁ ଆସିବା ପରେ ଜ୍ୟୋତ୍ସ୍ନା ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇପାରେ ବୋଲି ସୂଚନା ମିଳିଛି ।

ଚାକିରି ଦେବା ନାଁରେ ୧୦ଜିଲ୍ଲାର ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଖୁଣ୍ଟିଆ ପାଖରେ ବିଦ୍ୟାଧର ଡ୍ରାଇଭର ଭାବେ କାମ କରୁଥିଲେ । ବିଦ୍ୟାଧର ମାଧ୍ୟମରେ କେତେକ ପିଲା ଚାକିରି ପାଇଁ ଟଙ୍କା ଦେଇଥିଲେ । ଚାକିରି ନାରେ ଠକେଇ ର୍ୟାକେଟ୍ ନକଲି ନିଯୁକ୍ତିପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଆଶାୟୀଙ୍କୁ ଦେଇଥିଲେ । ତାହା ମିଛ ବୋଲି ଜଣାପଡ଼ିବା ପରେ ବିଦ୍ୟାଧର ମାଧ୍ୟମରେ ଟଙ୍କା ଦେଇଥିବା ୫ଜଣ ଯୁବକ ତାଙ୍କୁ ସେପେଟମ୍ବର ୧୫ରେ ଅପହରଣ କରିନେଇ ଭଦ୍ରକରେ ଅଟକ ରଖିବା ସମୟରେ ସେ ଆତ୍ମହତ୍ୟା କରିଥିଲା । ଭୟରେ ଅପହର୍ତ୍ତା ଗିରଫ ଯୁବକମାନେ ବିଦ୍ୟାଧର ଶବକୁ ଆଣି ଚନ୍ଦକା ଜଙ୍ଗଲ ପାଖରେ ପକାଇ ଦେଇଥିଲେ । ସେପେଟମ୍ବର ୨୦ରେ ପୋଲିସ ଶବ ଜବତ କରି ୫ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଠକେଇର ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନାକୁ ପୋଲିସ ଖୋଜଖବର କରୁଥିଲା । ବଡଗଡ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଜ୍ୟୋତ୍ସ୍ନାକୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି । ଜ୍ୟୋତ୍ସ୍ନାର ଆକାଉଣ୍ଟ ପ୍ରଭୃତି ଅଚଳ କରିଦିଆଯାଇଥିବା ବେଳେ ତା'ର ସନ୍ଧାନ ପାଉନଥିଲା ପୋଲିସ । ତା'ର ସନ୍ଧାନ ମିଳିବା ପରେ ତା'ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହେବ ବୋଲି କୁହାଯାଉଛି ।

କୋଟି କୋଟି ଟଙ୍କା ଠକିଥିବା ଜ୍ୟୋତ୍ସ୍ନା ଭୁବନେଶ୍ୱରର ଦୁଇଟି ସ୍ଥାନରେ ଘର କିଣିବା ସହ କାର୍ କିଣି ଡ୍ରାଇଭରଙ୍କୁ ନିଯୁକ୍ତି ଦେଇ ଅଏସରେ ଜୀବନ ବିତାଉଥିଲା । ବିଦ୍ୟାଧରର ମୃତ୍ୟୁ ହେବା ପରେ ଜ୍ୟୋତ୍ସ୍ନା ୧୦ ଜିଲ୍ଲାର ଚାକିରି ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ପାଇଁ ସେ ମୋଷ୍ଟଓ୍ୱାଣ୍ଟେଡ୍ ରହିଛି । ବିଦ୍ୟାଧର ସାହୁ ହତ୍ୟା ମାମଲାରେ ୫ଜଣ ଗିରଫ ହୋଇଥିବା ବେଳେ ଠକେଇ ମାମଲାରେ ଜ୍ୟୋତ୍ସ୍ନା କିମ୍ବା ଅନ୍ୟ କେହି ଗିରଫ ହୋଇନାହାନ୍ତି । ପୋଲିସ କହିବାନୁଯାୟୀ ତଦନ୍ତ ଜାରି ରହିଛି । ଲୁକ୍ଆଉଟ୍ ସର୍କୁଲାର ଜାରି କରାଯିବା ସହ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ । ହେଲେ ସେ ପୋଲିସକୁ ଚକ୍‌ମା ଦେଇ ପ୍ରାୟ ୨୦/୨୫ଦିନ ହେବ ଆତ୍ମଗୋପନ କରିବାରେ ସଫଳ ହୋଇଛି ।

# ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନବନିର୍ମିତ ଡ୍ରାମାପେଣ୍ଡାଲ ଉଦ୍‌ଘାଟିତ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ହୀରାକୁଦର ପାରିପାର୍ଶିକ ଉନ୍ନୟନ ବିଭାଗ ଦ୍ୱାରା



ହୀରାକୁଦ ସ୍ଥିତ ବୀର ସୁରେନ୍ଦ୍ର ସାଏ କ୍ଲବ ପରିସରରେ ନୂତନ ରୂପେ ନିର୍ମିତ ଡ୍ରାମାପେଣ୍ଡାଲକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରାଯଇଅଛି । ଏହାକୁ ହିଣ୍ଡାଲକୋ ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ ପ୍ରତାପ ସାହୁ, ପାୱେର ପ୍ଲାଣ୍ଟର ମୁଖ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସିଂ ଏବଂ ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ପୂଜାରଚନ କରି ସର୍ବସାଧାରଣଙ୍କ ବ୍ୟବହାର ପାଁଇ ଉଦ୍‌ଘାଟନ କରିଥିଲେ । ଏହି ଅବସରେ ଶ୍ରୀ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ କହିଲେ ହିଣ୍ଡାଲକୋ ହୀରାକୁଦର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକରୁଛି ଓ ଆଗକୁ ମଧ୍ୟ ଏହା ଜାରି ରଖିବ । ଅରୁଣ କୁମାର ସିଂହ ତାଙ୍କ ବକ୍ତବ୍ୟରେ କହିଲେ ଯେ ହିଣ୍ଡାଲକୋ, ହୀରାକୁଦର କଳା ସଂସ୍କୃତି ରେ ଭାଗିଦାର ହେବାପାଇଁ କାମ କରୁଅଛି । ଏହା ଆଗକୁ ଜାରୀରହିବା ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ହିଣ୍ଡାଲକୋ ଶିଳ୍ପ ସମ୍ପର୍କ ବିଭାଗୀୟ ମୁଖ୍ୟ ସତ୍ୟପ୍ରକାଶ ଦାସ କର୍ପୋରେଟେ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ବୀର ସୁରେନ୍ଦ୍ର ସାଏ କ୍ଲବର ସଭାପତି ଅଶୋକ କୁମାର ପଣ୍ଡା, ପାରିପାର୍ଶିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ଜୀତେଶ ରଥ, ଶ୍ରୀମତୀ ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ ଇତ୍ୟାଦି କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଲିଭାଇସ୍ ଶୋରୁମ୍ ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଡେନିମ୍ ଏବଂ କାଜୁଆଲ୍ ପୋଷାକ ଦୁନିଆର ଏକ ଅଗ୍ରଣୀ ବ୍ରାଣ୍ଡ, ଲିଭାଇସ୍, ଆଜି ଭୁବନେଶ୍ୱରର ଜନପଥରେ ଏହାର ଫ୍ଲାଗସିପ୍ ଷ୍ଟୋରର ପୁନଃଲଞ୍ଚ ବିଷୟ ଘୋଷଣା କରିଛି । ଏହି ପୁନଃନିର୍ମିତ ରିଟେଲ ଷ୍ଟୋର୍ ପୁରୁଷ ଏବଂ ମହିଳାଙ୍କ ନୂତନ ପୋଷାକର ସଂଗ୍ରହ ପ୍ରଦର୍ଶିତ କରି ଏକ ଉତ୍କୃଷ୍ଟ ସପିଂ ଅଭିଜ୍ଞତା ସହିତ ସହରର ଫ୍ୟାଶନ୍ ଦୃଶ୍ୟକୁ ଏକ ନୂତନ ଦିଗ ଦେଖାଇବାର ପ୍ରତିଶ୍ରୁତି ଦେଉଛି। ୪୦୦୦ ବର୍ଗଫୁଟ ପରିସର ବିସ୍ତାରିତ ଏହି ନୂତନ ଷ୍ଟୋରଟ ରେ ଲିଭାଇସର ପ୍ରତୀକାତ୍ମକ ଡେନିମ୍ ଉତ୍ପାଦ ଏବଂ ଟ୍ରେଣ୍ଡି କାଜୁଆଲ୍ ପୋଷାକର ଏକ ବ୍ୟାପକ କଲେକ୍ସନ ରହିଛି । ଆକର୍ଷଣୀୟ ଇଣ୍ଟିରିଅର ଏବଂ ସତର୍କତାର ସହିତ ଡିଜାଇନ୍ କରାଯାଇଥିବା ଏହି ଶୋରୁମ ଏକ ଆରାମଦାୟକ ଏବଂ ଆକର୍ଷଣୀୟ ଶପିଂ ପରିବେଶ ସୃଷ୍ଟି କରୁଛି। ପୁନଃନିର୍ମିତ ଷ୍ଟୋରରେ ଲେଭିର ନୂତନତମ ଡେନିମ୍ ଏବଂ କାଜୁଆଲ୍ ପୋଷାକ ସଂଗ୍ରହ ରହିଛି, ଯାହା ବିଭିନ୍ନ ଫ୍ୟାଶନ୍ ପସନ୍ଦକୁ ପୂରଣ କରୁଥିବା ଅଭିନବ ଡିଜାଇନ୍ ଏବଂ ଶୈଳୀ ସହ ପ୍ରସ୍ତୁତ କରା ଯାଇଛି। ଗ୍ରାହକମାନେ ଆଧୁନିକ ସ୍ପର୍ଶ ସହିତ ପୁନଃକଳ୍ପିତ ବ୍ରାଣ୍ଡର ସିଗନେଚର ଉତ୍ପାଦଗୁଡ଼ିକୁ ପାଇପାରିବେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଚେତାବନୀ

# ସରକାରୀ ଅନୁଦାନ ପ୍ରସଙ୍ଗରେ ଆଲୋଚନା କର ନଚେତ ଆନ୍ଦୋଳନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୨୦୦୮ରୁ ୨୦୧୮ ସରକାରୀ ଅନୁଦାନ ନିମନ୍ତେ ଦାବି କରିଆସୁଛି । ପୂର୍ବ ଲିଖିତ ପ୍ରତିଶୃତି ମୁତାବକ ଚଳିତ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ସଂଘ ସହ ଆଲୋଚନା ରଖିବା ପାଇଁ ସରକାର କହିଥିଲେ । ଯଦି ସରକାର ଏଥିପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇବ । ଏଥିପାଇଁ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟିହେବ ସରକାର ସେଥିପାଇଁ ଦାୟି ରହିବେ ବୋଲି ସଂଘର ସଭାପତି ବିଶ୍ୱରଂଜନ ଦାସ ଚେତାବନୀ ଦେଇଛନ୍ତି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଶ୍ରୀ ଦାସ ସରକାରଙ୍କୁ ନିବେଦନ କରି କହିଛନ୍ତି, ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ୨୦୦୮ ଜୁନ୧ରୁ ୨୦୧୮ ଜୁନ୧ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ



ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ । ତେଣୁ ସଂଘ ଶିକ୍ଷକ ଦାବି ଗତ ଅଗଷ୍ଟ ୧୬ତାରିଖରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ଏକାମ୍ର ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇ ଅକ୍ଟୋବର ୧୦ ରୁ ୨୦ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶୃତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ସଂଘ ସାମୟିକ ଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ।



ଓଡିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀଙ୍କ ପକ୍ଷରୁ ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ଦିବସ ପାଳନ

# ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ସୋଗଲ ଗ୍ରାମର ଅଗ୍ରଣୀ ସାମାଜିକ ସଙ୍ଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ(ଏସଏମସିଟି କୁ ସମାଜସେବା,ରକ୍ତଦାନ,ପରିବେଶ ସୁରକ୍ଷା ସହ ଚାରା ରୋପଣ ଓ ବଣ୍ଟନ,ବାଳାଶ୍ରମ ଓ ବୃଦ୍ଧାଶ୍ରମ ମାନଙ୍କରେ ସେବା କାର୍ଯ୍ୟ,ରୋଗୀ ସେବା,ଶିକ୍ଷାଦାନ, ସାହିତ୍ୟ ସେବା,ପୂଜ୍ୟପୂଜା ସହ ପ୍ରତିଭା ସମ୍ମାନ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ପକ୍ଷରୁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ତୃତୀୟ ବାର୍ଷିକ ଉତ୍ସବ ଓ ଶିଶୁ ପତ୍ରିକା "କୁନି ପ୍ରତିଭା" ଉନ୍ମୋଚନ ପର୍ବରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ମର୍ଯ୍ୟାଦାଜନକ ସମ୍ବର୍ଦ୍ଧନା ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ସମାଜସେବୀ ତଥା ରାଜନୀତିଜ୍ଞ ସନ୍ତୋଷ କୁମାର ରାଉତ ଉପସ୍ଥିତ ରହି ଗ୍ରହଣ କରିଥିଲେ । ଏହି ସଭାରେ ମହାନ୍ ସନ୍ଥ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ,ଅଧ୍ୟାପକ ଧରଣୀଧର ଜେନା,ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ,କାଳି ପ୍ରସନ୍ନ ମହାପାତ୍ର,ଡାକ୍ତର ଶୁଭଶ୍ରୀ ପ୍ରଭା ସ୍ୱାଇଁ,ବରିଷ୍ଠ ସମାଜସେବୀ ସୀତାରାମ ପଣ୍ଡା,ରୁଦ୍ରାକ୍ଷ ସେନାପତି,ଶିଶୁ ପତ୍ରିକାର ସମ୍ପାଦକ ସତ୍ୟରଞ୍ଜନ ବାରିକ,କ୍ଲବ୍ ସଂଯୋଜକ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୂଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ଅଧୁନା ସାଲେପୁର,କଟକ ସଦର,ବାରଙ୍ଗ ଓ ନିଆଳି ବ୍ଲକ ଆଦି ବିଭିନ୍ନ ସ୍ଥାନରେ ବହୁବିଧ ସେବାକାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ସମାଜସେବୀ ଭରତ ନାୟକଙ୍କ ଦେହାନ୍ତ



କରଡ଼ାମାଳି(କେନ୍ଦୁଝର), (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଡ଼ାମାଳି ଗ୍ରାମର ବିଶିଷ୍ଟ ସମାଜସେବୀ ଭରତ ଚନ୍ଦ୍ର ନାୟକଙ୍କ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଘସିପୁରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁମତି, ଭ୍ରାତା ଅନନ୍ତ ଓ କନିଷ୍ଠ ପୁତ୍ର ବିଭୂତି ଉପସ୍ଥିତ ଥିଲେ। କରଡ଼ାମାଳି ଗ୍ରାମରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ ହୋଇଛି। ଜ୍ୟେଷ୍ଠ ପୁତ୍ର ସମୀର ମୁଖାଗ୍ନି ଦେଇଥିଲେ।

## ପୋଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ପ୍ରସଙ୍ଗ

# ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଡାକରା ଦେଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ କରାଯିବ ବୋଲି ଦଳ ତରଫରୁ ଘୋଷଣା କରାଯାଇଛି ।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି, କ୍ୟାସ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ଆମେ ସିବିଆଇ ତଦନ୍ତ ଦାବି କରିଛୁ । କିନ୍ତୁ, ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡ ମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ, କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ, ସେହି କାମରେ ବ୍ୟସ୍ତ ଅଛି ।

ତେଣୁ ସିବିଆଇ ତଦନ୍ତ ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଛାତ୍ର ଜନତା ଦଳ । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ, ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି । ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡାକରା ଦେଇଛି ।

## ବେଦାନ୍ତ ଆଲୁମିନିୟମର ବେଦସୂତ୍ରା

# ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ସହିତ ଗ୍ରାମୀଣ ଜୀବିକାକୁ ତ୍ୱରାନ୍ୱିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫସଲ ମଧ୍ୟରୁ କପା ହେଉଛି ଅନ୍ୟତମ ଏହା କେବଳ କପଡ଼ା ପାଇଁ ବ୍ୟବହୃତ ହୁଏ ନାହିଁ ବଂର ଦେଶର ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ପରିଚୟକୁ ବାନ୍ଧି ରଖେ। ଅକ୍ଟୋବର ୭ ତାରିଖକୁ ବିଶ୍ୱ କପା ଦିବସ ଭାବରେ ବିଶ୍ୱବ୍ୟାପୀ ପାଳନ କରାଯାଏ, ଏହି ବହୁମୁଖୀ ତନ୍ତୁ ଏବଂ ଶତାବ୍ଦୀ ଧରି ସମ୍ପ୍ରଦାୟ ଏବଂ ପରମ୍ପରା ଗଠନ କରିବାରେ ଏହାର ଭୂମିକାକୁ ପାଳନ କରିବା ସହିତ ଲକ୍ଷ ଲକ୍ଷ କ୍ଷୁଦ୍ର ଜମିଦାର ଏବଂ ଶ୍ରମିକଙ୍କ ପାଇଁ ଜୀବିକାର ଉତ୍ସ ତଥା ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରାମୀଣ ମହିଳା ଏବଂ ସେମାନଙ୍କ ପରିବାର ପାଇଁ ଅପରିହାର୍ଯ୍ୟ ଅଟେ।

ବେଦାନ୍ତ ଆଲୁମିନିୟମରେ, ଏହି ଦିନଟି ବେଦସୁତା ମାଧ୍ୟମରେ ଏକ ବିଶେଷ ଗୁରୁତ୍ୱ ବହନ କରେ, ଯାହା ଓଡ଼ିଶାର ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ଏକ ପ୍ରମୁଖ ସିଏସ୍ଆର ପଦକ୍ଷେପ। ଯାହା ସମ୍ବଲପୁରୀ ହସ୍ତତନ୍ତର ଐତିହ୍ୟକୁ ପୋଷଣ କରେ ଏବଂ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଭବିଷ୍ୟତ ନିର୍ମାଣ ପାଇଁ ସଶକ୍ତ କରେ। ବେଦସୁତାର ମାଧ୍ୟମରେ ରେ ଝାରସୁଗୁଡ଼ା ଜିଲ୍ଲାର ରଗୁନାଥପାଲି ଗ୍ରାମର ଦୃଢ଼ ମହିଳାମାନେ ଅଛନ୍ତି, ଯେଉଁମାନେ ସମ୍ବଲପୁରୀ ଶାଢ଼ି ବୁଣାର ଜଟିଳ କଳାକୁ ପୁନର୍ଜୀବିତ କରୁଛନ୍ତି। ସେମାନଙ୍କର



ସ୍ପନ୍ଦନଶୀଳ ରୂପ ଏବଂ କାଳଜୟୀ ଆକର୍ଷଣ ପାଇଁ ଜଣାଶୁଣା, ଏହି ହସ୍ତତନ୍ତ ବୁଣାକାରଗୁଡ଼ିକ ଓଡ଼ିଶାର ଏକ ସାଂସ୍କୃତିକ ସମ୍ପତି ଅଟନ୍ତି। ବେଦାନ୍ତ ଆଲୁମିନିୟମର ହସ୍ତକ୍ଷେପ ତାଲିମ, ଆଧୁନିକ ସମ୍ବଳ ଏବଂ ଗୁରୁତ୍ୱପୂର୍ଣ୍ଣ ବଜାର ସଂଯୋଗ ପ୍ରଦାନ କରିଛି।

ଏହି ପଦକ୍ଷେପର ପ୍ରଭାବ ଉପରେ ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦସୁତା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ କେବଳ ଏକ ଶତାବ୍ଦୀ ପୁରୁଣା ହସ୍ତଶିଳ୍ପକୁ ସଂରକ୍ଷଣ କରୁନାହୁଁ ବରଂ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୃଷ୍ଟି କରୁଛୁ ଏବଂ ସେମାନଙ୍କ କଳା ଏବଂ ଦକ୍ଷତାକୁ ସେମାନଙ୍କ ଗ୍ରାମ ବାହାରକୁ ଯାତ୍ରା କରିବାକୁ ସକ୍ଷମ କରୁଛୁ। ସେମାନେ ବୁଣୁଥିବା ପ୍ରତ୍ୟେକ ଶାଢ଼ି ହସ୍ତଶିଳ୍ପରେ ସ୍ଥିରତା ଏବଂ ଗର୍ବର କାହାଣୀ ବହନ କରେ, ପ୍ରାଚୀନ ଐତିହ୍ୟକୁ ଏକ ଆଧୁନିକ ନୂତନ ଦିଗନ୍ତ ସହିତ ସଂଯୋଗ କରେ।


ଝାରସୁଗୁଡାର ରାଗୁନାଥପାଲି ଗାଁର ବାସିନ୍ଦା କଳ୍ପନା ମେହେରଙ୍କ ପାଇଁ, ବୁଣାକାର୍ଯ୍ୟ ଥରେ ତାଙ୍କ ପରିବାର ମଧ୍ୟରେ ସୀମିତ ଥିଲା। ଆଜି, ଏହା ତାଙ୍କର ପରିଚୟ ପାଲଟିଛି।

ସେ କୁହନ୍ତି, "ବେଦସୁତା ପୂର୍ବରୁ, ମୁଁ କେବେ ଭାବି ନଥିଲି ଯେ ମୁଁ ମୋ ପରିବାରକୁ ଆର୍ଥିକ ଭାବରେ ସମର୍ଥନ କରିପାରିବି। ବେଦାନ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ପାଇଥିବା ତାଲିମ ମୋତେ ମୋର ହସ୍ତଶିଳ୍ପକୁ ସୁଧାରିବା ଏବଂ ଏହାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି। ଏବେ, ଯେତେବେଳେ ମୋର ଶାଢ଼ି ଆମ ଗାଁ ବାହାରକୁ ଯାତ୍ରା କରେ, ମୁଁ ଅନୁଭବ କରେ ଯେ ମୁଁ କେବଳ କପଡ଼ା ବୁଣୁନାହିଁ, ବରଂ ମୋ ପିଲାମାନଙ୍କ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଛି।

# ୪ ରେଳ ଲାଇନ ସମ୍ପ୍ରସାରଣ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି

## ୨୪,୬୩୪ କୋଟିର ଆନୁମାନିକ ବ୍ୟୟବରାଦ

## ପ୍ରକଳ୍ପ କାର୍ଯ୍ୟ ୨୦୩୦-୩୧ ସୁଦ୍ଧା ଶେଷ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚାରିଟି ରେଳ ଲାଇନ୍ ସମ୍ପ୍ରସାରଣ ବା ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏସବୁ ପ୍ରକଳ୍ପ ପାଇଁ ଆନୁମାନିକ ୨୪,୬୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।ଏହି ପ୍ରକଳ୍ପଗୁଡିକ ହେଲା:ୱାର୍ଦ୍ଧା-ଭୁସାୱଲ - ତୃତୀୟ ଓ ଚତୁର୍ଥ ଲାଇନ୍ - ୩୧୪ କିଲୋମିଟର (ମହାରାଷ୍ଟ୍ର), ଗୋନ୍ଦିୟା-ଡଙ୍ଗରଗଡ଼ - ଚତୁର୍ଥ ଲାଇନ-୮୪ କିଲୋମିଟର (ମହାରାଷ୍ଟ୍ର ଏବଂ ଛତିଶଗଡ଼),ଭଦୋଦରା-ରତଲାମ- ତୃତୀୟ ଓ ଚତୁର୍ଥ ଲାଇନ୍ - ୨୫୯ କିଲୋମିଟର (ଗୁଜରାଟ ଏବଂ ମଧ୍ୟପ୍ରଦେଶ) ଓ ଇଟାରସୀ-ଭୋପାଳ - ବୀଣା ଚତୁର୍ଥ ଲାଇନ୍- ୨୩୭ (ମଧ୍ୟପ୍ରଦେଶ) ।ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ୧୮ଟି ଜିଲ୍ଲା ଦେଇ ଅତିକ୍ରମ କରିଥିବା ଏହି ଚାରିଟି ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ରେଳ ନେଟୱର୍କରେ ପ୍ରାୟ ୮୯୪ କିଲୋମିଟର ରେଳଲାଇନ ନିର୍ମାଣ କରିବ । ଅନୁମୋଦିତ ମଲ୍ଟିଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୩,୬୩୩ ଗ୍ରାମକୁ ସଡ଼କ ସଂଯୋଗରେ ସୁଧାର ଆସିବ । ଏହାଦ୍ୱାରା ଦୁଇଟି ଆକାଂକ୍ଷୀ ଜିଲ୍ଲା (ବିଦିଶା ଏବଂ ରାଜନନ୍ଦନଗାଁଓ) ସମେତ ପ୍ରାୟ ୮୫.୮୪ ଲକ୍ଷ ଲୋକ ଉପକୃତ ହୋଇପାରିବେ । ବର୍ଦ୍ଧିତ ଲାଇନ କ୍ଷମତା ଯାତାୟାତରେ ଯଥେଷ୍ଟ ସୁଧାର ଆଣିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବାନିର୍ଭରଯୋଗ୍ୟତା ଉନ୍ନତ ହେବ । ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପ୍ରସ୍ତୁତ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ ଯାହା ନିଯୁକ୍ତି / ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବ୍ୟାପକ କ୍ଷେତ୍ରୀୟ ବିକାଶ ଦ୍ୱାରା "ଆତ୍ମନିର୍ଭର" କରିବ ।

ଏହିପ୍ରକଳ୍ପଗୁଡ଼ିକପ୍ରଧାନମନ୍ତ୍ରୀ-ଗତିଶକ୍ତିଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି । ଏହି ମାଷ୍ଟର ପ୍ଲାନ୍ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଇଥାଏ ।ଏସବୁ ପ୍ରକଳ୍ପ ଯାତ୍ରୀ, ସାମଗ୍ରୀ ଏବଂ ସେବାର ପରିବହନକୁ ସୁଗମ କରିବ । ସାରା ଦେଶରୁ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସାଞ୍ଚି, ସତପୁରା ବ୍ୟାଘ୍ର ସଂରକ୍ଷଣ, ଭୀମବେଟକାର ପଥର ଆଶ୍ରୟସ୍ଥଳ, ହଜାରା ଜଳପ୍ରପାତ, ନୱେଗାଓଁ ଜାତୀୟ ଉଦ୍ୟାନ ଇତ୍ୟାଦି ପ୍ରମୁଖ ସ୍ଥାନଗୁଡ଼ିକୁ ମଧ୍ୟ ଏସବୁ ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗ ସୁଗମ ହୋଇପାରିବ ।

ଏହା କୋଇଲା, କଣ୍ଟେନର, ସିମେଣ୍ଟ, ଫ୍ଲାଏ ଆଶ୍, ଖାଦ୍ୟଶସ୍ୟ, ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୮ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ ପାଇଁ ସୁବିଧା ହେବ । ରେଳବାଇ ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ପଦ୍ଧତି ହୋଇଥିବାରୁ, ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ (୨୮ କୋଟି ଲିଟର) କମାଇବାରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ (୧୩୯ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ଛଅ କୋଟି ଗଛ ଲଗାଇବା ସହିତ ସମାନ ।

## ଆତଙ୍କୀ ହମଲାରେ ପାକ ସେନାର ୧୧ ଯବାନ ମୃତ



**ଇସଲାମାବାଦ:** ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ ପାକିସ୍ତାନୀ ସେନା ଉପରେ ଏକ ବଡ଼ ଆକ୍ରମଣ ହୋଇଥିଲା । ତେହେରିକ୍-ଏ-ତାଲିବାନ୍(ଟିଟିପି) ପାକିସ୍ତାନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ଏଗାର ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଗୁରୁତର ଆହତ ହୋଇଥିଲେ । ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ଆଫଗାନ ସୀମାରେ ଟିଟିପି ବିରୋଧରେ ଏକ ଅପରେସନ୍ ଚଳାଇଥିଲା ଏବଂ ଏହି ସମୟରେ ଗୁଳି ବିନିମୟ ହୋଇଥିଲା ।

ପାକିସ୍ତାନୀ ସେନା ସହିତ ଏନକାଉଣ୍ଟରରେ ୧୯ ଜଣ ଟିଟିପି ଲଢୁଆ ମଧ୍ୟ ନିହତ ହୋଇଥିଲେ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଟିଟିପି ଗତ କିଛି ମାସ ମଧ୍ୟରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଆକ୍ରମଣକୁ ଯଥେଷ୍ଟ ତୀବ୍ର କରିଛି । ପ୍ରକୃତରେ, ଟିଟିପି ଲଢୁଆମାନେ ଏକ ଆମ୍ବୁସ୍ କରିଥିଲେ, ପ୍ରଥମେ ଉତ୍ତର-ପଶ୍ଚିମ କୁର୍ମ ଜିଲ୍ଲାରେ ଏକ ରାସ୍ତାପାର୍ଶ୍ୱରେବୋମା ବିସ୍ଫୋରଣ କରିଥିଲେ ଏବଂ ତା'ପରେ ଗୁଳିଚାଳନା ହୋଇଥିଲା । ପାକିସ୍ତାନୀ ସେନା ଏକ ବିବୃତ୍ତିରେ କହିଛି ଯେ ଏହି ଅପରେସନ୍ ସମୟରେ ଆତଙ୍କବାଦୀମାନେ ମଧ୍ୟ ନିହତ ହୋଇଥିଲେ ।

ପାକିସ୍ତାନୀ ତାଲିବାନ ଆକ୍ରମଣରେ ଦୁଇ ଅଧିକାରୀ, ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ଜଣେ ମେଜର ମଧ୍ୟ ନିହତ ହୋଇଥିଲେ ।ଲେଫ୍ଟନାଣ୍ଟ କର୍ଣ୍ଣେଲ ଜୁନୈଦ ଆରିଫ୍ ଏହି ଅପରେସନର ନେତୃତ୍ୱ ନେଉଥିଲେ ।ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆକ୍ରମଣ ପଛରେ ଦାୟୀ ବୋଲି ଘୋଷଣା କରିଛି । ଏହି ସମୟରେ ପାକିସ୍ତାନ ଦାବି କରିଛି ଯେ ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନରେ ତାଲିମ ନିଅନ୍ତି ଏବଂ ପାକିସ୍ତାନରେ ଆକ୍ରମଣ କରନ୍ତି, ଏହି ଦାବିକୁ କାବୁଲ ବାରମ୍ବାର ଅସ୍ୱୀକାର କରୁଛି ।

## ମୋଦୀଙ୍କୁ ଧମକ ଦେଲା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ:** ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା କସୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧମକ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି । ଭାଇରାଲ କ୍ଲିପରେ ସୈଫୁଲ୍ଲା ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପ୍ରଶଂସା କରିଛି । ଆତଙ୍କବାଦୀ ସୈଫୁଲ୍ଲା କସୁରୀକୁ ସେପ୍ଟେମ୍ବର ୪ ରେ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀଙ୍କ ସହିତ ମଧ୍ୟ ଦେଖାଯାଇଥିଲା । ଆତଙ୍କବାଦୀ ସୈଫୁଲ୍ଲା କହିଛି, ମୁଁ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେ ମେ ୧୦, ୨୦୨୫ରେ ଯେଉଁ ଶିକ୍ଷା ଦେଇଥିଲୁ, ସେହି ଶିକ୍ଷା ଦିଅନ୍ତୁ । ତଥାପି, ସମଗ୍ର ବିଶ୍ୱ ଜାଣେ ଯେ ମେ ୧୦ ରାତିରେ ଭାରତୀୟ ସେନା ପାକିସ୍ତାନରେ ଏପରି ତାଣ୍ଡବ ରଚିଥିଲା ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ । ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ଲୋକଙ୍କୁ ଖୁସି କରିବା ପାଇଁ ଭାରତ ବିପକ୍ଷରେ ବିଜୟର ମିଥ୍ୟା ଖବର ପ୍ରସାରଣ କରିଥିଲେ । ପାକିସ୍ତାନରେ ଭାରତ ବିରୋଧୀ ବୟାନବାଜିର ଭିଡିଓ ମଧ୍ୟ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା । ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ସୈଫୁଲ୍ଲା ଭାରତ ଉପରେ ଜଳ ଆତଙ୍କବାଦର ଅଭିଯୋଗ ଆଣିଛ । ସେ ଦାବି କରିଛି ଯେ ଭାରତ ଜାଣିଶୁଣି ପାକିସ୍ତାନରେ ବନ୍ୟା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସେପ୍ଟେମ୍ବର ୨୬, ୨୦୨୫ରେ ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗ ଉଠାଇ ଭାରତ ଏହାର ବ୍ୟବସ୍ଥା ଉଲ୍ଲଂଘନ କରିବା ଏବଂ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଅଭିଯୋଗ ଆଣିଥିଲେ ।

## ଆଇଏମସିର ୯ମ ସଂସ୍କରଣକୁ ଉଦ୍‌ଘାଟନ କଲେ ମୋଦୀ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଯଶୋଭୂମିରେ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୫ ର ୯ମ ସଂସ୍କରଣକୁ ଉଦଘାଟନ କରିଛନ୍ତି । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସ୍ୱତନ୍ତ୍ର ସଂସ୍କରଣକୁ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଅନେକ ଷ୍ଟାର୍ଟଅପ୍ ଆର୍ଥିକ ଠକେଇ ନିବାରଣ, କ୍ୱାଣ୍ଟମ୍ ଯୋଗାଯୋଗ, ୬ଜି, ଅପ୍ଟିକାଲ୍ ଯୋଗାଯୋଗ ଏବଂ ସେମିକଣ୍ଡକ୍ଟର ସମେତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଉପସ୍ଥାପନା କରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ଯେ ଏହି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଉପସ୍ଥାପନା ଦେଖିବା ଦ୍ୱାରା ଏହି ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ ହୁଏ ଯେ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତ ସକ୍ଷମ ହାତରେ ଅଛି । ସେ ଏହି କାର୍ଯ୍ୟକ୍ରମ ଏବଂ ସମସ୍ତ ନୂତନ ପଦକ୍ଷେପ ପାଇଁ ଶୁଭକାମନା ଜଣାଇଛନ୍ତି ।

ଇଣ୍ଡିଆ ମୋବାଇଲ୍ କଂଗ୍ରେସ ମୋବାଇଲ୍ ଏବଂ ଟେଲିକମ୍ ଠାରୁ ବିକଶିତ ହୋଇଛି । କିଛି ବର୍ଷ ମଧ୍ୟରେ ଏସିଆର ସର୍ବବୃହତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ମଞ୍ଚ ଭାବରେ ଉଭା ହୋଇଛ । ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି ଯେ ଏହି ସଫଳତାର କାହାଣୀ କିପରି ଲେଖାଗଲା ଏବଂ ଏହାକୁ କିଏ ଚଳାଇଲା, ଏବଂ ଦୃଢ଼ କରିଛନ୍ତି ଯେ ଏହା ଭାରତର ପ୍ରଯୁକ୍ତିବିଦ୍ୟା-ସାଭୀକ ମାନସିକତା ଦ୍ୱାରା ଆକୃତି ପାଇଛି, ଯୁବପିଢ଼ିଙ୍କ ନେତୃତ୍ୱରେ ଏବଂ ଦେଶର ପ୍ରତିଭା ଦ୍ୱାରା ପରିଚାଳିତ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଉଦ୍ଭାବକ ଏବଂ ଷ୍ଟାର୍ଟଅପ୍ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛନ୍ତି, ଯାହା ଦେଶର ସମ୍ଭାବନା ସହିତ ଦୃଢ଼ ଭାବରେ ଠିଆ ହୋଇଥିବା ସରକାରଙ୍କ ଦ୍ୱାରା ସମ୍ଭବ ହୋଇଛି । ସେ ଟେଲିକମ୍ ପ୍ରଯୁକ୍ତି ବିକାଶ ପାଣ୍ଠି ଏବଂ ଡିଜିଟାଲ୍ କମ୍ୟୁନିକେସନ୍ସ ଇନୋଭେସନ୍ସ ସ୍କୋୟାର ଭଳି ପଦକ୍ଷେପଗୁଡ଼ିକର ଉଲ୍ଲେଖ କରିଥିଲେ, ଯାହା ମାଧ୍ୟମରେ ଷ୍ଟାର୍ଟଅପଗୁଡ଼ିକୁ ପାଣ୍ଠି ଯୋଗାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ଉତ୍ପାଦ ବିକାଶକୁ ସକ୍ଷମ କରିବା ପାଇଁ ୫ଜି, ୬ଜି, ଉନ୍ନତ ଅପ୍ଟିକାଲ୍ ଯୋଗାଯୋଗ ଏବଂ ଟେରା-ହର୍ଟଜ୍ ଭଳି ପ୍ରଯୁକ୍ତିବିଦ୍ୟା ପାଇଁ ପରୀକ୍ଷଣ ବେଡ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ସହଭାଗୀତାକୁ ସୁବିଧା ଦିଆଯାଉଛି ଏବଂ ସରକାରୀ ସମର୍ଥନ ସହିତ, ଭାରତୀୟ ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଛନ୍ତି ।ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ପ୍ରତ୍ୟେକ ଦିଗରେ ଅଗ୍ରଗତି କରୁଛି - ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ସ୍କେଲିଂ, ଗବେଷଣା ଏବଂ ବିକାଶ ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୃଷ୍ଟି କରିବା ଏବଂ ବିଶ୍ୱ ମାନଦଣ୍ଡରେ ଯୋଗଦାନ ଦେବା । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପ୍ରୟାସଗୁଡ଼ିକ ଭାରତକୁ ବିଶ୍ୱ ସ୍ତରରେ ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ଭାବରେ ସ୍ଥାନିତ କରିଛି ।

## କରୁର ଦଳାଚକଟା: ମୃତକଙ୍କ ପରିବାର ସହ କଥା ହେଲେ ବିଜୟ

**ଚେନ୍ନାଇ:** ତାମିଲନାଡୁର କରୁର ଦଳାଚକଟା ଘଟଣାର ଗୋଟିଏ ସପ୍ତାହ ପରେ ଥଲପତି ବିଜୟ ମଙ୍ଗଳବାର ଭିଡିଓ କଲ୍ ମାଧ୍ୟମରେ ପୀଡିତ ପରିବାର ସହିତ ଯୋଗାଯୋଗ କରିଥିବା ଜଣାଯାଇଛି । କୁହାଯାଉଛି ଯେ, କଥା ହେବା ସମୟରେ ସେ ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ଏବଂ ଆଶ୍ୱାସନା ଦେଇଥିଲେ ଯେ, ସେ ଶୀଘ୍ର କରୁର ଗସ୍ତ କରିବେ ।ସୂଚନା ଥାଉ କି ଭେଲୁସାମ୍ୟପୁରମର କରୁର-ଏରୋଡ୍ ହାଇୱେରେ ଅନୁଷ୍ଠିତ ଏକ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ୩୦,୦୦୦ ଲୋକଙ୍କ ଭିଡ଼ ଜମିଥିଲା । ବିଜୟଙ୍କ ଆସିବା ସମୟ ଦିନ ୧୨ଟାରେ ଥିବା ସତ୍ତ୍ୱେ , ସେ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ । ବିଜୟଙ୍କ ପ୍ରଚାର ବସ୍ ଆସିବା ମାତ୍ରେ ଉତ୍ତେଜିତ ସମର୍ଥକମାନେ ପରସ୍ପରକୁ ଧକ୍କା ମାରି ଗଛ, ଛାତ ଏବଂ ବିଦ୍ୟୁତ ଖୁଣ୍ଟ ଉପରେ ଚଢ଼ି ଯାଇଥିଲେ । ଏହି ସମୟରେ ଦଳଚକଟା ଆରମ୍ଭ ହୋଇଯାଥିଲା । ଏଥିରେ ପ୍ରାୟ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକମାନଙ୍କ ମଧ୍ୟରୁ ଅଧିକାଂଶ ୧୮-୩୦ ବର୍ଷ ବୟସର ଯୁବକ, ମହିଳା ଏବଂ ପିଲା ଥିଲେ ।

## ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସ୍ୱତନ୍ତ୍ର ଅଭିଯାନ ପରିଚାଳନା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତାକୁ ସଂସ୍ଥାଗତ କରିବା ଏବଂ ସରକାରୀ କାର୍ଯ୍ୟରେ ଫାଇଲ ବୋଝକୁ କମ କରିବା ଦୃଷ୍ଟିକୋଣରୁ ଅନୁପ୍ରାଣିତ ହୋଇ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏକ ସକ୍ରିୟ ଅଂଶଗ୍ରହଣକାରୀ ଭାବରେ ସ୍ୱତନ୍ତ୍ର ଅଭିଯାନ ପରିଚାଳନା କରୁଛି । ଗୃହ ମନ୍ତ୍ରଣାଳୟ ସକ୍ରିୟ ଭାବରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ କର୍ମକ୍ଷେତ୍ର ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରୁଛି । ମନ୍ତ୍ରଣାଳୟର ସର୍ବୋଚ୍ଚ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ୫.୦ ଉପରେ ନଜର ରଖାଯାଇଛି । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନକୁ ସ୍ୱତନ୍ତ୍ର ଅଭିଯାନରେ ଗୁରୁତ୍ୱ ଦିଆଯାଇଛି ଏବଂ ସେମାନେ ଚିହ୍ନଟ ହୋଇଥିବା ପାରାମିଟର ଅନୁଯାୟୀ ସର୍ବୋତ୍ତମ ହାସଲ କରିବା ପାଇଁ ଅତିରିକ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ।

## ୬ ମାସରେ ପେଟ୍ରୋଲ୍ ଗାଡ଼ି ଦାମରେ ମିଳିବ ଇଭି

**ନୂଆଦିଲ୍ଲୀ:** ଆସନ୍ତା ୪-୬ ମାସ ମଧ୍ୟରେ ପେଟ୍ରୋଲ୍ ଗାଡ଼ି ଦାମରେ ଇଲେକ୍ଟ୍ରିକ ଯାନ (ଇଭି) ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଡ଼କରୀ କହିଥିଲେ ଯେ ଖଣିଜ ଇନ୍ଧନ ଉପରେ ନିର୍ଭରଶୀଳତା ଦେଶକୁ ଅର୍ଥନୈତିକ ସ୍ତରରେ ଦୁର୍ବଳ କରୁଥିବା ବେଳେ ପରିବେଶଜନିତ ସମସ୍ୟା ସୃଷ୍ଟି କରୁଛି । ତେଲ କିଣାରେ ଭାରତ ବର୍ଷକୁ ୨୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଛି । ସେ କହିଥିଲେ ଯେ ନିକଟରେ ଜିଏସ୍ଟିରେ ହୋଇଥିବା ସଂସ୍କାର ପ୍ରଭାବରେ ବିଭିନ୍ନ ଗାଡ଼ିର ଦାମ୍ କମିଛି । ସବୁ କମ୍ପାନି ସେମାନଙ୍କ ବିଭିନ୍ନ ମଡେଲର ଦାମ୍ କମ୍ କରିଛନ୍ତି । ସେ ସୂଚନା ଦେଇଥିଲେ ଯେ ପରିବହନ ମନ୍ତ୍ରୀ ଭାବେ କାମ କରିବା ଲାଗି ତାଙ୍କୁ ଯେତେବେଳେ ସୁଯୋଗ ମିଳିଥିଲା, ସେହି ସମୟରେ ଦେଶର ଅଟୋମୋବାଇଲ୍ ବଜାର ୧୪ ଲକ୍ଷ କୋଟି ଟଙ୍କା ଥିଲା । ବର୍ତ୍ତମାନ ତାହା ୨୨ ଲକ୍ଷ କୋଟି ଟଙ୍କାକୁ ବଢିଛି । ଇଥାନଲ୍ ସମ୍ପର୍କରେ ଆଲୋଚନା କରି ଗଡ଼କରୀ କହିଛନ୍ତି ଯେ ମକାରୁ ଇଥାନଲ ଉତ୍ପାଦନ କରି ଚାଷୀମାନେ ଅତିରିକ୍ତ ୪୫,୦୦୦ କୋଟି ଟଙ୍କା ଆୟ କରିପାରିଛନ୍ତି । ନିକଟରେ ଇଥାନଲ୍ ମିଶା ପେଟ୍ରୋଲ ବିକ୍ରିକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ।ସେହି ପେଟ୍ରୋଲ ଦ୍ୱାରା ଗାଡ଼ିର ଯନ୍ତ୍ରାଂଶ ଖରାପ ହେଉଥିବା ଅଭିଯୋଗ ହୋଇଥିଲା । ସରକାର କିନ୍ତୁ ସେହି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି ।ଏନେଇ କୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ମଧ୍ୟ ଖାରଜ ହୋଇଯାଇଛି ।

## ଆମେରିକୀୟ ପ୍ରତିନିଧି ଦଳ ସହ ମତବିନିମୟ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ୱାଲ୍ଟର ରସେଲ୍ ମେଡ୍ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିଛନ୍ତି ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି "ୱାଲ୍ଟର ରସେଲ୍ ମେଡ୍ଙ୍କ ନେତୃତ୍ୱାଧୀନ ଆମେରିକୀୟ ବିଚାରକ ଏବଂ ବ୍ୟବସାୟ ନେତୃବର୍ଗଙ୍କର ଏକ ପ୍ରତିନିଧି ଦଳ ସହ ମତବିନିମୟ କରିବା ଖୁସିର ବିଷୟ ।ଭାରତ-ଆମେରିକା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ବିଶ୍ୱ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଦୁଇ ଦେଶର ଭାଗିଦାରୀକୁ ଆଗେଇ ନେବା ଲାଗି ସେମାନଙ୍କର ଯୋଗଦାନ ମୂଲ୍ୟବାନ ।

## ବିକଶିତ ଭାରତ ବିଲ୍ଡଥନ୍ ୨୦୨୫
## ବିଦ୍ୟାଳୟସ୍ତରୀୟ ଉଦ୍ଭାବକଙ୍କ ଲାଗି ଦେଶବ୍ୟାପୀ କାର୍ଯ୍ୟକ୍ରମ




**ନୂଆଦିଲ୍ଲୀ:** ନୀତି ଆୟୋଗର ଅଟଳ ନବୋନ୍ମେଷ ମିଶନର ସହଭାଗିତାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଦେଶବ୍ୟାପୀ ଏକ ନୂତନ ଉଦ୍ଭାବନ ଅଭିଯାନ ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ଆୟୋଜନ କରାଯାଉଛି ।ଏହି ସର୍ବବୃହତ ସ୍କୁଲ ହାକାଥନର ଲକ୍ଷ୍ୟ ହେଉଛି, ସ୍କୁଲ ସ୍ତରରେ ନବସୃଜନର ସଂସ୍କୃତିକୁ ସୁଦୃଢ଼ କରିବା, ଛାତ୍ରଛାତ୍ରୀମାନଙ୍କୁ ଚାରୋଟି ବିଷୟବସ୍ତୁ: ଆତ୍ମନିର୍ଭର ଭାରତ, ସ୍ୱଦେଶୀ, ଭୋକାଲ୍ ଫର୍ ଲୋକାଲ ଏବଂ ସମୃଦ୍ଧ ଭାରତ ଉପରେ ନୂଆ ଉପାୟ କିମ୍ବା ପ୍ରୋଟୋଟାଇପ୍ ନିର୍ମାଣ କରିବାକୁ ଉତ୍ସାହିତ କରିବା । ବିଲ୍ଡଥନର ଲକ୍ଷ୍ୟ ହେଉଛି ଆମ ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଯାହା ଦ୍ୱାରା ସେମାନେ ଏକ ସମୃଦ୍ଧ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ପ୍ରମୁଖ ବାହକ ହୋଇପାରିବେ । ବିଲ୍ଡଥନ୍ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ ବ୍ୟବହାରିକ, ଅଭିଜ୍ଞତାମୂଳକ ଶିକ୍ଷା ପ୍ରଦାନ କରିବଛ ଏହା ଆକାଂକ୍ଷୀ ଜିଲ୍ଲା, ଜନଜାତୀୟ ଏବଂ ଦୂରବର୍ତ୍ତୀ ଅଞ୍ଚଳ ଉପରେ ବିଶେଷ ଧ୍ୟାନ ଦେବା ସହିତ ସମାବେଶୀ ଭାଗିଦାରୀ ସୁନିଶ୍ଚିତ କରିବ । ଏହାର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ପଞ୍ଜୀକରଣ ଏବଂ ଅନ୍ତିମ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଲାଗି ଏକ ସମର୍ପିତ ଜାତୀୟ ପୋର୍ଟାଲ ପ୍ରସ୍ତୁତ କରାଯାଇଛି । ୩ରୁ ୫ ଛାତ୍ରଛାତ୍ରୀଙ୍କ ଏକ ଦଳ ବିଲ୍ଡଥନରେ ଭାଗ ନେବ ଏବଂ ଭିଡିଓ ରୂପରେ ଆବେଦନ (ବିଚାର ଓ ପ୍ରୋଟୋଟାଇପ୍) ଉପସ୍ଥାପନ କରିବେ ।

# ଆଇପିଏସ୍‌ଙ୍କ ସୁଇସାଇଟ୍ ନୋଟ୍‌ରେ ସାଂଘାତିକ ତଥ୍ୟ



**ଚଣ୍ଡିଗଡ଼:** ଘର ଭିତରେ ନିଜକୁ ନିଜେ ଗୁଳି କରି ଜୀବନ ହାରିଥିବା ହରିୟାଣାର ବରିଷ୍ଠ ଆଇପିଏସ ୱାଇ ପୂରନ କୁମାରଙ୍କୁ ନେଇ ବଡ଼ ଖବର ଆସିଛି। ମଙ୍ଗଳବାର ଚଣ୍ଡିଗଡ଼ର ସେକ୍ଟର ୧୧ ସ୍ଥିତ ବାସଭବନରୁ ପୂରନ କୁମାରଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ଘଟଣାର ତଦନ୍ତ ଚାଲିଥିବା ବେଳେ ଆତ୍ମହତ୍ୟା ପୂର୍ବରୁ ପୂରନ କୁମାର ଲେଖିଥିବା ୮ ପୃଷ୍ଠାର ଚିଠି ପୁଲିସ୍ ହାତରେ ଲାଗିଛି । ଏଥିରେ ତାଙ୍କୁ କେମିତି ବରିଷ୍ଠ ପୁଲିସ ଅଧିକାରୀମାନେ ମାନସିକ ନିର୍ଯାତନା ଦେଉଥିଲେ, ତା'ର ବିସ୍ତୃତ ତଥ୍ୟ ରହିଛି । ମାନସିକ ନିର୍ଯାତନା ସହି ନ ପାରି ପୂରନ କୁମାର ନିଜ ସର୍ଭିସ ବନ୍ଧୁକରୁ ଗୁଳି ଚଳାଇ ଆତ୍ମହତ୍ୟା କରିଥିଲା । ଘରର ବେସମେଣ୍ଟରୁ କୁମାରଙ୍କ ମୃତଦେହକୁ ପ୍ରଥମେ ତାଙ୍କ ଝିଅ ଠାବ କରିଥିଲେ ।

ପୂରନ କୁମାରଙ୍କ ପତ୍ନୀ ଜଣେ ଆଇଏଏସ୍ । ଘଟଣା ବେଳେ ସେ ସରକାରୀ କାମରେ ଜାପାନରେ ଗସ୍ତରେ ଥିଲେ । ଖବର ପାଇ ଆଜି ସେ ଭାରତ ଫେରିଛନ୍ତି । ଏସବୁ ଭିତରେ ପୁଲିସକୁ ୮ ପୃଷ୍ଠାର ଚିଠି ମିଳିଛି । ଗୋଟିଏ ଲାଞ୍ଚ ମାମଲାରେ ଆଇପିଏସ୍ କୁମାରଙ୍କ ନାଁ ଯୋଡ଼ି ହେବାରୁ ଏହାକୁ ନେଇ ସେ ଚିନ୍ତାରେ ଥିଲେ । ଜଣେ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ତାଙ୍କ ନାଁକୁ ଲାଞ୍ଚ ମାମଲାରେ ଯୋଡ଼ା ଯାଇଥିଲା । ସୋମବାର ରୋହତକ ପୁଲିସ୍ ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ଆଧାରରେ ଗୋଟିଏ ଏଫଆଇଆର ରୁଜୁ କରିଥିଲା । କଣ୍ଟ୍ରାକ୍ଟର ଜଣଙ୍କ କହିଥିଲେ ଯେ ଆଇପିଏସ୍ ପୂରନ କୁମାରଙ୍କ ସହଯୋଗୀ ସୁଶୀଲ କୁମାର ତାଙ୍କୁ ଅଫିସରଙ୍କ ନାଁରେ ୨.୫ ଲକ୍ଷ ଟଙ୍କାର ଲାଞ୍ଚ ମାଗୁଛନ୍ତି । ମଦ କଣ୍ଟ୍ରାକ୍ଟରଙ୍କ ଅଭିଯୋଗ ପରେ ପୁଲିସ୍ ତୁରନ୍ତ ସୁଶୀଲ କୁମାରଙ୍କୁ ଗିରଫ କରିଥିଲା । ଏଥିସହ ଏଫଆଇଆରରେ ପୂରନ କୁମାରଙ୍କ ନାଁ ଯୋଡ଼ିଥିଲା । ତେବେ ଉକ୍ତ ଏଫଆଇଆର ଏଯାଏ ଅନଲାଇନରେ ଅପଲୋଡ ହୋଇନାହିଁ । ଏବେ ପୁଲିସ୍ ହାତରେ ଲାଗିଥିବା କୁମାରଙ୍କ ୮ ପୃଷ୍ଠାର ଚିଠରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସେ କହିଛନ୍ତି । ଏହା ପଛରେ ଥିବା ୧୦ ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କ ନାଁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛ ।

ଚିଠିରେ ସେ ଦାବି କରିଛନ୍ତି ଯେ ତାଙ୍କୁ ନିୟମିତ ଭାବେ ଅନେକ ବରିଷ୍ଠ ଅଧିକାରୀମାନେ ମାନସିକ ନିର୍ଯାତନା ଦେଇ ଚାଲିଥିଲେ । ସେମାନେ ମିଳିତ ଭାବେ ତାଙ୍କ ପୁଲିସ କ୍ୟାରିୟରକୁ ବରବାଦ କରିବାକୁ ଧମକ ଦେଇଥିଲେ । ବାରମ୍ବାର ସିନିୟରମାନେ ଏପରି କରୁଥିବାରୁ ଏହାକୁ ତାଙ୍କ ପକ୍ଷେ ସହିବା ଆଉ ସମ୍ଭବ ହେଉ ନଥିବା ମଧ୍ୟ ସେ ଚିଠିରେ ଲେଖିଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ସେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କୁ ଚିଠି ଲେଖି ଆଇପିଏସ୍ ଅଧିକାରୀଙ୍କୁ ମିଳୁଥିବା ପଦୋନ୍ନତି ଉପରେ ପ୍ରଶ୍ନ ଉଠାଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ଗାଇଡଲାଇନକୁ ଉଲ୍ଲଘଂନ କରି ପଦୋନ୍ନତି ଦିଆଯାଉଥିବା ମଧ୍ୟ ସେ କହିଥିଲେ ।ଏହାକୁ ନେଇ କିଛି ଆଇପିଏସ୍‌ଙ୍କ ସହ ତାଙ୍କର ତିକ୍ତତା ଲାଗି ରହିଥିଲା ।

# ସଞ୍ଜୁଙ୍କ ପ୍ରତି ଅନ୍ୟାୟ ହେଉନି ତ ?



ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଭାରତୀୟ କ୍ରିକେଟର ସଞ୍ଜୁ ସାମସନ ୧୯ ବର୍ଷରୁ କମ ବିଶ୍ୱକପରୁ ଏପର୍ଯ୍ୟନ୍ତ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ତେବେ ଭାରତୀୟ ଦଳରେ ତାଙ୍କୁ ଉପଯୁକ୍ତ ସୁଯୋଗ ଦିଆଯାଉ ନାହିଁ। ଯାହାକୁ ନେଇ ସଞ୍ଜୁଙ୍କ କ୍ୟାରିୟର ଦୋଛକିରେ। ୨୦୧୪ରେ ୧୯ ବର୍ଷରୁ କମ ବିଶ୍ୱକପରେ ଭାରତର ପ୍ରଦର୍ଶନ ସନ୍ତୋଷଜନକ ରହିନଥିଲା। ଏହି ବିଶ୍ୱକପ ପରେ ଭାରତକୁ ଶ୍ରେୟାସ ଆୟର, କୁଲଦୀପ ଯାଦବ ଓ ସଞ୍ଜୁଙ୍କ ପରି ଖେଳାଳି ଭାରତକୁ ଖେଳାଳି ମିଳିଥିଲେ। ସଞ୍ଜୁଙ୍କ ବିସ୍ଫୋରକ ବ୍ୟାଟିଂ ସମସ୍ତ ଦୃଷ୍ଟି ଆକର୍ଷଣ କରିଥିଲା। ପୁରଣଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ୧୩ ଛକା ମାରିଥିଲେ। ୨୦୧୩ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳିଥିଲେ। ଦୁଇଟି ସିଜନରେ ୨୪ ମ୍ୟାଚ ଖେଳିଥିଲେ। ଏଥିରେ ୨୨ଟି ଛକା ଓ ୪୪ଟି ଚୌକା ଥିଲା। ୨୦୧୫ରେ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ। ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ ଖେଳିଥିଲେ। ପୁଣି ୨୦୨୦ରେ ଆଇପିଏଲରେ ଭଲ ପ୍ରଦର୍ଶନ କରିବା ପରେ ତାଙ୍କୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ସୁଯୋଗ ମିଳିଥିଲା। ଏହା ସତ୍ତ୍ୱେ ସେ ନିୟମିତ ସଦସ୍ୟ ହୋଇପାରିନଥିଲେ। ମହେନ୍ଦ୍ର ସିଂ ଧୋନିଙ୍କ ପରେ ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କୁ ଯେତିକି ସୁଯୋଗ ଦିଆଯାଇଛି, ସାମସନଙ୍କୁ ସେତିକି ସୁଯୋଗ ମିଳିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ରେ ପନ୍ତଙ୍କ ସହ ସଞ୍ଜୁଙ୍କୁ ନିଆଯାଇଥିଲା। ମାତ୍ର ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ବେଞ୍ଚରେ ବସିଥିଲେ। ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର କୋଚ ହେବା ପରେ ସଞ୍ଜୁଙ୍କୁ ଓପନି ସୁଯୋଗ ମିଳିଛି। ୫ ମାସ ମଧ୍ୟରେ ସେ ୩ଟି ଶତକ ମାରିଥିଲେ।

# ଦିନିକିଆ ଫୁଟବଲ : ବରାହିପୁର ଚାମ୍ପିଅନ

କଣ୍ଟାପଡା,୮।୧୦(ସବ୍ୟୁ): କଣ୍ଟାପଡାବ୍ଲକ ଅନ୍ତର୍ଗତ ପ୍ରାଚୀ ଏକାଡମୀ ଖେଳପଡିଆରେ ଅଡଶପୁର ମିଟୁ ମେଡିସିନଷ୍ଟୋର ତରଫରୁ ଦ୍ୱିତିୟ ବର୍ଷ ଦିନିକିଆ ଫୁଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳର ମୋଟ ୮ଗୋଟି ବଛାବଛା ଦଳ ଯଥା ବରାହିପୁର, ବିଳାସୁଣୀ, ମହିନୀପୁର, ସାଇଁସ, ବଜାରସାହି, ଗବସ୍ତ, ଦିଗୀ ଓ ଅଡଶପୁର ଦଳ ଭାଗ ନେଇଥିଲେ ।ସେମିଫାଇନାଲ୍‌ରେ ବରାହିପୁରସାଇଁସକୁ ୧-୦ ଗୋଲରେ ପରାସ୍ତ କରିଥିବା ବେଳେ ଅଡଶପୁର ଗବସ୍ତକୁ ଟ୍ରାଇବେକର ମାଧ୍ୟମରେ ୪-୨ ଗୋଲରେ ହରାଇ ଫାଇନାଲକୁ ଉତ୍ତିର୍ଣ୍ଣ ହୋଇଥିଲା । ଫାଇନାଲରେ ବରାହିପୁର ଓ ଅଡଶପୁର ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତାରେ ବରାହିପୁର ଅଡଶପୁରକୁ ୧-୦ ଗୋଲରେ ହରାଇ ଚଳିତ ବର୍ଷ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା ।

## ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା

# ବଲାଙ୍ଗୀରକୁ ୧୦, ଭୁବନେଶ୍ୱରକୁ ୩ ପଦକ

## କ୍ରୀଡା ସାମ୍ବାଦିକ ବିମଳ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ଅଶୀଚାଳନା ସଂଘ ଆନୁକୁଲ୍ୟରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ଅଶୀଚାଳନା ପ୍ରତିଯାଗିତା ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ବିଜୟ ଦାସ, ନୟନ ମହାନ୍ତି, ଅଜୟ କୁମାର ବେହେରା, କିଶୋର ବେହେରା, ଅଶୋକ କୁମାର ସାହୁ, ପ୍ରସନ୍ନ ରାଉତ, ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

ବିଜୁ ପଟ୍ଟନାୟକ କ୍ରୀଡା ସାମ୍ବାଦିକ ପୁରସ୍କାରପ୍ରାପ୍ତ ବିମଳ କୁମାର ରାଉଳଙ୍କୁ ଅଶୀଚାଳନା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କୁ ଜାତୀୟ ଅଶୀଚାଳନା ସଂଘ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପକନିଷ୍ଠ ବାଳିକାବର୍ଗରେ ଇଫି ଇଭେଣ୍ଟରେ ବଲାଙ୍ଗୀରର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରର ହିମାଦ୍ରୀ ସୁନାନୀ ଦ୍ୱିତୀୟ, ସମ୍ବଲପୁରର ହର୍ଷିତା ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାବର ଇଭେଣ୍ଟରେ ବରନ୍ୟ ଗୌତମୀ ବରାଳ, ବଲାଙ୍ଗୀର ଆରୋଶୀ ସାହୁ, ପାୟଲ ବାରିକ ତୃତୀୟ ସ୍ଥାନରେ



ରହିଛନ୍ତି। ଫଏଲବର୍ଗରେ ଭୁବନେଶ୍ୱର ପ୍ରଜ୍ଞାନ ମହାନ୍ତି ପ୍ରଥମ, ଇସି ପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ ଓ ସାରିକା ପଟେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗର ସାବର ଇଭେଣ୍ଟରେ ବଲାଙ୍ଗୀର କାହ୍ନା ଗଡତିଆ ପ୍ରଥମ ସ୍ଥାନ, ଆକାଶ ପ୍ରଧାନ ଦ୍ୱିତୀୟ, ସୌମ୍ୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୂତି ଶଙ୍କର ପଟେଲ ପ୍ରଥମ ସ୍ଥାନ ଦିବ୍ୟାଂଶୁ ହାହାଲିଆ ଦ୍ୱିତୀୟ ଏବଂ ରୁଦ୍ରାଂଶ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଦିନ ବଲାଙ୍ଗୀର ୧୦ଟି ପଦକ ଜିତିଥିବା ବେଳେ ଭୁବନେଶ୍ୱରକୁ ୩ଟି ପଦକ ସଫଳତା ମିଳିଛି।


# ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳକୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୮।୧୦(ସବ୍ୟୁ): ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ସପ୍ତମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପରେ ଚାମ୍ପିଅନ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅତୁଳନୀୟ ଉତ୍ସାହ, ଶୃଙ୍ଖଳା ଏବଂ ଦଳଗତ କାର୍ଯ୍ୟ ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ଏହି ଦଳରେ ଥିବା ୩ ଜଣ ସଦସ୍ୟ ସଡକ ଦୁର୍ଘଟଣା ଯୋଗୁଁ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ଏହି ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚାମ୍ପିଅନ୍ ଦଳର ସମସ୍ତ ସଦସ୍ୟ କୋଚ୍ ଓ ମେଣ୍ଟରଙ୍କୁ ସମ୍ମାନୀତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ଆୟୁକ୍ତ ଅମିତାଭ ଠାକୁର, କ୍ରୀଡା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ପ୍ରମୁଖ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳର ଅଧିନାୟକ ଗୌତମ ସିଂଙ୍କ ସମେତ ବିକ୍ରମାଦିତ ଜେନା, ପ୍ରଶାନ୍ତ ନାୟକ, ସୁଜିତ କୁମାର ନନ୍ଦ, ଆକାଶ ବନଛୋର, ଲିଟନ ସାହୁ, ସୁଧୀର ମଲ୍ଲିକ, ମୁରଲୀ ବେନିଆ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏନ୍ ସମ୍ପାଦକ କମଲାକାନ୍ତ ରଥ ଉପସ୍ଥିତ ଥିଲେ।

# ମହିଳା ବିଶ୍ୱକପ୍ :ପାକିସ୍ତାନର ହ୍ୟାଟ୍ରିକ୍ ପରାଜୟ

କଲମ୍ବୋ,୮।୧୦(ଏଜେନ୍ସି): ଚଳିତ ମହିଳା ଦିନିକିଆ ବିଶ୍ୱକପରେ ପାକିସ୍ତାନର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ହ୍ୟାଟ୍ରିକ୍ ମ୍ୟାଚ ହାରିଛି। ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ପାକିସ୍ତାନ ୧୦୭ ରନ୍ ବ୍ୟବଧାନରେ ହାରିଯିବା ସହ ଏହି ଖରାପ ରେକର୍ଡର ଅଧିକାର ହୋଇଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ୱିକେଟ୍ ହରାଇ ୨୨୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୩୬.୩ ଓଭରରେ ୧୧୪ ରନ୍ କରି ଅଲଆଉଟ୍ ହୋଇଥିଲା। ୧୦୯ ରନର ଶତକୀୟ ଇନିଂସ ଖେଳିଥିବା ବେଥ ମୋନୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ୩ ମ୍ୟାଚରୁ ୫ ପଏଣ୍ଟ ସହ ଅଷ୍ଟ୍ରେଲିଆ ଟେବୁଲର ଶୀର୍ଷରେ ରହିଛି।




# ୧୪ରୁ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଭୁବନେଶ୍ୱର, ୮।୧୦(ସବ୍ୟୁ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୟୁନିଟ୍-୧ ଫୁଟବଲ ଏକାଡେମୀ ଖେଳ ପଡ଼ିଆରେ ୩ୟ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ୧୪ ତାରିଖରେ ଉଦଘାଟନୀ ଏବଂ ୨୩ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଭାଗ ନେବେ। ଦଳ ଗୁଡିକ ହେଲେ ୟୁନିଟ୍-୧ ବାଳକ ବିଦ୍ୟାଳୟ, ୟୁନିଟ୍-୩ ବାଳକ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ବିକାଶ ରେସିଡେନସିଆଲ ସ୍କୁଲ (କଣ୍ଟାବାଡ), ଓଡିଏମ୍ ପବ୍ଲିକ୍ ସ୍କୁଲ (ଗଣ୍ଡରପୁର) ଏବଂ ଜଟଣୀ ହାଇସ୍କୁଲ। ଟୁର୍ଣ୍ଣାମେଣ୍ଟ ନକଆଉଟ୍ ପର୍ଯ୍ୟାୟରେ ଖେଳାଯିବ। ବିଜୟୀ ଦଳକୁ କପ୍ ସହ ୧୫ ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା, ତୃତୀୟ ସ୍ଥାନ ଦଳକୁ ୭୦୦୦, ଚତୁର୍ଥ ସ୍ଥାନ ଦଳକୁ ୫୦୦୦ ଅର୍ଥ ରାଶି ଟଙ୍କା ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ମ୍ୟାନ୍ ଅଫ୍ ଦ ମ୍ୟାଚ, ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ। ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଭାପତି ନବରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଲାଇଟ୍ କମ୍ପାନୀ ପର୍ଯ୍ୟାବେକ୍ଷକ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିଆର ସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ କୁମାର ଦାସ, ଶ୍ରୀମନ୍ତ କୁମାର ମହାନ୍ତି, ମଧୁସୂଦନ ଦାସ, ମହେଶ୍ୱର ସିଂ, ପ୍ରଶାନ୍ତ ପ୍ରଧାନ, ପ୍ରଦୀପ କୁମାର ଦାସ, ଶଙ୍କର ପ୍ରତାପ ଦାସ, ବିଳାସ ଚନ୍ଦ୍ର ବେହେରା, ଅଶୋକ ରାଉତରାୟ ଓ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ପାଲଲହଡା କପ: ସେମିରେ ରାଉରକେଲା

ପାଲଲହଡା,୮।୧୦(ସବ୍ୟୁ): ଆଜିଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଉଦଘାଟନୀ ମ୍ୟାଚ ବହୁ ରୋମାଂଚିତ ଓ ଚିତାକର୍ଷକ ଥିଲା !ଆଜିର ଏହି ଚିତାକର୍ଷକ ଉଦଘାଟନୀ ମ୍ୟାଚର ଖେଳ ଝାରସୁଗୁଡା ଜୟ ଯବାନ ଫୁଟବଲ କ୍ଲବ ଓ ରାଉରକେଲାୟଙ୍ଗ ବଏଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପୂର୍ଣ ମ୍ୟାଚଟି ଉଭୟ ଦଳର ଏକ ଏକ ଗୋଲରେ ଖେଳ ଅମୀମାଂଶିତ ଥିଲା !ଶେଷରେ ଟାଇବ୍ରେକର ଜରିଆରେ ରାଉରକେଲାୟଙ୍ଗ ବଏଜ କ୍ଲବ ଏକାଦଶ ଝାରସୁଗୁଡା ଜୟ ଯବାନ କ୍ଲବ ଏକାଦଶକୁ ଚାରି ଶୂନ ଗୋଲରେ ପରାସ୍ତ କରି ସିଧାସଳଖ ପ୍ରଥମ ସେମିଫାଇନାଲ ଖେଳିବାକୁ ଏକ ମାତ୍ର ଦଳ ଭାବେ ବିବେଚିତ ହୋଇଛି !ଆଜିର ଉଦଘାଟନୀ ମ୍ୟାଚକୁ ରାଜ୍ୟସ୍ତରୀୟ ଖ୍ୟାତନାମା ରେଫରୀ ଦିଲ୍ଲୀପ ରାଉତ ଓ ସୁଜିତ ପାତ୍ର ପରିଚାଳନା କରୁଥିବାବେଳେ ସେମାନଙ୍କୁ ସହାୟତା ପ୍ରଦାନ କରୁଥିଲେ ଅନ୍ୟତମ ରେଫରୀ ଶଶିକାନ୍ତ ଦାସିଆ ଓ ସନ୍ତୋଷ ମାଝୀ !ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଫୁଟବଲ ଆସୋସିଏସନର ସଭାପତି ତଥା ବରିଷ୍ଠ ବିଜେପି ନେତା ଅରୁଣ କୁମାର ସାହୁ ସ୍ଵଓ୍ଵତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠି, ବରିଷ୍ଠ ବିଜେପି ନେତା ତଥା ବିଧାୟକ ଙ୍କ ପ୍ରତିନିଧି ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ସାଂସଦ ଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାଶ, ପ୍ରାକ୍ତନ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଙ୍କ ସମେତ କ୍ଲବର ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲ ପ୍ରମୁଖ ଯୋଗଦେଇ ଖେଳର ଶୁଭ ଉଦଘାଟନ କରି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ !




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି